# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-189 •BHUBANESWAR •WEDNESDAY •3 JANUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୮୯ •ଭୁବନେଶ୍ୱର •ବୁଧବାର •୩ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




ସଲ୍‌ମାନଙ୍କ ନାୟିକା ତ୍ରିଷା

▶ପୃଷ୍ଠା ୧୦ ଦେଖନ୍ତୁ...


DSPL-500

ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | 5T

‘ନବୀନ ଓଡ଼ିଶା’ର ବିକାଶ ଧାରାରେ ଆଜି ବିକଶିତ

## ବଲାଙ୍ଗିର ଜିଲ୍ଲା

ପରବର୍ତ୍ତୀ ପର୍ଯ୍ୟାୟର ରୂପାନ୍ତରଣ ॥ ଆଗଧାଡ଼ିର ବିକାଶ

### ଲୋକାର୍ପଣ

୨୭୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ
**ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ**

- ୫୨୮୪ କି.ମି. ଦୀର୍ଘ ଜଳସେଚନ ବ୍ୟବସ୍ଥା
- ୧ ଲକ୍ଷ ଏକର ସେଚ୍ୟାଞ୍ଚଳ
- ସୁବର୍ଣ୍ଣପୁର ସମେତ ବଲାଙ୍ଗିର ଜିଲ୍ଲାର ୨୦୦ରୁ ଅଧିକ ଗ୍ରାମର ୮୦ ହଜାରରୁ ଅଧିକ କୃଷକଙ୍କ ପାଇଁ ଜଳସେଚନ ସୁବିଧା
- ବଲାଙ୍ଗିର ଜିଲ୍ଲାର ୨ଟି ସହରାଞ୍ଚଳର ୭୦ ହଜାର ଜନସଂଖ୍ୟା ପାଇଁ ପାନୀୟ ଜଳ ବ୍ୟବସ୍ଥା

### ଉଦ୍‌ଘାଟନ

୩୦୫ କୋଟି ଟଙ୍କାର
୬୯ଟି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ

### ଭିତ୍ତିପ୍ରସ୍ତର

୨୨୨୦ କୋଟି ଟଙ୍କାର
୧୧୨ଟି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ









OIPR-32333/13/0007/2324

କୃଷି, ଜଳସେଚନ, ଜୀବିକା, ପାନୀୟ ଜଳ ଯୋଗାଣ ସହିତ
ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଆଜି ବିକାଶର ଆଗ ଧାଡ଼ିରେ ବଲାଙ୍ଗିର



LOWER SUKTEL DAM

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
**ଶୁଭାରମ୍ଭ**
୩ ଜାନୁଆରୀ ୨୦୨୪

ଜିଲ୍ଲା ପ୍ରଶାସନ, ବଲାଙ୍ଗିର

## ନିଶ୍ଚିନ୍ତକୋଇଲିରେ ମର୍ମନ୍ତୁଦ ଦୁର୍ଘଟଣା

# ବସ୍-ଟ୍ରକ୍ ମୁହାଁମୁହିଁ; ୩ ମୃତ, ୫ ଗୁରୁତର




**ନିଶ୍ଚିନ୍ତକୋଇଲି,୨।୧(ସମିସ):** କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ କଟରପଡ଼ା ସୁକରପଡ଼ା ମଧ୍ୟରେ ଥିବା କଳାପୋଲ ନିକଟରେ ମଙ୍ଗଳବାର ସକାଳୁ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଟ୍ରକ୍ ଚାଳକ ମୋହନ ଲାଲ (୪୦),

### ଘନ କୁହୁଡ଼ି ଦୁର୍ଘଟଣାର କାରଣ: ପରିବହନ କମିଶନର

ରାଜକନିକା ଥାନା ଓଡ଼ିଙ୍ଗିରା ଗ୍ରାମର ନଳିନୀକାନ୍ତ ଗାହାଣ (୨୨) ଓ କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଅନସୂୟା ବାରିକ(୨୧)। ସେହିପରି ଏହି ଦୁର୍ଘଟଣାରେ ୧୫ଜଣ ଯାତ୍ରୀ ଗୁରୁତର ହୋଇଥିଲେ। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ୫ଜଣ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଛି। ଏହି ଘଟଣାରେ ନିଶ୍ଚିନ୍ତକୋଇଲି ପୁଲିସ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଗାଡ଼ି ଦୁଇଟିକୁ ଜବତ କରିଛି। ମୃତ ବ୍ୟକ୍ତିମାନଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ପଠାଯାଇଛି। ଅପରପକ୍ଷେ, ଦୁର୍ଘଟଣା ପାଇଁ ଚାରି ଘଣ୍ଟା କାଳ ରାସ୍ତା ବନ୍ଦ ହୋଇଯାଇଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ଏ ସଂପର୍କରେ ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିର କାଗଜ ପତ୍ର ଠିକ୍ ରହିଛି। ଘନ କୁହୁଡ଼ି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବସ୍‌ରେ କ୍ଷମତାଠାରୁ ଅତ୍ୟଧିକ ଯାତ୍ରୀ ଯାଉଥିବା ଅଭିଯୋଗର ତଦନ୍ତ କରାଯିବ।

ସୂଚନାନୁଯାୟୀ, ମନୋରମା ନାମକ ଏକ ଯାତ୍ରୀବାହୀ ବସ୍ ଚାନ୍ଦବାଲିରୁ କଟକ ଅଭିମୁଖେ ୭୦ରୁ ଉର୍ଦ୍ଧ୍ୱ ଯାତ୍ରୀ ନେଇ ଯାଉଥିଲା। ବସ୍‌ଟି ଗୋଟିଏ ଗାଡ଼ିକୁ ଅତିକ୍ରମ କରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ୧୪ ଚକିଆ ଏକ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସମୟରେ ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ କ୍ଷେତରେ ଧାନ କାଟୁଥିବା ଲୋକମାନେ ଦୌଡ଼ି ଆସି ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ପୁଲିସ ପ୍ରଶାସନ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ନିଶ୍ଚିନ୍ତକୋଇଲି ପୁଲିସ ଓ ଦମକଳବାହିନୀର କର୍ମଚାରୀ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ଟ୍ରକ୍ ଚାଳକ ମୋହନ ଲାଲ ଗାଡ଼ି ଭିତରେ ଚାପି ହୋଇ ପ୍ରାଣ ହରାଇଥିଲେ। ବସ୍ ଚାଳକଙ୍କ ସହ ଜଣେ ଯୁବକ ଓ ମହିଳା ଯାତ୍ରୀ ବସ୍‌ରେ ଚାପି ହୋଇ ରହି ଯାଇଥିଲେ। କଟକରୁ ଉଦ୍ଧାରକାରୀ ଦଳ ପହଞ୍ଚି ଗ୍ୟାସ କଟର୍‌ରେ ବସ୍‌କୁ କାଟି ୩ଜଣଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ନଳିନୀକାନ୍ତ ଓ ଅନସୂୟାଙ୍କ ମୃତ୍ୟୁ ହୋଇଯାଇଥିଲା। ବସ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଥିଲା। ଦୁର୍ଘଟଣା ପରେ ବସ୍‌ର କଣ୍ଡକ୍ଟର୍, ହେଲପର୍ ଓ ଟ୍ରକ୍‌ର ହେଲପର୍ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ।

ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ, ତହସିଲଦାର, ବିଡିଓ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତଦାରଖ ଓ ତ୍ୱରାନ୍ୱିତ କରିଥିଲେ। ମୁଖ୍ୟ ଚିକିତ୍ସା ଅଧିକାରୀ ଅମିତ ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଚିକିତ୍ସାଦଳ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ତିନୋଟି ଥାନାର ଆଇଆଇସି ଏବଂ ପୁଲିସ କର୍ମଚାରୀ ଓ ଦମକଳବାହିନୀର କର୍ମଚାରୀ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

## ମୃତକଙ୍କ ପରିବାରକୁ ୩ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି

**ଭୁବନେଶ୍ୱର, ୨।୧(ସମିସ):** କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲିଠାରେ ସଡ଼କ ଦୁର୍ଘଟଣା ଯୋଗୁଁ ୩ ଜଣଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତକମାନଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ତିନିଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କୁ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଏସ୍‌ସିବିରେ ୫ ଚିକିତ୍ସାଧୀନ





**କଟକ, ୨।୧(ସମିସ):** ନିଶ୍ଚିନ୍ତକୋଇଲିରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ମୋଟ ୧୫ ଜଣ ଆହତ ଏସ୍‌ସିବି ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଥିଲେ। ସନ୍ଧ୍ୟା ସୁଦ୍ଧା ୫ଜଣ ଚିକିତ୍ସାଧୀନ ଥିବା ବେଳେ କେତେକଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ୟ କେତେକ ଆହତ ସ୍ୱଇଚ୍ଛାରେ ଏସ୍‌ସିବିରୁ ଚାଲି ଯାଇଥିବା ନେଇ ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ପ୍ରଥମେ ଟ୍ରମା କାଜୁଆଲିଟିରେ ଭର୍ତ୍ତି କରାଯାଇଥିଲା। ଆହତମାନେ ହେଲେ, ରୋଶନ ସାହୁ, ସେଖ ସବୀର, ଅଜୟ କୁମାର ମହାନ୍ତି, ସଂଘମିତ୍ରା ରାଉତ, ଅସରଦୁଲ୍ଲା ଖାନ, ତରୁଣ କୁମାର ଭୋଇ, ରଞ୍ଜନ ରାଉତରାୟ, ବସନ୍ତ ସେଠୀ, ରାଜକିଶୋର ବାରିକ, ଅଲତାବ ରାଜା, ସ୍ମୃତି ରଞ୍ଜନ ମହାନ୍ତି, ଆଶୀର୍ବାଦ ଦାସ, ସ୍ୱରୂପମା ଦଳାଇ, ଶୁଭ୍ରଜିତ ଦଳାଇ ଓ ନିରୂପମା ସାହୁ। ଏମାନଙ୍କ ଭିତରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ଟ୍ରମା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନା, ମେୟର ସୁବାଷ ସିଂହ, ଜିଲ୍ଲାପାଳ ନରହରି ସେଠୀ, ବିଧାୟକ ସୌଭିକ ବିଶ୍ୱାଳ, ପରିବହନ କମିଶନର ଅମିତାଭ ଠାକୁର, ଡେପୁଟି ମେୟର ଦମୟନ୍ତୀ ମାଝୀ ପ୍ରମୁଖ ଏସ୍‌ସିବିରେ ପହଞ୍ଚି ଆହତଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଆହତମାନଙ୍କୁ କିପରି ଉନ୍ନତ ଚିକିତ୍ସା ସେବା ମିଳିବ ଏ ବାବଦରେ ଏସ୍‌ସିବିର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

● ନୂଆବର୍ଷର ପ୍ରଥମ ରାତିରେ ବିଶ୍ରା ପର୍ଯ୍ୟଟନସ୍ଥଳୀରେ ଗୁଳିକାଣ୍ଡ

## ବଡ଼ଭାଇ ଗୁଳିରେ ସାନର ମୃତ୍ୟୁ

**ରାଉରକେଲା,୨।୧(ସମିସ):** ନୂଆବର୍ଷର ପ୍ରଥମ ରାତିରେ ବଣଭୋଜି କରୁଥିବା ବେଳେ ବଡ଼ଭାଇ ଧରିଥିବା ଏକ ଦେଶୀ ପିସ୍ତଲରୁ ଗୁଳି ଫୁଟି ସାନଭାଇର ମୃତ୍ୟୁ ହୋଇଛି। ମୃତକ ହେଲେ, ବିଶ୍ରା ଥାନା ତେତେରକେଲା ଗ୍ରାମର କ୍ଷୀରଧର ସିଂ (୨୬)। ଏହି ଘଟଣାରେ ବିଶ୍ରା ଥାନା ପୁଲିସ ଅଭିଯୁକ୍ତ ବଡ଼ଭାଇ ଉମେଶ ସିଂ (୨୮)ଙ୍କୁ ଗିରଫ

■ ଅଭିଯୁକ୍ତ ଗିରଫ, ୨ ଅଟକ
■ ପିସ୍ତଲ ରଖିଥିବା ଯୁବକ ଫେରାର୍



କରିଛି। ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତେବେ ଦେଶୀ ପିସ୍ତଲ ରଖିଥିବା ତେତେରକେଲାର ଗୌରାଙ୍ଗ ଗୋପ ଫେରାର୍ ହୋଇଯାଇଛି। ରାଉରକେଲାଠାରୁ ୨୦ କିଲୋମିଟର ଦୂର କୋଏଲ ନଦୀର ବିଶ୍ରା ଥାନା ଅନ୍ତର୍ଗତ ତେତେରକେଲା ଘାଟ ବଣଭୋଜିସ୍ଥଳରେ ସୋମବାର ରାତିରେ ଏହି ଘଟଣା ଘଟିଛି।

ସୂଚନା ମୁତାବକ, ତେତେରକେଲା ଘାଟସ୍ଥିତ ଭରତ ମାହାତୋଙ୍କ ବାଲିଘାଟରେ ନବବର୍ଷର ପ୍ରଥମ ସଂଧ୍ୟାରେ ତେତେରକେଲାର ୫ଜଣ ଯୁବକ ବଣଭୋଜି କରୁଥିଲେ। ସେମାନଙ୍କ ମଧ୍ୟରୁ ଗୌରାଙ୍ଗ ଗୋପ୍ ନିଜ ପାଖରେ ଏକ ଦେଶୀ ପିସ୍ତଲ ରଖିଥିଲେ। ଅଭିଯୁକ୍ତ ଉମେଶଙ୍କ କହିବା ଅନୁଯାୟୀ, ଭୋଜି ଖାଇସାରିବା ପରେ ରାତି ପ୍ରାୟ ୯ ଟାରେ ଉମେଶ ଗୌରାଙ୍ଗଠାରୁ ଉକ୍ତ ପିସ୍ତଲ ଆଣି କିପରି ଫୁଟିଛି ବୋଲି ଦେଖୁଥିବା ବେଳେ ୪ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ଏହି ସମୟରେ ଉମେଶ ପଛପଟକୁ ପିସ୍ତଲ କରି ଏକ ରାଉଣ୍ଡ ଟ୍ରିଗର୍ ଚିପି ଦେଇଥିଲେ। ସେତିକିବେଳେ ପଛପଟେ ଠିଆ ହୋଇଥିବା ତାଙ୍କ ସାନଭାଇ କ୍ଷୀରଧର ସିଂ ଓରଫ୍ ସୂର୍ଯ୍ୟାଙ୍କ ଛାତିରେ ଗୁଳିଟି ପଶି ପିଠିପଟେ ବାହାରିଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତତ୍‌କ୍ଷଣାତ୍ ତାଙ୍କୁ ଆଇଜିଏଚ୍ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଗୌରାଙ୍ଗ ଫେରାର ହୋଇଯାଇଥିବା ଜଣାଯାଇଛି। ପୁଲିସ ଉମେଶଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନାଯୋଗ୍ୟ, ମୃତ କ୍ଷୀରଧର ବାଲିଘାଟରେ ଭରତ ମାହାତୋଙ୍କ ପାଖରେ କାମ କରୁଥିଲେ।

ରାଉରକେଲାରୁ ସାଇଣ୍ଟିଫିକ୍ ଟିମ୍, ଜୋନାଲ ଡିଏସପି ଅନୀଲ କୁମାର ପ୍ରଧାନ, ବିଶ୍ରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ୪ଟି ଖୋକା ଜବତ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ତେବେ ଏହି ଗୁଳିକାଣ୍ଡ ପଛରେ ଉମେଶଙ୍କ ଅସାବଧାନତା ନା ଅନ୍ୟ କିଛି କାରଣ ଲୁଚି ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ବନ୍ଧୁକ ରଖିଥିବା ଗୌରାଙ୍ଗ ଇତିମଧ୍ୟରେ ରେଲୱେରେ ଚାକିରି ପାଇଥିଲେ। ଚାକିରିରେ ଯୋଗଦେବା ପୂର୍ବରୁ ବେଆଇନ ବନ୍ଧୁକ ରଖିବା ପରି ମାମଲାରେ ଫସିଯିବାରୁ ଏବେ ତାଙ୍କ ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ଆଡ଼କୁ ଠେଲି ହୋଇଯାଇଛି।

## ଆଉ ଦୁଇ ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୨।୧(ସମିସ):** ଆହୁରି ଦୁଇ ଦିନ କଲବଲ କରିବ ଘନ କୁହୁଡ଼ି। ରାଜ୍ୟକୁ ବର୍ତ୍ତମାନ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟର ଅନେକ ସ୍ଥାନରେ ଘନକୁହୁଡ଼ି ସୃଷ୍ଟି ହେଉଛି। କୁହୁଡ଼ି ଯୋଗୁଁ ଗତ ୨୪ ଘଣ୍ଟାରେ ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ଦୂରତା ଯଥେଷ୍ଟ ହ୍ରାସ ପାଇଥିଲା। ଢେଙ୍କାନାଳରେ ଦୃଶ୍ୟମାନ ଦୂରତା ସର୍ବନିମ୍ନ ୩୦ ମିଟର ଥିବା ବେଳେ ତାଳଚେର ୪୦ ମିଟର, ସୋନପୁର, ଫୁଲବାଣୀ, କୋରାପୁଟ ଓ ଖୋର୍ଦ୍ଧାରେ ୫୦ମିଟର ଲେଖାଏଁ, କଟକରେ ୮୦ ମିଟର, ଅନୁଗୁଳରେ ୧୦୦ ମିଟର କେନ୍ଦ୍ରାପଡ଼ାରେ ୧୫୦ମିଟର ରହିଥିବା ପାଣିପାଗ କେନ୍ଦ୍ର କହିଛି। ଏହାବ୍ୟତୀତ ଆଉ କିଛି ସ୍ଥାନରେ ବି ମଧ୍ୟମଧରଣର କୁହୁଡ଼ି ହୋଇଥିବା ଜଣାପଡ଼ିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ରାତିରୁ ଗୁରୁବାର ସୁଦ୍ଧା ଅନୁଗୁଳ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କନାଳ, କଟକ, ନୟାଗଡ଼, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟରେ ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା କଟକ, ଜଗତସିଂହପୁର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ଢେଙ୍କାନାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେଘନକୁହୁଡ଼ିଆଶଙ୍କାରହିଛି।ତେଣୁଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି।

ଅନ୍ୟପଟେ ରାଜ୍ୟରେ ବର୍ତ୍ତମାନ ଶୀତର ପ୍ରକୋପ ବିଶେଷ ଅନୁଭୂତ ହେଉନାହିଁ। ଅଳ୍ପ କିଛି ଅଞ୍ଚଳରେ ଶୀତ ଅନୁଭୂତ ହେବା ସହ ବହୁ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ଉପରେ ରହୁଛି। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାକୁ ନ ଥିବାରୁ ଏଭଳି ସ୍ଥିତି ଜାରି ରହିବ।

## ରାଜପଥରେ 'କାଳ' କୁହୁଡ଼ି

**ଭୁବନେଶ୍ୱର,୨।୧(ସମିସ):** ଗାଡ଼ି ଚାଳକଙ୍କ ପାଇଁ କାଳ ସାଜୁଛି ଘନ କୁହୁଡ଼ି। ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ଯୋଗୁଁ ବଢ଼ୁଛି ଦୁର୍ଘଟଣା। ମଧ୍ୟରାତ୍ରିରୁ ସକାଳ ପର୍ଯ୍ୟନ୍ତ କୁହୁଡ଼ିର ପ୍ରକୋପ ଅଧିକ ରହୁଛି ଓ ଏହି ସମୟରେ ଅଧିକ ଦୁର୍ଘଟଣାମାନ ଘଟୁଛି। ବିଳମ୍ବିତ ରାତିରୁ ଭୋର୍ ପର୍ଯ୍ୟନ୍ତ କୁହୁଡ଼ିର ଘନତା ବୃଦ୍ଧି ଗାଡ଼ିଚାଳକଙ୍କ

■ ଡିସେମ୍ବର-ଜାନୁଆରୀରେ ସର୍ବାଧିକ ଦୁର୍ଘଟଣା
■ ବାର୍ଷିକ ହାରାହାରି ୨୦ % ମୃତ୍ୟୁ ଏହି ୨ ମାସରେ
■ କାର୍ଯ୍ୟକାରୀ ହେଉନାହିଁ ଏସ୍‌ଆରସିଙ୍କ ନିର୍ଦ୍ଦେଶ

ସାମାନ୍ୟ ଅସାବଧାନତା ବଡ଼ ଦୁର୍ଘଟଣାକୁ ଡ଼ାକି ଆଣୁଛି। ଗତ ରବିବାର ଏକାଧିକ ସ୍ଥାନରେ ଦୁର୍ଘଟଣା ଯୋଗୁଁ ୮ ଜଣଙ୍କ ଜୀବନ ଯାଇଥିଲା। ଏବେ ନିଶ୍ଚିନ୍ତକୋଇଲି ଦୁର୍ଘଟଣାରେ ୩ ଜଣଙ୍କ ପ୍ରାଣହାନି ସହ ଏକାଧିକ ଯାତ୍ରୀ ଗୁରୁତର ଆହତ ହୋଇଛି। ପ୍ରାଥମିକ ତଦନ୍ତ ବେଳେ ଘନ କୁହୁଡ଼ି ଯୋଗୁଁ ଏହି ସବୁ ଦୁର୍ଘଟଣା ଘଟୁଥିବା ସୂଚନା ମିଳିଛି।

ସାଧାରଣତଃ ଡିସେମ୍ବରରୁ ଫେବ୍ରୁଆରୀ ମାସ ପର୍ଯ୍ୟନ୍ତ କୁହୁଡ଼ିର ପ୍ରକୋପ ଅଧିକ ରହିଥାଏ। ଅନୁରୂପ ଭାବରେ ପିକ୍‌ନିକ୍ ଋତୁ ପାଇଁ ଏହି ସମୟରେ ଅଧିକ ଗାଡ଼ି ଚଳାଚଳ ହୋଇଥାଏ। ଅଧିକାଂଶ ପିକ୍‌ନିକ୍ ଗାଡ଼ି ରାତିରେ ଯାତ୍ରା କରୁଥିବା ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ଆହୁରି ବୃଦ୍ଧି ପାଇଥାଏ। ଗତ ୨୦୧୯ ମସିହାରେ କେବଳ ଡିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟରେ ସଡ଼କ ଦୁର୍ଘଟଣା ଯୋଗୁଁ ୧୦୦୮ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଭଳି ୨୦୨୦ରେ ଏହି ଦୁଇ ମାସରେ ୧୧୦୦ ଜଣ ପ୍ରାଣ ହରାଇଥିଲେ। ୨୦୨୧ରେ ୧୦୩୧ ଜଣ ଓ ୨୦୨୨ରେ ୯୯୧ଜଣଙ୍କ ଏହି ଦୁଇମାସରେ ମୃତ୍ୟୁବରଣ କରିଥିଲେ। ପ୍ରତି ବର୍ଷ ରାଜ୍ୟରେ ହେଉଥିବା ମୋଟ ଦୁର୍ଘଟଣା ଜନିତ ମୃତ୍ୟୁର ୨୦% କେବଳ ଏହି ଦୁଇମାସରେ ହିଁ ହେଉଛି।

ପାଣିପାଗ କେନ୍ଦ୍ର ୫ ଦିନ ପୂର୍ବରୁ କୁହୁଡ଼ି ସଂକ୍ରାନ୍ତ ସତର୍କ ସୂଚନା ଜାରି କରୁଛି। ଏହାକୁ ଆଧାର କରି କୁହୁଡ଼ି ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଉଛନ୍ତି। ଏହାସହିତ ରାଜପଥରେ ଦୁର୍ଘଟଣା ଏଡ଼ାଇବା ପାଇଁ ସ୍ଥାନୀୟ ପୁଲିସ୍ ଓ ପରିବହନ ବିଭାଗର ଆଧିକାରୀମାନେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କହୁଛନ୍ତି। ମାତ୍ର ରାଜ୍ୟର କୌଣସି ସ୍ଥାନରେ କୁହୁଡ଼ିରୁ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ପରିବହନ କିମ୍ବା ପୁଲିସ ସେଭଳି କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଦୁର୍ଘଟଣା ଯୋଗୁଁ ହେଉଥିବା ଜୀବନହାନୀ ରୋକିବା ନିମନ୍ତେ ଯତ୍ନବାନ ହେବାକୁ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ଆଇନଜୀବୀ ସୁବ୍ରତ ନନ୍ଦ କହିଛନ୍ତି ଯେ ରାଜ୍ୟର କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ସେମାନଙ୍କୁ ଗୋଲ୍ଡେନ୍ ଆୱାର୍ ମଧ୍ୟରେ ହସ୍ପିଟାଲ ପହଞ୍ଚାଇବା ବର୍ତ୍ତମାନ ସରକାରଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ରହିଛି। ତେଣୁ ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ। ଏହାସହିତ କୁହୁଡ଼ି ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ ସହ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ପାଇଁ ସେ ପରାମର୍ଶ ଦେଇଛନ୍ତି।

■ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା

## ମହାପ୍ରଭୁଙ୍କ ପାଖକୁ ଆସିଲା ନିମନ୍ତ୍ରଣ



**ପୁରୀ, ୨।୧(ସମିସ):** ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ ଆଜି ଶ୍ରୀକ୍ଷେତ୍ରରେ ପହଞ୍ଚିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଯୋଧ୍ୟା ଅଭ୍ୟର୍ଥନା କମିଟି ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ମଙ୍ଗଳବାର କମିଟି ସଦସ୍ୟ ଗୁଆ, ଅରୁଆ ଚାଉଳ, ଶ୍ରୀଫଳ, ପାନ, ଗାମୁଛା ଓ ନିମନ୍ତ୍ରଣପତ୍ର ଆଣି ପୁରୀରେ ପହଞ୍ଚିଥିଲେ। ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇ ଭିତରକୁ ନିଆଯାଇଥିଲା। ପରେ କମିଟି ସଦସ୍ୟ ଖୁଣ୍ଟିଆ ସେବାୟତଙ୍କୁ ନିମନ୍ତ୍ରଣପତ୍ର ବଢ଼ାଇ ଦେଇଥିଲେ। ଖୁଣ୍ଟିଆ ସେବାୟତ ନିମନ୍ତ୍ରଣପତ୍ର ନେଇ ରତ୍ନସିଂହାସନରେ ଛୁଆଁଇବା ପରେ ପାଠ କରିଥିଲେ। ମହାପ୍ରଭୁଙ୍କ ଭେଟି ସ୍ୱରୂପ ଗୁଆ ଏବଂ ଲାଗି ଫୁଲ ତୁଳସୀ କମିଟିକୁ ପ୍ରଦାନ କରାଯିବା ପରେ ସେମାନେ ବିଦାୟ ଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୨ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି।

### ଲୋକକଥା




ନୂଆ ବରଷରେ 'ମେଟ୍ରୋ'ର ଭିତ୍ତି
ବଢ଼ିବ ବିକାଶ ଗତି,
ନିର୍ବାଚନ ଯେତେ ପାଖେଇ ଆସୁଛି
ଥରଇ ବିରୋଧୀ ଛାତି ।
ଚିନ୍ତାରେ କଟୁଛି ରାତି,
ଅପନିନ୍ଦା ଛାଡ଼ି କାମ ନ କରିଲେ
ନାହିଁ ତାଙ୍କ ଗତିମୁକ୍ତି ।।

## 'ପରିକ୍ରମା'ଲୋକାର୍ପଣ ଆଉ ୧୪ ଦିନ

# ପୁଷ୍କରିଣୀ ପ୍ରାଚୀରରେ ପ୍ରାଚୀନ ଆଲେଖ୍ୟ

**ପୁରୀ,୨।୧(ସମିସ):** ଆଧ୍ୟାତ୍ମିକ ସହର ପୁରୀ। ଅନେକ ପୁରାତନ ମଠ, ମନ୍ଦିରକୁ ନେଇ ଏହାର ସଂସ୍କୃତି ବେଶ୍ ସମୃଦ୍ଧ। ଏଥିସହ ଶ୍ରୀକ୍ଷେତ୍ରରେ ରହିଛି ଅନେକ ପ୍ରାଚୀନ ତୀର୍ଥ ପୁଷ୍କରିଣୀ। ବୃହତ୍‌କାୟ ଏହି ଜଳାଶୟଗୁଡ଼ିକ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେହିପରି ବହୁ ତୀର୍ଥ ପୁଷ୍କରିଣୀ ଶ୍ରୀମନ୍ଦିର ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ନୀତି ସହ ମଧ୍ୟ ଜଡ଼ିତ। ଏବେ ଏହି ତୀର୍ଥ ପୁଷ୍କରିଣୀଗୁଡ଼ିକୁ ନୂଆ ରୂପ ଦିଆଯାଉଛି। ପୁଷ୍କରିଣୀ ପ୍ରାଚୀରରେ ପ୍ରାଚୀନ ଆଲେଖ୍ୟ ବଖାଣିବ ଶ୍ରୀକ୍ଷେତ୍ରର ମହିମା। ପରିକ୍ରମା ପ୍ରକଳ୍ପ ସହିତ ଶ୍ରୀକ୍ଷେତ୍ରର ଶ୍ରୀବୃଦ୍ଧିରେ ପ୍ରମୁଖ ଯୋଗଦାନ ରଖିବ ଏହି ତୀର୍ଥ ପୁଷ୍କରିଣୀ। ଦ୍ରୁତଗତିରେ ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ କାମ ଆଗେଇ ଚାଲିଛି। ଆଉ ୩/୪ ମାସ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ ରୂପ ନେଲେ ଭକ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ।

ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର ଏବଂ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀକୁ ବୁଲି ଦେଖିଥାନ୍ତି। କେହି କେହି ମାନସିକ ରଖି ତୀର୍ଥ ପୁଷ୍କରିଣୀ କୂଳରେ ତିଳତର୍ପଣ, ମୁଣ୍ଡନ ଆଦି କରିଥାନ୍ତି। ତୀର୍ଥ ପୁଷ୍କରିଣୀ ସହ ଅନେକ ଭକ୍ତି ଓ ବିଶ୍ୱାସ ଯୋଡ଼ି ହୋଇ ରହିଛି। ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ଉଦ୍ୟମ ଜାରି ରଖିଥିବା ବେଳେ ଏଥିରେ ତୀର୍ଥ ପୁଷ୍କରିଣୀକୁ ମଧ୍ୟ ସାମିଲ କରିଛନ୍ତି। ପଞ୍ଚତୀର୍ଥ ମଧ୍ୟରୁ ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ସହ ଅନ୍ୟତମ ତୀର୍ଥ ପୁଷ୍କରିଣୀ ନରେନ୍ଦ୍ରର





ସୌନ୍ଦର୍ଯ୍ୟୀକରଣ ଏବଂ ପୁନରୁଦ୍ଧାର କରାଯାଉଛି। ଏଥିପାଇଁ ଅବଢ଼ା ଯୋଜନାରେ ୬୬କୋଟି ୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) କାମ କରୁଛି। ଏଠାରେ ଦଶାହ କାର୍ଯ୍ୟ, ଚୁଟି ପକାଇବା ଓ ପିଣ୍ଡଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଖରା, ବର୍ଷା ହେଲେ ବି ଶ୍ରଦ୍ଧାଳୁମାନେ କୌଣସି ପ୍ରକାର ସମସ୍ୟାରେ ପଡ଼ିବେ ନାହିଁ। ପୁଷ୍କରିଣୀଗୁଡ଼ିକୁ ସଂଯୋଗ କରୁଥିବା ରସ୍ତା ସମ୍ପ୍ରସାରଣ ସହିତ ଚାରିପାଖରେ ଉଜ୍ଜ୍ୱଳ ଆଲୋକୀକରଣ କରାଯିବ। ସେହିପରି ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଫୁଲ କୁଣ୍ଡ ଶୋଭାବର୍ଦ୍ଧନ କରିବ। ୨୦୨୨ ଜୁନ୍‌ରୁ କାମ ଆରମ୍ଭ କରାଯାଇଥିବା ବେଳେ ଏବେ ଦ୍ରୁତଗତିରେ ଚାଲିଛି। ମଝିରେ ଖଣ୍ଡୋଲାଇଟ୍ ପଥରର ଅଭାବ ଯୋଗୁ କାମ ସାମାନ୍ୟ ବିଳମ୍ବ ହୋଇଥିବା ବେଳେ ଏବେ ଜୋର୍‌ଦାର କରାଯାଉଛି।

ତିନୋଟି ପୁଷ୍କରିଣୀ ଜଳକୁ ବିଶୋଧନ କରାଯାଇଥିବା ବେଳେ ମାର୍କଣ୍ଡ ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ଭାବେ ଶୁଖାଯାଇଥିଲା। ଏଥିରୁ ପଙ୍କ ଏବଂ ବାଲି ପ୍ରାୟ ୨ ମିଟର ବାହାର କରାଯାଇଛି। ସେହିପରି ତୀର୍ଥ ପୁଷ୍କରିଣୀକୁ ଆକର୍ଷଣୀୟ କରିବା ପାଇଁ ପାଚେରି ଗାତ୍ରରେ ସେଇ ପୁଷ୍କରିଣୀର ଐତିହ୍ୟକୁ ସ୍ଥାନିତ କରାଯାଉଛି। କୁଶଳୀ କାରିଗରମାନଙ୍କ ଦ୍ୱାରା ଖଣ୍ଡୋଲାଇଟ୍ ପଥରରେ ବିଭିନ୍ନ ଐତିହ୍ୟକୁ ଖୋଦେଇ କରି ବସାଯାଉଛି। ବିଶେଷକରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ତୀର୍ଥ ପୁଷ୍କରିଣୀର ମାହାତ୍ମ୍ୟକୁ ନେଇ କଳାକୃତି ପ୍ରସ୍ତୁତ କରାଯାଇ ପାଚେରିରେ ଲଗାଯାଉଛି। ନରେନ୍ଦ୍ର ପୁଷ୍କରିଣୀ ପାଚେରିରେ ଠାକୁରଙ୍କ ବିଭିନ୍ନ ବେଶ, ଦଶାବତାର ମୂର୍ତ୍ତି, ସାହିଯାତ ପ୍ରଭୃତି ଲଗାଯାଇଛି।

### ନୂଆ ରୂପରେ ତୀର୍ଥ ପୁଷ୍କରିଣୀ

କେବଳ ସେତିକି ନୁହେଁ, ରଥଯାତ୍ରାର କାଠ ଅନୁକୂଳଠାରୁ ଆରମ୍ଭ କରି ରଥଖଳା, କମାରଶାଳ, ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି, ମହାପ୍ରଭୁଙ୍କ ବିଭିନ୍ନ ଲୀଳାକୁ ମଧ୍ୟ ସ୍ଥାନ ଦିଆଯାଉଛି। ଏହି ପାଚେରିରୁ ହିଁ ଭକ୍ତ, ପର୍ଯ୍ୟଟକ ସମ୍ପୃକ୍ତ ପୁଷ୍କରିଣୀର ଐତିହ୍ୟ ଏବଂ ମାହାତ୍ମ୍ୟ ଜାଣିପାରିବେ। ସେହିପରି ପୁଷ୍କରିଣୀକୁ ଯାଇଥିବା ପାହାଚଗୁଡ଼ିକ ଖଣ୍ଡୋଲାଇଟ୍ ପଥରରେ ଚଉଡ଼ା କରାଯାଉଛି। ଭକ୍ତ, ପର୍ଯ୍ୟଟକ ଯେପରି ପୁଷ୍କରିଣୀ ଚତୁଃପାର୍ଶ୍ୱ ବୁଲିପାରିବେ ସେଥିପାଇଁ ୨ ମିଟର ଓସାରର ପରିକ୍ରମା ରାସ୍ତା କରାଯାଉଛି। କେହି ଯେମିତି ପୋଖରୀକୁ ଖସି ନଯିବେ, ସେଥିପାଇଁ କାଷ୍ଟ ଆଇରନ୍‌ର ରେଲିଂ ମଧ୍ୟ ଲଗାଯାଉଛି। ବସିବା ପାଇଁ ବେଞ୍ଚ ସ୍ଥାପନ ହେଉଛି। ଫୁଲକୁଣ୍ଡ, ଆଲୋକୀକରଣ (ହାଇମାଷ୍ଟ ଏବଂ ଏଲ୍‌ଇଡି) ସାଙ୍ଗକୁ ପାନୀୟ ଜଳ, ଶୌଚାଳୟ ଆଦି ସବୁ ପ୍ରକାର ସୁବିଧା କରାଯିବାର ଯୋଜନା ରହିଛି। ଏଠାକୁ ଆସୁଥିବା ଭକ୍ତ, ଦର୍ଶନାର୍ଥୀ ଓ ପର୍ଯ୍ୟଟକ ଯେପରି ସ୍ୱତନ୍ତ୍ର ଅନୁଭୂତି ସାଉଣ୍ଟିବେ, ତାହାକୁ ନଜରରେ ରଖି ତୀର୍ଥ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟୀକରଣ କରାଯାଉଛି।

ଏ ସମ୍ପର୍କରେ ଓବିସିସି ଅଧିକାରୀ ଶ୍ରୀଧର ରାଉତ କହିଛନ୍ତି, ୪ଟି ଯାକ ତୀର୍ଥ ପୁଷ୍କରିଣୀର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟୀକରଣ କାମ ଦ୍ରୁତ ଗତିରେ ଚାଲିଛି। ମଝିରେ ଖଣ୍ଡୋଲାଇଟ୍ ପଥର ଅଭାବ ଯୋଗୁ କାମରେ ସାମାନ୍ୟ ବିଳମ୍ବ ହୋଇଥିଲା। ଆସନ୍ତା ଏପ୍ରିଲ କିମ୍ବା ମେ' ସୁଦ୍ଧା ଏହା ପୂର୍ଣ୍ଣାଙ୍ଗ ହୋଇଯିବ। ଅନ୍ୟପକ୍ଷରେ ପୁରୀକୁ ଭକ୍ତଙ୍କ ଆଗମନ ବୃଦ୍ଧି ପାଉଥିବା ବେଳେ ତୀର୍ଥ ପୁଷ୍କରିଣୀର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ସରକାରଙ୍କ ପକ୍ଷରୁ କରାଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି ଭକ୍ତ ଓ ପର୍ଯ୍ୟଟକ।



ସ୍ପିନ୍ ବୋଲିଂର ନୂଆ ସମ୍ଭାବନା ସୁମିତ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


♦VOLUME- 41 ♦ISSUE-189 ♦BHUBANESWAR ♦WEDNESDAY ♦3 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୮୯ ♦ଭୁବନେଶ୍ୱର ♦ବୁଧବାର ♦୩ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


## ରୂପାନ୍ତରଣର 'ନବୀନ' ଗ୍ୟାରେଣ୍ଟି

# ସତହେଲା 'ସୁକ୍‌ତେଲ' ସ୍ୱପ୍ନ

### ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ




### ପ୍ରକଳ୍ପକୁ ପୁନର୍ଜୀବନ ଦେଇଛି '୫-ଟି' ଉପକ୍ରମ

■ ବଲାଙ୍ଗିର, ୨।୧ (ସମିସ): ସାରା ରାଜ୍ୟରେ ଚାଲିଛି ରୂପାନ୍ତରଣର ଉତ୍ସବ। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, କୃଷି, ଯୋଗାଯୋଗ, ପରିବହନ ଆଦି ପ୍ରତ୍ୟେକ କ୍ଷେତ୍ରରେ ରୂପାନ୍ତରଣ ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଦେଇଛନ୍ତି ରୂପାନ୍ତରଣ ଗ୍ୟାରେଣ୍ଟି। ଏହି କ୍ରମରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାବାସୀଙ୍କ ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଲୋକାର୍ପଣ କରିବେ। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଲକ୍ଷାଧିକ ଏକର ଜମି ଜଳସେଚିତ ହୋଇ ପାରିବ ଏବଂ ବଲାଙ୍ଗୀର ଜିଲ୍ଲାର ଦୁଇଟି ସହରାଞ୍ଚଳର ଲକ୍ଷାଧିକ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରକଳ୍ପରୁ ଭୂତଳ ପାଇପ ଯୋଗେ ଜଳସେଚନ ବ୍ୟବସ୍ଥା କରାଯିବ, ଯଦ୍ୱାରା ଜଳସେଚନ ସମୟରେ ଜଳ ଅପଚୟ ହେବ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ବଲାଙ୍ଗିର ଜିଲ୍ଲାର ଜଳସେଚନ କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ ହେବ।

୧୯୯୯ ମସିହାରୁ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ ହୋଇଥିବାବେଳେ ପ୍ରଥମ ପାଳିରୁ ଏହାର କାର୍ଯ୍ୟାନ୍ୱୟନ ପାଇଁ ନବୀନ ସରକାର ଉଦ୍ୟମ କରି ଆସୁଛନ୍ତି। ମାତ୍ର ବିଭିନ୍ନ ସମୟରେ ବିରୋଧ ଓ ବିବାଦ ଏହି ପ୍ରକଳ୍ପକୁ ବିଳମ୍ବିତ କରି ଚାଲିଥିଲା। ପ୍ରକଳ୍ପକୁ ନେଇ ଅପପ୍ରଚାର, କିଛି ରାଜନେତା ଓ ବିରୋଧୀଙ୍କ ବିରୋଧାଭାଷ କାର୍ଯ୍ୟର ଅଗ୍ରଗତିରେ ବାଧକ ସାଜିଥିଲା। ବଲାଙ୍ଗୀର ଜିଲ୍ଲାବାସୀଙ୍କ ସୁକତେଲ ସ୍ୱପ୍ନ ଭାଙ୍ଗିଯିବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ସମୟରେ ତତ୍କାଳୀନ '୫-ଟି' ସଚିବ ତଥା ଏବର '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ହସ୍ତକ୍ଷେପ ଓ ଏହି କାର୍ଯ୍ୟକୁ '୫-ଟି' ଉପକ୍ରମରେ ସାମିଲ କରିବାର ନିଷ୍ପତ୍ତି ସୁକତେଲ ପ୍ରକଳ୍ପକୁ ଦେଇଥିଲା ନୂଆ ଜୀବନ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସିଧାସଳଖ ହସ୍ତକ୍ଷେପ ପରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଶ୍ରୀ ପାଣ୍ଡିଆନଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ କାମକୁ ଅଗ୍ରାଧିକାର ଦେଇ ବିସ୍ଥାପିତଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବିସ୍ଥାପିତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ଓ ଥଇଥାନର ଉଚିତ ▶ପୃଷ୍ଠା-୯

---

## ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ନିବେଶ ଉପରେ ନଜର

# ଓଡ଼ିଶା ହେବ ଚିକିତ୍ସା ବିଜ୍ଞାନର ପ୍ରମୁଖ ଗବେଷଣା କେନ୍ଦ୍ର



**ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ଲାଗି ନିବେଶକଙ୍କ ଆଗ୍ରହ**

**କାର୍ଯ୍ୟାନ୍ୱୟନ ହେଉଛି 'ମେକ୍ ଇନ୍ ଓଡ଼ିଶା' ପ୍ରସ୍ତାବ**

■ ଭୁବନେଶ୍ୱର, ୨।୧ (ସମିସ): ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା, ପ୍ରତ୍ୟେକ ଜୀବନ ମୂଲ୍ୟବାନ ନୀତିରେ କାର୍ଯ୍ୟ କରୁଥିବା ରାଜ୍ୟ ସରକାର ଏବେ କେବଳ ଶିଳ୍ପ ନୁହେଁ, ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ବଡ଼ ପୁଞ୍ଜିନିବେଶ ପାଇବାକୁ ଯାଉଛନ୍ତି। '୫-ଟି' ଉପକ୍ରମ ଆଧାରରେ ପୁଞ୍ଜିନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବା ବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ନୂଆ ସମ୍ଭାବନା ଦେଖିବ। ମେଡିକାଲ କଲେଜ ନିର୍ମାଣ, ବିଏସ୍‌କେୱାଇ, ଡାକ୍ତରୀ ଶିକ୍ଷାଦାନ, ▶ପୃଷ୍ଠା-୯

---

## ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ

# ପୁଣି ନିରାଶ କଲା କେନ୍ଦ୍ର

**ବେଞ୍ଚ ପ୍ରତିଷ୍ଠା ଦାବି ମହତ୍ତ୍ୱପୂର୍ଣ୍ଣ ନୁହେଁ: କେନ୍ଦ୍ର ଆଇନମନ୍ତ୍ରୀ**

**ପଶ୍ଚିମ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ: କଂଗ୍ରେସ**

**ପଶ୍ଚିମ ଓଡ଼ିଶାବାସୀଙ୍କ ଦାବି ପୂରଣ କରୁ କେନ୍ଦ୍ର: ବିଜେଡି**

■ ଭୁବନେଶ୍ୱର, ୨।୧ (ସମିସ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ପୁଣିଥରେ ନିରାଶ କରିଛନ୍ତି କେନ୍ଦ୍ର ସରକାର। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବନାହିଁ ବୋଲି ପରୋକ୍ଷରେ ସୂଚାଇ ଦେଇଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ କଂଗ୍ରେସ କଡ଼ା ସମାଲୋଚନା କରିଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟ ପଶ୍ଚିମଓଡ଼ିଶାବାସୀଙ୍କୁ ନିରାଶ କରିଛି ବୋଲି କହିଛି ବିଜେଡି। ମଙ୍ଗଳବାର ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମେଘୱାଲ କହିଛନ୍ତି ଯେ ଏବେ ସାରା ଦେଶରେ 'ଇ-କୋର୍ଟ' ବ୍ୟବସ୍ଥା ବେଶ୍ ଭଲରେ କାମ କରୁଛି। ଓଡ଼ିଶା 'ଇ-କୋର୍ଟ' ବ୍ୟବସ୍ଥା କାର୍ଯ୍ୟକାରୀରେ ସବୁଠାରୁ ଆଗରେ ରହିଛି। ଏହି ବ୍ୟବସ୍ଥା ଅଧୀନରେ ଜିଲ୍ଲାସ୍ତରରେ ଭର୍ଚୁଆଲରେ ସମସ୍ତ ସୁବିଧା ମିଳୁଛି, ଯାହା ହାଇକୋର୍ଟ ବେଞ୍ଚ ସହ ସମାନ। ତେଣୁ ଏବେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ସେତେଟା ମହତ୍ୱପୂର୍ଣ୍ଣ ନୁହେଁ ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ ନେଇ କଂଗ୍ରେସ ତୀବ୍ର ସମାଲୋଚନା କରିଛି। କଂଗ୍ରେସ ▶ପୃଷ୍ଠା-୯

---

## ଶ୍ରୀକ୍ଷେତ୍ର ରୂପାନ୍ତରଣ ମହାପର୍ବରେ ସାମିଲହେବେ ରାଜ୍ୟବାସୀ

# 'ପରିକ୍ରମା' ପାର୍ବଣ ନିମନ୍ତେ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ଟଙ୍କା

- ଏନ୍‌ଏସିର ପ୍ରତି ୱାର୍ଡକୁ ୧ ଲକ୍ଷ, ମ୍ୟୁନିସିପାଲିଟି ୱାର୍ଡକୁ ୨ ଲକ୍ଷ
- ସମସ୍ତ ମହାନଗର ନିଗମର ୱାର୍ଡ ପିଛା ୫ ଲକ୍ଷ ଟଙ୍କା
- ସବୁଠି ହେବ ଶ୍ରୀ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ କାର୍ଯ୍ୟକ୍ରମ
- ଶ୍ରଦ୍ଧାଳୁଙ୍କୁ ପୁରୀ ନେବା ଆଣିବା ପାଇଁ ୨୦ କୋଟି ଟଙ୍କା
- ରାଜ୍ୟର ପ୍ରତ୍ୟେକ ଗାଁ ଓ ସହରରୁ ଶ୍ରଦ୍ଧାଳୁଙ୍କୁ ନିମନ୍ତ୍ରଣ
- ଲୋକାର୍ପଣର ସିଧା ପ୍ରସାରଣ ଦେଖିବେ କୋଟି କୋଟି ଜନତା


■ ଭୁବନେଶ୍ୱର, ୨।୧ (ସମିସ): ଆସନ୍ତା ୧୭ ତାରିଖରେ ବହୁପ୍ରତୀକ୍ଷିତ ଶ୍ରୀ ମନ୍ଦିର ପରିକ୍ରମା ପକଳ୍ପର ଶୁଭ ଉଦ୍‌ଘାଟନ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ସମଗ୍ର ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ଏହି ଐତିହାସିକ କାର୍ଯ୍ୟକ୍ରମରେ ସାମିଲ ହେବେ ସାରା ରାଜ୍ୟବାସୀ। ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯିବ। ପ୍ରତ୍ୟେକ ଗ୍ରାମର ଲୋକେ ଏହି ରୂପାନ୍ତରଣ ମହାପର୍ବରେ ସାକ୍ଷୀ ରହିବେ। ଶ୍ରୀ



ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ରାଜ୍ୟବାସୀଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଛି। ଭକ୍ତମାନଙ୍କୁ ପୁରୀ ନେବା ଆଣିବା, ▶ପୃଷ୍ଠା-୯




# ଶିଳ୍ପ ଛଡ଼ାଇ ନେଇଛି
# ତାଳଚେରର ମନୋରମ ଦୃଶ୍ୟ




■ କୋଟି କୋଟି ଟଙ୍କା ରାଜସ୍ୱ ପାଇ ମଧ୍ୟ ଅଣଦେଖା
■ ଅବହେଳିତ ପିକନିକ୍ ସ୍ପଟ୍ ଓ ଦର୍ଶନୀୟ ସ୍ଥାନ

**ତାଳଚେରସଦର, ୨।୧(ସମିସ):** ତାଳଚେର ଏକ ପୁରାତନ ଅଞ୍ଚଳ। ରାଜାରାଜୁଡା ଅମଳରୁ ଏହାର ଖ୍ୟାତି ରହିଛି। ଏକ ପ୍ରଭାବଶାଳୀ ଅଞ୍ଚଳ ଯୋଗୁ ସେହି ସମୟରେ ତାଳଚେର ଷ୍ଟେଟ ଆଖ୍ୟା ପାଇଥିଲା। ଏହି ଅଞ୍ଚଳ ବିଗତ ୪୦ବର୍ଷ ପୂର୍ବରୁ ପ୍ରକୃତିଦତ୍ତ ବଣଜଙ୍ଗଲ ତାଳଚେରର ବିଭିନ୍ନ ପ୍ରକାରର ଶୋଭାରାଜି ରାଜ୍ୟ ଓ ବାହାର ରାଜ୍ୟ ତଥା ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ। ଚିରୋସ୍ରୋତା ବ୍ରାହ୍ମଣୀ ନଦୀର କୁଳୁକୁଳୁ ଶବ୍ଦ ସ୍ୱଚ୍ଛଜଳ, ଝରଣାର ସ୍ୱଚ୍ଛପାଣି, ବଣଜଙ୍ଗଲରେ ଭରପୁର, ପଶୁପକ୍ଷୀର କେଁ କେଚର ଶବ୍ଦ, ବିଲୁଆର ହୋକେ ହୋ ଡାକ ଓ ବିଭିନ୍ନ ପଶୁପକ୍ଷୀଙ୍କର ରାବ ଭାରାକ୍ରାନ୍ତ ମନକୁ କିଛି ମାତ୍ରାରେ ଆନନ୍ଦିତ କରିଦେଇଥାଏ। ନୂତନ ବର୍ଷ ହେଉ କିମ୍ବା କୌଣସି ପୂଜାପାର୍ବଣରେ ଅଞ୍ଚଳବାସୀ ଭାଇଚାରାର ସହ ଏକତ୍ରିତ ହୋଇ ବିଭିନ୍ନ ପ୍ରାକୃତିକ ସ୍ଥାନ ଗୁଡ଼ିକରେ ଭୋଜିଭାତ କରି ନିଜର ଭାବ ଆଦାନପ୍ରଦାନ ସହ ମଉଜମଜଲିସ୍ କରିଥାନ୍ତି।

କିନ୍ତୁ ଆଜି ନା ଅଛି ସେହି ପ୍ରାକୃତିକ ସୌନ୍ଦର୍ଯ୍ୟ ନା ଅଛି ଭୋଜିଭାତର ଆସର। ଶିଳ୍ପର ବିକଟାଳ ଶବ୍ଦ, ସାଙ୍ଗକୁ ଖଣି ଖାଦାନ ଓ ଯାନବାହାନରୁ ନିର୍ଗତ ଧୂଳିଧୂଆଁ, ରାସ୍ତାର ଶୋଚନୀୟ ଅବସ୍ଥା, ଜଳ, ସ୍ଥଳ, ଆକାଶ ପ୍ରଦୂଷିତ ହୋଇଥିବାରୁ ତାଳଚେର ଅଞ୍ଚଳବାସୀଙ୍କ ମନରେ ନା ଅଛି ନୂତନବର୍ଷ ପାଳିବାର ଉତ୍ସାହ ନା ଅଛି ଉଦ୍ଦିପନା। ଏହି ଅଞ୍ଚଳକୁ ଭୋଜି ଭାତ କରିବାକୁ ଯେଉଁ ଲୋକମାନେ ଆଗ୍ରହ ବଳାଇଥାନ୍ତି ଧୂଳିଧୂଆଁରେ ଥରେ ଅଣନିଶ୍ୱାସୀ ହେଲେ ଆଉ ପୁନର୍ବାର ତାଳଚେର ଅଞ୍ଚଳକୁ ମନବଳାଇ ନଥାନ୍ତି। କହିବାକୁ ଗଲେ ଶିଳ୍ପାୟନ ଅଞ୍ଚଳବାସୀଙ୍କ ସୁଖ ଛଡେଇ ନେଇଛି। ଖୋଦ ତାଳଚେର ସହର ମଧ୍ୟରେ ରାଜରାଜୁଡ଼ା ଅମଳରୁ ଐତିହାସିକ ରାଣୀପାର୍କ ଏକ ଅଭୟାରଣ୍ୟରେ ପରିଣତ ହୋଇଥିଲା। ଏହି ପରିସର ମଧ୍ୟରେ ବିଭିନ୍ନ ଜୀବଜନ୍ତୁ ଭର୍ତ୍ତିହୋଇ ରହିଥିବା ମନୋରମ ଦୃଶ୍ୟ ଦେଖିବାକୁ ମିଳୁଥିଲା। ସେହି ଅମଳର ସୌନ୍ଦର୍ଯ୍ୟମୟ ପରିବେଶ ଅବର୍ଣ୍ଣନୀୟ। ସେହିଭଳି ତାଳଚେର ବ୍ଲକ କଳମଛୁଇଁ ଅଞ୍ଚଳର ଶହ ଶହ ଏକର ଜମିରେ ସତ୍ୟବାଦୀ ସାଗର ହୋଇଥିଲା। ଏହି ସାଗରକୁ ପଲପଲ ବିଦେଶୀ ପକ୍ଷୀ ସେହି ସମୟରେ ଆସିଥାନ୍ତି। ସେହି ନକିଟରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପୀଠସ୍ଥଳୀ ରହିଥିବାରୁ ଏହି ନୂତନବର୍ଷରେ ମନ୍ଦିରରେ ଭିଡ ଜମିବା ସହ ଉକ୍ତ ସାଗରର ଉଭୟପାଶ୍ୱର୍ରେ ଓ ତା' ନିକଟକରେ ଯାଇଥିବା ଏକ ବୃହତ ସିଙ୍ଗଡାନାଳ, ବାଉଁଶବଣ, ତାଳଚେର ବ୍ଲକ ଅନ୍ତର୍ଗତ କଣ୍ଠାଳ ଝରଣାଇତ୍ୟାଦିକୁ ନେଇ ଏକ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ଥିଲା। ତାହାରି ନିକଟରେ ରହିଥିବା ବଙ୍ଗାରୁ ଯୋଡ, ବନଦୁର୍ଗା ମନ୍ଦିର ନିକଟରେ ରହିଥିବା ବୁଦବୁଦିଆ ଜଙ୍ଗଲ, ସ୍କଟଲ୍ୟାଣ୍ଡପୁର, ରାଣୀପାର୍କ ଫୁଲଝରୀ, କଙ୍କିଳି ପଞ୍ଚାୟତର କାଜୁ ପଡ଼ିଆ, ସନ୍ଥପଡ଼ା ପଞ୍ଚାୟତର ଦାସନାଳୀ ନଦୀକୂଳ, ପଣ୍ଡିମେଶ୍ୱର ଆମ୍ବତୋଟା, ସମଲ ପାଖରେ ରହିଥିବା ଚକ୍ରଶିଳା ମନ୍ଦିର ପରିସର, ଗହମ ଗ୍ରାମର ଆମ୍ବତୋଟା, ବାରୁଆଁନାସୀ, ବୁଲାଝାର ଜଙ୍ଗଲ ଇତ୍ୟାଦି ସ୍ଥାନ ଗୁଡଡିକରେ ନୂତନବର୍ଷର ଆଗମନରେ ନୂଆ ଉଦ୍ଦୀପନାକୁ ନେଇ ଏହି ସ୍ଥାନ ଗୁଡ଼ିକରେ ଧୁମଧାମରେ ଲୋକମାନେ ବଣଭୋଜି କରିଥାନ୍ତି। ମାତ୍ର ଆଜି ବ୍ୟାପକ ପ୍ରଦୂଷଣ ଓ ଆଜି ଜଙ୍ଗଲର ଅବକ୍ଷୟ ଏବଂ ବ୍ରାହ୍ମଣୀନଦୀର ଜଳ ବିଭିନ୍ନ କଳାକାରଖାନା କଳକାରଖାନା ବର୍ଜ୍ୟବସ୍ତୁ ମିଶୁଥିବାରୁ ନଦୀର ଜଳ ଜହର ହୋଇପଡ଼ିଛି।ତେଣୁ ଏହି ସ୍ଥାନ ଗୁଡିକରେ ଭୋଜିଭାତ କରିବାକୁ ଆଉ ଲୋକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ପରିବେଶବିତ୍ ମାନେ ପ୍ରକାଶ କରିଛନ୍ତି।

ଏନେଇ ପରିବେଶବିତ୍‌ଙ୍କ ମହଲରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ତାଳଚେର ଅଞ୍ଚଳରେ ରହିଥିବା ଶୈବପୀଠ ଗୁଡିକ ଧରମପୁର, ପଣ୍ଡିମେଶ୍ୱର, କର୍ଣ୍ଣପୁର, ସୋଲଡା, ତାଳଶ୍ୱେରୀ, ବଜ୍ରକୋଟ, ରେଙ୍ଗାଳି ଏହି ଦେବାଳୟ ସ୍ଥାନ ଗୁଡିକରେ ନୂତନ ବର୍ଷ ପାଇଁ ଚଳଚଞ୍ଚଳ ହୋଇପଡ଼ିଥାଏ। ତେବେ ମୋଟାମୋଟିଭାବେ ଦେଖିବାକୁ ଗଲେ ଯେଉଁଦିନ ଠାରୁ ଶିଳ୍ପନଗରୀ ତାଳଚେର ଗଢି ଉଠିଲା ସେହିଦିନ ଠାରୁ ଏହି ସବୁ ଐତିହ୍ୟ ସ୍ଥାନ ବିଲୋପ ଘଟିବାରୁ ଆଜି ତାଳଚେର ଅଞ୍ଚଳବାସୀ ଦୁଃଖ ଯନ୍ତ୍ରଣାରେ ଜର୍ଜରିତ। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଟଙ୍କାର ଅଭାବ ନାହିଁ କେବକ ଆନ୍ତରିକତାର ଅଭାବ ରହିଛି। ନିୟମ ଅନୁଯାୟୀ ଏହି ଅଞ୍ଚଳର ଆଦାୟ କରାଯାଉଥିବା ରାଜସ୍ୱର ସିଂହଭାଗ ଅର୍ଥ ଖର୍ଚ୍ଚ କରି ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରି ବିକାଶମୂଳକ କାର୍ଯ୍ୟ କରାଗଲେ ତାଳଚେରର ବିଲୁପ୍ତ ପୂର୍ବ ଗୌରବ ଫେରି ଆସିପାରିବ ବୋଲି ବରିଷ୍ଠ ବ୍ୟକ୍ତିବିଶେଷ ମତ ଦେଇଛନ୍ତି।





## ୪ରେ ତାଳଚେରରେ ଅକ୍ଷତ ଶୋଭାଯାତ୍ରା

### ଘର ଘର ବୁଲି ହେବ ଅକ୍ଷତ ବିତରଣ ଓ ନିମନ୍ତ୍ରଣ



**ତାଳଚେର,୨।୧(ସମିସ):** ଶ୍ରୀ ରାମ ଜନ୍ମଭୂମୀ ତଥା ପବିତ୍ର ତୀର୍ଥକ୍ଷେତ୍ର ଅଯୋଧ୍ୟା ପକ୍ଷରୁ ତାଳଚେର ଦେଉଳବେଢ଼ାଠାରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଜନ୍ମଭୂମୀ ତୀର୍ଥ କ୍ଷେତ୍ର ଅଯୋଧ୍ୟା ତାଳଚେର ନଗର ସହ ସଂଯୋଜକ ପର୍ଶୁରାମ ବାରିକ ସାମ୍ବାଦିକ ସମ୍ମିଳନୀରେ ଆସନ୍ତା ଜାନୁୟାରୀ ୨୨ ତାରିଖ ଅଯୋଧ୍ୟାରେ ନବନିର୍ମିତ ରାମ ମନ୍ଦିର ଗର୍ଭଗୃହରେ ଭଗବାନ ରାମ ଲାଲାଙ୍କୁ ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯିବ। ଏଣୁ ସମଗ୍ର ଭାରତ ବର୍ଷର ଜନସାଧାରଣ ଏହି ଉତ୍ସବକୁ ଘରେ ଘରେ ପାଳନ କରନ୍ତୁ। ଏହି ଲକ୍ଷ୍ୟ ନେଇ ଶ୍ରୀ ରାମ ଜନ୍ମଭୂମୀ ଶ୍ରୀକ୍ଷେତ୍ର ଅଯୋଧ୍ୟା ତାଳଚେର ନଗର ପକ୍ଷରୁ ଘର ଘର ଯାଇ ନିମନ୍ତ୍ରଣ କରିବା ସହିତ ଅଯୋଧ୍ୟାକୁ ଆସିଥିବା ଅକ୍ଷତ ଦିଆଯିବ। ଜାନୁଆରୀ ୨୨ ତାରିଖ ଦିନ ୧୧ରୁ ୧ଟା ମଧ୍ୟରେ ନିଜ ନିଜ ଗ୍ରାମ, ପଡ଼ା, କଲୋନୀ ବା ସାହିରେ ଥିବା ମଠ ମନ୍ଦିର ଧର୍ମାନୁଷ୍ଠାନରେ ସମସ୍ତେ ଏକତ୍ରିତ ହୋଇ ଶଙ୍ଖ, ଘଣ୍ଟ ଓ କୀର୍ତ୍ତନ କରୀ ପ୍ରଭୁ ଶ୍ରୀ ରାମ ଚନ୍ଦ୍ରଙ୍କୁ ଆରତୀ କରିବା, ୧୦୮ ଶ୍ରୀରାମ ଜୟ ରାମ ଜୟ ଜୟ ରାମ ବିଜୟ ମହାମନ୍ତ୍ରକୁ ଜପ କରିବା ସହ ହନୁମାନ ଚାଲିଶା ପାଠ କରିବାକୁ ନିବେଦନ କରିଛନ୍ତି। ସେହିଦିନ ସନ୍ଧ୍ୟାରେ ସମସ୍ତ ଘରେ ଘରେ ଠାକୁରଙ୍କ ନିକଟରେ ଦୀପ ଲଗାଇବା ସହ ଘର ଫାଟକରେ ୫ଟି ଦୀପ ଲଗାଇ ଦୀପାବଳି ଭାବରେ ଉତ୍ସବ ପାଳନ କରିବାକୁ ନିବେଦନ କରିଛନ୍ତି। ଜାନୁଆରୀ ୪ ଗୁରୁବାର ଅପରାହ୍ନ ୪ ଟାରୁ ତାଳଚେର ଟାଉନ ଜଗନ୍ନାଥ ମନ୍ଦିର ଠାରୁ ହାଣ୍ଡିଧୁଆ ଜଗନ୍ନାଥ ମନ୍ଦିର ପଯ୍ୟନ୍ତ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଜାନୁଆରୀ ୫ ପରଠାରୁ ପ୍ରତ୍ୟେକ ୱାର୍ଡ ଏବଂ ସାହିମାନଙ୍କରେ ଘର ଘର ଯାଇ ୧୫ ତାରିଖ ପର୍ଯ୍ୟନ୍ତ ନିମନ୍ତ୍ରଣ ପତ୍ର ଓ ଅକ୍ଷତ ସହ ରାମ ମନ୍ଦିରର ପ୍ରତିଛବି ବିତରଣ କରାଯିବ ବୋଲି କହିଥିଲେ। ପ୍ରଭୁ ଶ୍ରୀରାମଙ୍କ କାର୍ଯ୍ୟରେ ସମସ୍ତ ଜନସାଧାରଣ ସାମିଲ ହେବାପାଇଁ ଶ୍ରୀରାମ ମନ୍ଦିର ତୀର୍ଥକ୍ଷେତ୍ର ତରଫରୁ ନିବେଦନ କରାଯାଇଛି ବୋଲି ପ୍ରକାଶ କରିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ଏସ୍‌ର ଜିଲ୍ଲା ସହ କାର୍ଯ୍ୟବାହ ବାବୁଲି ସାମଲ, ନଗର ସଂଘ ଚାଳକ ପ୍ରମୋଦ କୁଣ୍ଡୁ, ଜିଲ୍ଲା ପ୍ରସାର ପ୍ରମୁଖ ମାୟାଧର ସାହୁ, ନଗର ଶାରୀରିକ ପ୍ରମୁଖ କାଳନ୍ଦି ସାହୁ ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ୱାର୍ଡ ମେମ୍ବରଙ୍କ ମୃତ୍ୟୁ

**କିଶୋରନଗର, ୨।୧(ସମିସ):** କିଶୋରନଗର ଥାନା ରଣିଆକଟା ପଞ୍ଚାୟତର ଭରଥାପୁର ଗ୍ରାମର ୱାର୍ଡମେମ୍ବରଙ୍କର ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଭରଥାପୁର ଗ୍ରାମର ୱାର୍ଡସଭ୍ୟ ସୁରେଶ ନାୟକ(୩୨) ଗତକାଲି କଦଳୀଗଡ଼ରୁ ଏକ ବାଇକ୍ ଯୋଗେ ଏକୁଟିଆ ନିଜ ଘର ଭରଥାପୁର ଫେରୁଥିଲେ। ପୂର୍ତ୍ତ ରାସ୍ତା ଗୋରାଡୋପାର ଟର୍ଣ୍ଣିଂରେ ରାତି ପ୍ରାୟ ୮ ଟାରେ କୌଣସି ଏକ ଅଜଣା ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଯାଇ ଗଛରେ ପିଟି ହୋଇ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସକାଳେ ରାସ୍ତାରେ ଶବ ପଡ଼ିଥିବା ଦେଖି ପୁଲିସ୍‌କୁ ଲୋକେ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବରପାଇ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ଓ ୱାର୍ଡସଭ୍ୟମାନେ ପହଞ୍ଚି ତାଙ୍କର ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇ ଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି



**ଅନୁଗୋଳ, ୨।୧(ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀକକ୍ଷଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୩୦ ଟି ଅଭିଯୋଗରୁ ୨୭ଟିବ୍ୟକ୍ତିଗତଓ୩ଟିଗ୍ରାମ୍ୟଭିତ୍ତିକଅଭିଯୋଗରଶୁଣାଣିକରିତୁରନ୍ତକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୩୦ ଅଭିଯୋଗ ମଧ୍ୟରୁ ୧୪ ଟିଅଭିଯୋଗର ଆଜିର ଶିବିରରେ ଫଇସଲା କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ଜଣକୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣକୁ ୧୫ ହଜାର ଟଙ୍କାଲେଖାଏଁ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପ-ଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


## ନିଆରା ଢଙ୍ଗରେ ନୂଆବର୍ଷ ପାଳନ



**ବଇଁରପାଳ,୨।୧(ସମିସ):** ବଇଁରପାଳର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପୁରୁଣାବର୍ଷକୁ ବିଦାୟ ଓ ନୂତନ ବର୍ଷ ୨୦୨୪କୁ ସ୍ୱାଗତ କରିବା ପାଇଁ ଦୁଇଦିନ ଧରି ବିଭିନ୍ନ ଢଙ୍ଗ, ଆନନ୍ଦ ଉଲ୍ଲାସ ଓ ଧର୍ମାନୁଷ୍ଠାନ ଦର୍ଶନ ମଧ୍ୟରେ ପାଳନ କରିବା ସହ ନିଜନିଜ ମଧ୍ୟରେ ଶୁଭେଚ୍ଛା ଓ ଅଭିନନ୍ଦନର ଆଦାନ ପ୍ରଦାନ କରିଥିଲେ। ଏହିକ୍ରମରେ ଏହି ବ୍ଲକ ଅନ୍ତର୍ଗତ ଅରହାଟ ଗ୍ରାମ ଶିଖସାହିର ବାସିନ୍ଦାମାନେ ସେହି ସାହିର ଜଣେ ବାପା-ମା' ଛେଉଣ୍ଡ ନିରାଶ୍ରୟ ବାଳକକୁ ସମସ୍ତ ପ୍ରକାର ପାଠ୍ୟ ଉପକରଣ ସହ ପୋଷାକପତ୍ର ଦେଇ ନୂତନ ବର୍ଷକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରିଥିଲେ। ବାଳକ ଦିବ୍ୟଶକ୍ତି ସାମଲ ବାପା ସ୍ୱର୍ଗତ କୁମୁଦ ସାମଲ ଓ ମା ସ୍ୱର୍ଗତା ମାମିନା ସାମଲଙ୍କୁ ହରାଇଛନ୍ତି। ଆର୍ଥିକ ଅନାଟନ ତଥା ଉପଯୁକ୍ତ ମାର୍ଗଦର୍ଶକଙ୍କ ଅଭାବକୁ ଦେଖି ସାହିବାସୀ ନୂଆବର୍ଷ ପାଳନ ଅବସରରେ ଏପରି ନିଷ୍ପତ୍ତି ନେଇଥିଲେ। ଦିବ୍ୟଶକ୍ତିକୁ ପାଠ୍ୟ ଉପକରଣ ସହ ପୋଷାକ, ଜୋତା, ଶୀତବସ୍ତ୍ର ଓ ଜ୍ୟାକେଟ ଆଦି ପ୍ରଦାନ କରିଥିଲେ। ସାହି ସଭାପତି ସୌମ୍ୟରଞ୍ଜନ ଗୁରୁ, ଶିକ୍ଷକ ଜୟଦେବ ସାହୁଙ୍କ ନେତୃତ୍ୱରେ ରମ୍ୟରଞ୍ଜନ ଗୁରୁ, ସୁବୋଧ ଗଡ଼ନାୟକ, ଦେବାଶିଷ ଗଡ଼ନାୟକ, ମୁକୁନ୍ଦ ଗଡ଼ନାୟକ, ମହେଶ୍ୱର ସାହୁ, ଅମିତା ସାମଲ, ଜିତେନ୍ଦ୍ର ଗଡ଼ନାୟକ, କାଳିଆ ସାମଲ, ଜ୍ଞାନରଞ୍ଜନ ଭୁକ୍ତା, ପତିତପାବନ ମାଝୀ, ହିମାଂଶୁ ଭୁକ୍ତା, ମିଥୁନ ଗଡ଼ନାୟକ, ରାଘବାନନ୍ଦ ଗୁରୁ, ଅଭିମନ୍ୟୁ ଗଡ଼ନାୟକ, ରିପୁନ ଗଡ଼ନାୟକ ଓ ବାବିନ୍ଦ୍ର ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ।

## ରେଲ୍‌ୱେ ଅଣ୍ଡରପାସ୍ ନିର୍ମାଣ ଶୈଳୀରେ ତ୍ରୁଟି; ବଢୁଛି ଦୁର୍ଘଟଣା

### ବିରୋଧ କଲେ ଦାଦାଗିରି ଦେଖାଉଛନ୍ତି ରେଳକର୍ମଚାରୀ



**ତାଳଚେର ସହର, ୨।୧(ସମିସ):** ରେଳବାଇ କର୍ମଚାରୀଙ୍କ ଭୁଲ ନିଷ୍ପତି ଯୋଗୁ ପ୍ରତ୍ୟେକ ଦିନ ରେଲୱେ ଅଣ୍ଡରପାସ୍ ଠାରେ ଘଟୁଛି ଛୋଟବଡ ଦୁର୍ଘଟଣା। ତାଳଚେର ଠାରୁ ବିମଳାଗଡ଼ ପର୍ଯ୍ୟନ୍ତ ଯାଉଥିବା ନିର୍ମାଣଧିନ ରେଳଲାଇନର ମଝିରେ ଅର୍ଥାତ୍ ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ସମଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କେଶବପୁରଠାରେ ନିର୍ମିତ ଅଣ୍ଡରପାସ ସାଜିଛି ଦୁର୍ଘଟଣାର ଉତ୍ସ। ପ୍ରତ୍ୟେକ ଦିନ ଘଟୁଛି ଛୋଟବଡ ଦୁର୍ଘଟଣା। କେଶବପୁରଠାରେ ନିର୍ମିତ ଅଣ୍ଡରପାସ ବିଆର୍ ନମ୍ବର ୪୯ (ଆରୟୁବି) ବଙ୍କା ଯୋଗୁଁ ଏପରି ଦୁର୍ଘଟଣା ଘଟୁଛି। ବିକିସରଛକ ଠାରୁ ସମଲ ହାଇସ୍କୁଲଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଅଧିନରେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। କାମ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇ ସାରିଲାଣି। କିନ୍ତୁ ବିକିସର ଛକ ଠାରୁ ହାଇସ୍କୁଲ ଛକ ଅଭିମୁଖେ ଯାଇଥିବା ରାସ୍ତାର ପ୍ରାୟ ୨ ଶହ ମିଟର ଆଗରେ ରେଳବାଇ ପକ୍ଷରୁ ନିର୍ମାଣ ହୋଇଛି ଅଣ୍ଡରପାସ। ଅଣ୍ଡରପାସ ମଝିରେ ରହିଛି ଡିଭାଇଡର। କିନ୍ତୁ ଅଣ୍ଡରପାସର ଉଭୟ ପାର୍ଶ୍ୱର ପ୍ରବେଶଦ୍ୱାର ଏବଂ ପ୍ରସ୍ଥାନଦ୍ୱାର ସମ୍ପୂର୍ଣ୍ଣ ବଙ୍କା ହୋଇଥିବାରୁ ଅନେକ ଗାଡ଼ି ଡିଭାଇଡରରେ ବାଜି ଦୁର୍ଘଟଣା ଗ୍ରସ୍ତ ହେଉଥିବା ନଜିର ରହିଛି। ଅନ୍ୟପକ୍ଷେ ସମଲ ହାଇସ୍କୁଲ ଛକ ଆଡୁ ବିକିସର ଅଭିମୁଖେ ଯାଇଥିବା ରାସ୍ତାର ବାମ ପାର୍ଶ୍ୱରୁ ମାଟି କଟା ନ ଯାଇଥିବାରୁ ଗାଡ଼ି ଗୁଡ଼ିକ ଅଣ୍ଡରପାସ ମଧ୍ୟରେ ଥିବା ଡିଭାଇଡରର ବାମ ପାର୍ଶ୍ୱରେ ଯିବା ପରିବର୍ତ୍ତେ ଡାହାଣ ପାର୍ଶ୍ୱ ଦେଇ ଯାଉଛନ୍ତି। ଫଳ ସ୍ୱରୁପ ସମ୍ମୁଖରୁ ଆସୁଥିବା ଗାଡି ସହ ମୁହାମୁହିଁ ଧକ୍କା ଘଟୁଥିବା ଅଭିଯୋଗ ହୋଇଛି। ତତ୍‌ସହିତ ରାସ୍ତା ନିର୍ମାଣ ପାଇଁ ରାସ୍ତା କଡକୁ ଲାଗି ରହିଥିବା ଘର ସମ୍ମୁଖରୁ ମାଟି କାଟି ଦେବା ଉକ୍ତ ଘରର ସଦସ୍ୟ ମାନେ ଘରୁ ବାହାରକୁ ବାହାରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ସହ ଆଗାମୀ ବର୍ଷା ଦିନରେ କଟା ଯାଇଥିବା ମାଟି ପାଣିରେ ଧୋଇ ହୋଇଗଲେ ଘରର କାନ୍ଥ ଭାଙ୍ଗିଯିବା ଭଳି ସମସ୍ୟା ମଧ୍ୟ ଉପୁଜିପାରେ। ଅଣ୍ଡରପାସ୍‌ଠାରେ ଜଳ ନିଷ୍କାସନ ପାଇଁ କୌଣସି ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ବର୍ଷା ଦିନେ ପାଣି ଜମି ରହିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିସହ ରାସ୍ତା କଡ଼ରେ ଗାର୍ଡୱାଲ୍ ଦେବା ନିମନ୍ତେ ଲୁହା ରଡ଼ ପୋତା ଯାଇଥିବା ବେଳେ କଂକ୍ରିଟ କରା ନ ଯାଇ ଖୋଲା ରଖିବା ଦ୍ୱାରା ସେହି ବାଟ ଦେଇ ଯିବାଆସିବା କରୁଥିବା ଲୋକଙ୍କ ପାଇଁ ତାହା ବିପଦ ସାଜୁଛି। ସ୍ଥାନୀୟ ଅଞ୍ଚଳବାସୀ ଏଭଳି କାର୍ଯ୍ୟକୁ ବିରୋଧ କରିବାରୁ ତାଙ୍କ ଉପରେ ରେଳବାଇ କର୍ମଚାରୀ ଦାଦାଗିରି କରୁଥିବା ସ୍ଥାନୀୟ ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା ସମଲ ଥାନାରେ ମଧ୍ୟ ରୁଜୁ ହୋଇଛି। ଅନୁଗୁଳ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେଇ ଉକ୍ତ ଅଣ୍ଡରପାସର ତଦନ୍ତ କରି କାର୍ଯ୍ୟାନଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ୩୦ଟିକିଆ ହାତୀପଲକୁ ନେଇ ଗ୍ରାମବାସୀ ଆତଙ୍କିତ

**ଢେଙ୍କାନାଳ, ୨।୧(ସମିସ):**



ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ମଣ୍ଡାପାଳ, ଖମାର, ତିଳପଦା ଓ ରଘୁନାଥପୁର ଗ୍ରାମରେ ୩୦ଟିକିଆ ହାତୀପଲ ରହିଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିବା ସହ ବ୍ୟାପକ ଧାନ ନଷ୍ଟ କରୁଛନ୍ତି। ମଣ୍ଡାପାଳ ଗ୍ରାମରେ ପାଟଜମିର ଧାନ ସବୁ ଖାଇବା ସହିତ ନଷ୍ଟ କରିଛନ୍ତି। ଏହାଛଡା ଜଣେ ଚାଷୀ ଜମିରେ ଧାନକଟା ମେସିନ ରଖି ବିଲଛାଡି ପଳାଇ ଆସିଥିବା ବେଳେ ହାତୀପଲ ତାକୁ ଭାଙ୍ଗି ଦେଇଛନ୍ତି। ହାତୀ ଉପଦ୍ରବ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଥିବାରୁ ବନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି। ହାତୀପଲ କିଛିଦିନ ହେଲା ଏଠାରେ ଡେରା ପକାଇ ରହି ବ୍ୟାପକ ଫସଲ ନଷ୍ଟ କରୁଥିବାବେଳେ ବନବିଭାଗ ଘଉଡାଇବାରେ ଅବହେଳା କରୁଛନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ବନବିଭାଗ କିମ୍ବା ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନନେବା ସାଧାରଣରେ ସମାଲୋଚନା କରାଯାଉଛି।

# ବରିଷ୍ଠ ନାଗରିକ ସଂଘର ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ



**ଅନୁଗୋଳ, ୨।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡ଼ା ଗ୍ରାମ ବରିଷ୍ଠ ନାଗରିକ ସଂଘ ଆହ୍ୱାନକ୍ରମେ ବାର୍ଷିକ ସମ୍ମିଳନୀ ସାଙ୍ଗକୁ ନାଗରିକ ସମ୍ବର୍ଦ୍ଧନା ଓ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଧବଳେଶ୍ୱର ଶିବମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ଆବାହକ ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ସାହୁଙ୍କ ପୌରହିତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାମାଜିକକର୍ମୀ ପ୍ରହ୍ଲାଦ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଲିଙ୍ଗରାଜ ପ୍ରଧାନ, ବିଚିତ୍ରାନନ୍ଦ ପ୍ରଧାନ, ଭୀମସେନ ସାହୁ, ବରିଷ୍ଠ ନେତା ରସାନନ୍ଦ ସାହୁ, ପବିତ୍ର ମୋହନ ସାହୁ, ପରମାନନ୍ଦ ସାହୁ, ଜନାର୍ଦ୍ଦନ ପ୍ରଧାନ, ଅନିରୁଦ୍ଧ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଯୋଗ ଦେଇଥିବା ଗ୍ରାମର ବରିଷ୍ଠ ନାଗରିକଙ୍କ ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରଭୁ ଶ୍ରୀ ଧବଳେଶ୍ୱର ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା।

ପୂର୍ବତନ ଗ୍ରାମ ସଭାପତି ତଥା ଶତାୟୁ ପୁରୁଷ ଭୋଳେଶ୍ୱର ପ୍ରଧାନଙ୍କୁ ସର୍ବ ପ୍ରଥମେ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ବରିଷ୍ଠ ନାଗରିକ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଉପସ୍ଥିତ ଥିବା ଶତାଧିକ ବରିଷ୍ଠ ନାଗରିକଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷକରି ନୂତନ ବର୍ଷ ଅବସରରେ ମନ୍ଦିର ପ୍ରାଙ୍ଗଣରେ ବନ୍ଧୁମିଳନ କାର୍ଯ୍ୟକ୍ରମ ସାଙ୍ଗକୁ ସାମୂହିକ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ଉଦ୍ୟୋକ୍ତା ସୁବ୍ରତ କୁମାର ସାହୁ, ବିଭୂତି ଭୂଷଣ ପ୍ରଧାନ, ଶଶି ଭୂଷଣ ବେହେରା, ଡମ୍ବରୁଧର ବେହେରା, ପଞ୍ଚୁନାଥ ସାହୁ, ଚିତ୍ତ ରଞ୍ଜନ ସାହୁ, ରଞ୍ଜନ ସାହୁ, ଲମ୍ବୋଦର ସାହୁ, ଅରୁଣ ସାହୁ ପ୍ରମୁଖ ସକ୍ରିୟ ସହଯୋଗ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ନେତା କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ଲକ୍ଷ୍ୟ ଉଦେଶ୍ୟ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଦାନନ୍ଦ ଗଡ଼ନାୟକଙ୍କ ଦଶମ ଶ୍ରାଦ୍ଧୋତ୍ସବ

**ହିନ୍ଦୋଳ, ୨।୧(ସମିସ):** ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ଦୁଦୁରକୋଟସ୍ଥିତ ପ୍ରସିଦ୍ଧ ଠାକୁରାଣୀ ମା'ରାମଚଣ୍ଡୀ ଶକ୍ତିପୀଠ ପରିସରରେ ସଦାନନ୍ଦ ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସଦାନନ୍ଦ ଗଡ଼ନାୟକଙ୍କର ଦଶମ ଶ୍ରାଦ୍ଧୋତ୍ସବ ପାଳିତ ହୋଇ ଯାଇଛି। ସଂସଦର ସଭାପତି ରତିକାନ୍ତ ଗଡ଼ନାୟକଙ୍କ ଅଧ୍ୟକ୍ଷତା ଓ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲ୍ଲା ପାଇକ ସଂଘର ସଭାପତି ରାଜୀବଲୋଚନ ସିଂହଦେଓ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଡାକ୍ତର ଚୈତନ୍ୟ ସାହୁ, ଜନତା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ପଣ୍ଡିତ ରମେଶ ରଥଶର୍ମା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ୯ଟି ସଂକୀର୍ତ୍ତନ ମଣ୍ଡଳୀଦ୍ୱାରା ସଂକୀର୍ତ୍ତନ ପରିବେଷଣ ଓ ପାଇକ ଆଖଡାରେ ପାଇକ ସଂଘ ଯୋଗଦେଇ ସମରକଳା ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅନୁଗୁଳ ତାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ପରିଷଦର ଆବାହକ ରାଜକିଶୋର ବେହେରା, ଅନୁଗୁଳ ପାଇକ ମହାସଂଘର ସଭାପତି ସୁବୋଧ କୁମାର ସିଂହ, ହିନ୍ଦୋଳ ବରିଷ୍ଠ ନାଗରିକ ସଂଘର ସଭାପତି ଶ୍ରୀନିବାସ ମିଶ୍ର ଓ ସମାଜସେବୀ ଦିବାକର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସଦାନନ୍ଦ ଗଡ଼ନାୟକଙ୍କର ଗୁଣାବଳୀ ଓ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡାକୌଶଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ପ୍ରମୋଦ କୁମାର ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିମଳ ବିଶ୍ୱାଳ, ନିରୂପମା ମିଶ୍ର, ପ୍ରେମାନନ୍ଦ ପଟ୍ଟନାୟକ, ବିଭୂପ୍ରସାଦ ଶତପଥୀ ଓ ମିହିର କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର କର୍ମକର୍ତ୍ତା ବାପି ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ନେହ ଶ୍ରଦ୍ଧା ସମ୍ପର୍କର କ୍ୟାଲେଣ୍ଡର ଉନ୍ମୋଚିତ

**ଡେରେଙ୍ଗ, ୨।୧(ସମିସ):** କଣିହାଁ ବ୍ଲକ ପାଲଲହଡା ନିର୍ବାଚନ ମଣ୍ଡଳୀ ଡେରେଙ୍ଗ ଗ୍ରାମ ଭଣେଶ୍ୱରୀ ପାହାଡ ଶୀର୍ଷରେ ଥିବା ଚାରିଧାମ ରାମ ମନ୍ଦିରଠାରେ ନୂତନ ବର୍ଷ ଉପଲକ୍ଷେ ସୋମବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଯୁବ ସଂଗଠକ ତଥା ସ୍ନେହ ଶ୍ରଦ୍ଧା ସମ୍ପର୍କ ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିରୁ ଗ୍ରାମ ପଞ୍ଚାୟତ ସମିତିସଭ୍ୟ ଶ୍ୟାମସୁନ୍ଦର ସାହୁଙ୍କ ଉପସ୍ଥିତିରେ ଇଂରାଜୀ ନବବର୍ଷର ଓଡ଼ିଆ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମାନଙ୍କ ସହିତ ଅତିଥି ଭାବେ ଶିକ୍ଷାବିତ ମହେଶ୍ୱର ମହାନ୍ତି,



ବରିଷ୍ଠ ସାମାଜିକ କର୍ମୀ ମଥୁରୀ ସାହୁ, ମୂଳିଆ ସାହୁ, ଯୋଗୀନାଥ ସାହୁ, ସୁରେଶ ଦାସ, ବିଜୟ ଦେହୁରୀ, ରତ୍ନାକର ପ୍ରଧାନ, ବିନୟ ସାହୁ, ପରୀକ୍ଷିତ ସାହୁ, ଦଣ୍ଡଧର ବେହେରା, ମୁରଲୀଧର ବେହେରା, ବିଦ୍ୟାଧର ବାରିକ ପ୍ରମୁଖ ଯୋଗଦାନ କରିଥିଲେ।

# ସାଂସଦ ମାନସ ମଙ୍ଗରାଜଙ୍କୁ ଶୁଭେଚ୍ଛା ଜଣାଇଲେ ଆଠମଲ୍ଲିକ ବିଧାୟକ



**କିଶୋରନଗର, ୨।୧(ସମିସ):** ସମ୍ବଲପୁର ସାଂସଦୀୟ କ୍ଷେତ୍ର ବିଜେଡିର ନବ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ ଆଠମଲ୍ଲିକ ବିଧାୟକ ଶଙ୍ଖ ଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ବିଧାୟକ ରମେଶ ଚନ୍ଦ୍ର ସାଏ ସାଂସଦ ମଙ୍ଗରାଜଙ୍କୁ ଭେଟି ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ତାଙ୍କ ସହିତ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ ଉପସ୍ଥିତ ରହି ଆଲୋଚନା କରିଥିବା ଜଣାପଡ଼ିଛି।

# ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ଦିବସ

**ତାଳଚେର, ୨।୧(ସମିସ):** ତାଳଚେର ପରିବହନ ବିଭାଗ ପକ୍ଷରୁ 'ସଡକ ସୁରକ୍ଷା ଜୀବନ ରକ୍ଷା' ଦିବସ ପାଳିତ ହୋଇଯାଇଛି। ଏହାକୁ ତାଳଚେର ଉପଜିଲ୍ଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କୁ ସଚେତନ କରିବା ନେଇ ଏକ ଗଣଦୌଡ ତାଳଚେର ଆଇଟିଆଇ ଛକଠାରୁ ରାଜବାଟୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାସହ ଏକ ବାଇକ୍ ରାଲି ପରିବହନ କାର୍ଯ୍ୟାଳୟଠାରୁ ଆରମ୍ଭ କରାଯାଇ ସହର ପରିକ୍ରମା କରିଥିଲା। ପରିବହନ ବିଭାଗ ତରଫରୁ ସଚେତନତା ରଥ କରାଯାଇ ଜନ ସଚେତନ କରାଯାଇଛି।




କାର୍ଯ୍ୟକ୍ରମରେ ପରିବହନ ବିଭାଗର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂସାହାୟକ ଗୋଷ୍ଠୀ, ଟ୍ରକ, ବସ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଭାଗ ମପକ୍ଷରୁ ଏକ ଚକ୍ଷୁ ଶିବିରର ବ୍ୟବସ୍ଥା କରାଯାଇଥିଲା।

# ପଞ୍ଚ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଭିଡ



**ବଅଁରପାଳ, ୨।୧(ସମିସ):** ନୂଆବର୍ଷ ପାଇଁ ବଅଁରପାଳ ପଞ୍ଚ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ନୂତନ ବର୍ଷ ସୋମବାର ପଡ଼ିଥିବାରୁ ଭକ୍ତମାନେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ୨୦୨୪ ମସିହାଟି କିପରି ଭଲରେ କଟିବ ପୂଜାର୍ଚ୍ଚନା କରିଥିଲେ। ଏନେଇ ମନ୍ଦିର ପରିସରରେ ଭିଡ ଜମିଥିଲା। ଭୋର ୪ଟାରୁ ଦ୍ୱାର ଖୋଲାଯାଇ ସମସ୍ତ ନୀତିକାନ୍ତି ସରି ୫ଟାଠାରୁ ସାଧାରଣ ଦର୍ଶନ କରାଯାଇଥିଲା। ବଅଁରପାଳ ଆଖପାଖ ଗ୍ରାମରୁ ଶହ ଶହ ଭକ୍ତ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ପ୍ରଭୁ ଶିବଙ୍କୁ ମଧ୍ୟ ଦର୍ଶନ କରିଥିଲେ।

# ଖମାର କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଖମାର, ୨।୧(ସମିସ):** ପାଲଲହଡା ବ୍ଲକ ଖମାର କଲେଜରେ ଚାଲିଥିବା 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜୟଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଖ୍ୟଅତିଥି ଭାବେ ପାଲଲହଡା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଦୀର୍ଘ ୪୦ ଦିନ ଧରି ଚାଲିଥିବା 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତଙ୍କୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ପାଲଲହଡା ବ୍ଲକ ଅଧ୍ୟକ୍ଷା ରୀନାରାଣି ନାଏକ, ସରପଞ୍ଚ ଚକାଡୋଳା ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଇନ୍ଦିରା ହେମ୍ବ୍ରମ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଅଶୋକ ସାମଲ ମଞ୍ଚ ପରିଚାଳନା କରିବା ସହିତ ବିବରଣୀ ପାଠ କରିଥିଲେ। ପରିଶେଷରେ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡା ବିଭାଗ ମୁଖ୍ୟ ସୁନୀତ କୁମାର ମିଞ୍ଜ, ନସୀକା ବନଛୁର, ନିରଞ୍ଜନ ମହାନ୍ତି ସାଂସ୍କୃତିକ ବିଭାଗର ଜୟଦେବ ବିଶ୍ୱାଳ, ଜୁଲିରାଣି ସାମଲ ଓ ସାମାଜିକ ସଚେତନତାର ଅଶୋକ କୁମାର ସାମଲ ଓ ରାଜେନ୍ଦ୍ର ଦାଶଙ୍କ ସହିତ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କଳିଙ୍ଗନଗର ଗଣହତ୍ୟାର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ଅନୁଗୋଳ, ୨।୧(ସମିସ):** ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗ ନଗର ଗଣହତ୍ୟା ସହିଦ ମାନଙ୍କର ୧୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ରଙ୍କ ନେତୃତ୍ୱରେ ଏକ ମହମବତୀ ଶୋଭାଯାତ୍ରା ଅନୁଗୋଳ ଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ହୋଇଥିଲା। ଜିଲ୍ଲା କଂଗ୍ରେସ ପକ୍ଷରୁ କଳିଙ୍ଗ ନଗରର ଆଦିବାସୀମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଏବଂ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଯାଇ ଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପ ସଭାପତି ବାବୁ ଦଲବେହେରା, ବଳବୀର ସିଂ, ସହଦେବ ବେହେରା, ଚିତ୍ତରଞ୍ଜନ ନାଏକ, ଅନୁଗୁଳ ବ୍ଲକ ସଭାପତି ଅମୂଲ୍ୟ



ବେହେରା, କାର୍ଯ୍ୟକାରୀ ସଭାପତି ରାକେଶ ମିଶ୍ର, ଜିଲ୍ଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଜିଲ୍ଲା ଲିଗାଲ ସେଲ ସଭାପତି ସତ୍ୟଜିତ ସାହୁ, ମହିଳା ନେତ୍ରୀ କାଶୀଦା ଖାନ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ କୁମୁଦବନ୍ଧୁ ଧର, ହେମନ୍ତ ମହାଳିକ, ସଂଗ୍ରାମ ବେହେରା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଛାତ୍ର ନେତା ପ୍ରଦ୍ୟୁମ୍ନ ସାହୁ, ଯୁବନେତା ଉପେନ୍ଦ୍ର ଦେହୁରୀ, ସଂଗ୍ରାମ ବେହେରା, ଅସିତ ନାଏକ, ମାନସ ସାହୁ, ଛାତ୍ରନେତା ମାନସ ବିଶ୍ୱାଳ, ଦିନେଶ ସାହୁ, ସୋମ୍ୟରଞ୍ଜନ ବେହେରା, ଶୁଭମ ସାହୁ, ଶାନ୍ତନୁ ବେହେରା, ଇଶାନ ସ୍ୱାଇଁ, ସୋମ୍ୟରଞ୍ଜନ ସାହୁ, ଶୁଭମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଟାଏକ୍ୱୋଣ୍ଡୋ ଆସୋସିଏସନ ପକ୍ଷରୁ ଶୀତକାଳୀନ ଶିବିର

**ଢେଙ୍କାନାଳ, ୨।୧(ସମିସ):**




ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ସମରକଳା ଅନୁଷ୍ଠାନ ଆମେଚର ଟାଏକ୍ୱୋଣ୍ଡୋ ଆସୋସିଏସନ ଓ ଗୁରୁଦେବଜୀ ଗୁରୁକୁଳ ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ସହରର ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରଶିକ୍ଷଣ କେନ୍ଦ୍ରଠାରେ ଗତ ୨୯ ତାରିଖଠାରୁ ଆରମ୍ଭ ହୋଇ ଜାନୁଆରୀ ୧ ପର୍ଯ୍ୟନ୍ତ ନିଃଶୁଳ୍କ ଶୀତକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଆତ୍ମରକ୍ଷା କୌଶଳ ସହ ସାମରିକ କଳା, ଯୋଗ, ସଙ୍ଗୀତ, ନୃତ୍ୟ, ଅଭିନୟ, ଜୀବନ ଶୈଳୀ ଓ ଆଧୁନିକ ଯୁଗରେ ଶିକ୍ଷା ଓ ସଂସ୍କାରର ଉପଯୋଗିତା ଇତ୍ୟାଦି ଶିକ୍ଷା ବିଭିନ୍ନ ଏକ୍ସପର୍ଟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ପରିଚାଳକ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଅନୁଷ୍ଠାନ ଓ ଶିବିରର ଆଭିମୁଖ୍ୟ ଓ ଲକ୍ଷ ବିଷୟରେ ଆଲୋଚନା କରିବା ସହ ଉକ୍ତ ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କର ମାନସିକ ଓ ଶାରୀରିକ ଦକ୍ଷତା ବିକାଶ ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ।

ଏହି ଶିବିରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା କୃତିତ୍ୱ ହାସଲ କରିଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇ ଏହି ଗୁରୁକୁଳର ଲକ୍ଷ୍ୟ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାର ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ସମସ୍ତଙ୍କୁ ଅତିଥିଙ୍କ ଦ୍ୱାରା ଶିବିରର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାର୍ଲିଙ୍ଗନ୍ ଡାଲଟନ, ଇନ୍ଦ୍ରଜିତ ସାହୁ, ମୁକ୍ତିକାନ୍ତ ଦାଶ, ଇତିସ୍ମିତା ଚୌଧୁରୀ, ପ୍ରତାପ ନାୟକ, ପି ଶ୍ରୀନିବାସ, ଆଦିତ୍ୟ ଘୋଷ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ; କଳମଛୁଇଁ ଚାମ୍ପିଅନ୍

**କଣିହାଁ, ୨।୧(ସମିସ):** ବିଗତବର୍ଷ ପରି ଏବର୍ଷ ମଧ୍ୟ ଗତ ୨୫ ତାରିଖ ବଡଦିନରୁ ଆରମ୍ଭ ହୋଇଥିବା କଣିହାଁ ବ୍ଲକ ବଡଗୁଣ୍ଡୁରି ଗ୍ରାମ ଶ୍ରୀଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନବବର୍ଷ ଦିନ ଶେଷ ହୋଇଛି। ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ୮ରୁ ଅଧିକ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ତାଳଚେର ବ୍ଲକ ଗୋପାଳପ୍ରସାଦ ଓ କଳମଛୁଇଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳମଛୁଇଁ ଚାମ୍ପିଅନ୍ ହୋଇଛି। ଏହି ଅବସରରେ ଅତିଥି ଭାବେ ଏନ୍‌ଟିପିସି ପ୍ରକଳ୍ପ ଏଜିଏମ ତଥା ଗ୍ରାମର ସୁପତ୍ର ସୁରେଶ କୁମାର ବେହେରା, ସରପଞ୍ଚ ସସ୍ମିତା ଦଳେଇ, ପ୍ରାକ୍ତନ ସରପଞ୍ଚ ଲୋକନାଥ ସାହୁ, ଭାଜପା ଯୁବନେତା ଦେବେନ୍ଦ୍ର ବାରିକ, ସାମାଜିକ କର୍ମୀ ରଘୁନାଥ ବେହେରା



ପ୍ରମୁଖ ଯୋଗଦାନ କରିଥିଲେ। ବିଜୟୀ କଳମଛୁଇଁ ଟିମକୁ ୧୨ହଜାର ଓ ରନର୍ସଅପ୍ ଟିମ୍‌କୁ ୮ ହଜାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳୀ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବରୁଣଙ୍କୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ରଘୁରାଜଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବ ସଭାପତି ସୁମନ୍ତ ପ୍ରଧାନଙ୍କ ସହିତ କାର୍ଯ୍ୟକର୍ତ୍ତା ମନୋଜ କୁମାର ସାହୁ, ବାଦଲ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବଢ଼ୁଛି ନକଲି ମେଡିସିନ କାରବାର

# ହେଉନି ଚଢ଼ଉ; କୋଟିପତି ହେଲେଣି ଦୋକାନୀ

ଗରଦପୁର, ୨।୧(ସମିସ)

ପାଟକୁରା ଅଞ୍ଚଳରେ ନକଲି ମେଡିସିନ ବିକ୍ରୀ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।ବର୍ଷ ବର୍ଷ ଧରି ନକଲି ମେଡିସିନ ବିକ୍ରୀ ହେଉଥିଲେ ମଧ୍ୟ ଥରୁଟିଏ ଆଜି ପର୍ଯ୍ୟନ୍ତ ଚଢଉ ହେଇନି। ମୋଟା ଅଙ୍କର ହାତଗୁଞ୍ଜା ଦେଇ ମେଡିସିନ ଦୋକାନୀମାନେ ଆଜି କୋଟିପତି ହେଲେଣି। ସେପଟେ ହାତଗୁଞ୍ଜା ନେଇ ଚୁପ ବସିଛି ବିଭାଗ। ବିଶେଷଭାବରେ ଗ୍ରାମାଞ୍ଚଳରେ ନକଲି ମେଡ଼ିସିନ ବିକ୍ରୀ ଅଧିକ ହେଉଛି। ସାଧାରଣ ଗରିବ ଅସହାୟ ରୋଗୀଙ୍କୁ ଏହି ନକଲି ମେଡ଼ିସିନ ବିକ୍ରୀ କରାଯାଉଛି। ବର୍ଷ ବର୍ଷ ଧରି ନକଲି ମେଡିସିନ ଚଳାଇଥିବା ଦୋକାନୀମାନେ କିଛି ଡାକ୍ତରଙ୍କୁ ହାତ କରି ଏହି ବେପାର କରିଆସୁଛନ୍ତି। ହେଲେ ଥରେ ମାତ୍ର ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢଉ ହେଇନି କି ମେଡିସିନର ମାନ ଯାଞ୍ଚ କରାଯାଉନାହିଁ। ରାଜ୍ୟ ବାହାରୁ ନକଲି ମେଡିସିନ ଆଣି ଗ୍ରାମାଞ୍ଚଳ ଦୋକାନୀକୁ ଅତି କମ ଦାମରେ ଏହି ମେଡିସିନ ଯୋଗାଇ ଦିଆଯାଉଛି ଏହି ମେଡିସିନ ଖାଇ ଲୋକେ ଭଲ ହେବେ କଣ କିଛିଦିନ ପରେ ଜୀବନ ଚାଲି ଯାଉଥିବା ଅଭିଯୋଗ ହେଉଛି।ମଧୁମେହ, ଉଚ୍ଚ ରକ୍ତଚାପ, କିଡନୀ, ହାର୍ଟ ଭଳି ମାରାତ୍ମକ ରୋଗର ଦାମୀ ମେଡ଼ିସିନ୍ ଏଠାରେ ନକଲି ମିଳୁଛି। ତେବେ ଅସଲି ମୂଲ୍ୟ ଦେଇ ରୋଗୀ ନକଲି ମେଡିସିନ ଖାଇ ଚାଲିଛନ୍ତି।ପାଟକୁରା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଦୋକାନୀ ଏବେ ନକଲି ମେଡିସିନ ରଖୁଥିବା ଅଭିଯୋଗ ହୋଇଛି। ଏହି ନକଲି ମେଡ଼ିସିନ୍‌ର ଚେର, ପଶ୍ଚିମବଙ୍ଗ, ବିହାର, ବାଙ୍ଗଲୋର, ଦିଲ୍ଲୀକୁ ଲମ୍ବିଥିବା ଜାଣିବାକୁ ମିଳିଛି। କେବଳ ସେତିକି ନୁହେଁ ଅଣ୍ଡର ମାଟ୍ରିକ ଟ୍ରିଟମେଣ୍ଟ ଆରମ୍ଭ ହୋଇଛି।ବୈଧ ଲାଇସେନ୍ସ ନଥାଇ ଆଉ ଫାର୍ମାସିଷ୍ଟ ନଥାଇ ମେଡିସିନ ବିକ୍ରି ଆଉ ଚିକିତ୍ସା କରାଯାଉଛି।କେବଳ ଫାର୍ମାସିଷ୍ଟ ସାର୍ଟିଫିକେଟରେ ଲକ୍ଷ ଲକ୍ଷ ଟଙ୍କାର ନକଲି ମେଡ଼ିସିନ ବିକ୍ରି ହେଉଛି।ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ନେଇ ସ୍ଥାନୀୟ ପ୍ରଶାସନର କାର୍ଯ୍ୟକଳାପକୁ ସନ୍ଦେହ କରାଯାଇଛି।ନକଲି ମେଡିସିନ ବିକ୍ରି କରୁଥିବା ଦୋକାନୀ ଏକଜୁଟ ହୋଇ ଏମିତିକି ସରକାରୀ ମେଡିକାଲକୁ ରୋଗୀଙ୍କୁ ଚିକିତ୍ସା ପାଇଁ ଛାଡୁନାହାନ୍ତି।ରୋଗୀଙ୍କ ଘରେ ପହଞ୍ଚି ସାଲାଇନଠାରୁ ଆରମ୍ଭ କରି ଇଂଜେକସନ ପର୍ଯ୍ୟନ୍ତ ନିଜେ ଦେଉଛନ୍ତି।ରୋଗୀଟି ସରକାରୀ ମେଡିକାଲ ଗଲେ ସମସ୍ତ ପରୀକ୍ଷାନିରୀକ୍ଷାଠାରୁ ଆରମ୍ଭ କରି ମେଡ଼ିସିନ ପର୍ଯ୍ୟନ୍ତ ମାଗଣାରେ ମିଳିଯିବ।ମେଡ଼ିସିନ ଦୋକାନ କରିଥିବା ଅଣ୍ଡରମାଟ୍ରିକଙ୍କ ବିକ୍ରି କମ ହୋଇଯିବ। ତେଣୁ ରୋଗୀଙ୍କୁ ଧରି ରଖିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିଥିବା ଦେଖିବାକୁ ମିଳିଛି। ଅଣ୍ଡରମାଟ୍ରିକ ଚିକିତ୍ସକ ସେହି ରୋଗୀଠାରୁ ବିଭିନ୍ନ ଆଳ ଦେଖାଇ ନକଲି ମେଡ଼ିସିନ ଦେଇ ତିନିରୁ ଚାରିଗୁଣା ମୋଟା ଅଙ୍କର ଅର୍ଥ ନେଇଯାଉଥିବା ଅଭିଯୋଗ ହେଉଛି।ଏତେ ମୋଟା ଅଙ୍କର ଶୋଷଣ ହେବା ପରେ ମଧ୍ୟ ରୋଗୀଟି କିଛି ଜାଣିପାରି ନଥାଏ।ସେପଟେ ସେହି ଟଙ୍କାର ଏକ ସିଂହଭାଗ ଅଧିକାରୀଙ୍କୁ ଲାଞ୍ଚ ବାବଦରେ ଯାଇଥାଏ। ଫଳରେ କୌଣସି ଚଢ଼ଉ ହୁଏ ନାହିଁ। ବର୍ଷ ବର୍ଷ ଧରି ଏହିଭଳି କାର୍ଯ୍ୟ ଜାରି ରହିଥିବାରୁ ଅଣ୍ଡରମାଟ୍ରିକମାନେ ଠକି ଠକି ଆଜି କୋଟିପତି ହୋଇଗଲେଣି।ତେବେ ଧର୍ମକୁ ଆଖିଠାର ଭଳି ଜଣେ ଫାର୍ମାସିଷ୍ଟର ସାର୍ଟିଫିକେଟ ଖଣ୍ଡେରେ ମେଡ଼ିସିନ ଦୋକାନୀ ମାସିକ ୧୫ ଶହରୁ ୨ ହଜାର ଟଙ୍କା ଭଡା ଦେଇ ଦୋକାନରେ ଟାଙ୍ଗିଥାଏ। ଏହି ଟ୍ରେଣ୍ଡ ଯୋଗୁ ଦୈନିକ ନୂଆ ନୂଆ ମେଡ଼ିସିନ୍ ଦୋକାନ ଖୋଲି କୋଟିପତି ଆଶାରେ ଠକେଇ ଆରମ୍ଭ ହୋଇଛି।ନିୟମାନୁସାରେ ମେଡ଼ିସିନ ଦୋକାନରେ ଫାର୍ମାସିଷ୍ଟ ଔଷଧ ବିକ୍ରି କରିବା କଥା।ହେଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକାଂଶରେ ତାହା ହେଉନଥିବା ଅଭିଯୋଗ ହୋଇଛି।କେବଳ ଫାର୍ମାସିଷ୍ଟ ସାର୍ଟିଫିକେଟ ଖଣ୍ଡେରେ ଅଣ୍ଡରମାଟ୍ରିକମାନେ ମେଡ଼ିସିନ ବିକ୍ରିଠାରୁ ଚିକିତ୍ସା ସବୁକିଛି କରୁଥିବା ଦେଖିବାକୁ ମିଳୁଛି।ତେବେ ଏତେସବୁ କାର୍ଯ୍ୟ ହେଉଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।ନିୟମିତଭାବେ ମେଡ଼ିସିନ ଦୋକାନଗୁଡ଼ିକ ଯାଞ୍ଚ ହେଉନି। ଫଳରେ ଏହିଭଳି ଦୁଇନମ୍ବର କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି।ଏମିତିକି ଅନେକ ଔଷଧ ଦୋକାନର ବୈଧ ଲାଇସେନ୍ସ ନଥିବା ମଧ୍ୟ ଜାଣିବାକୁ ମିଳିଛି।ଏହିଭଳି କାର୍ଯ୍ୟ ଚାଲିବା ଦ୍ୱାରା କେତେବେଳେ ଯେ କେଉଁ ରୋଗୀର ଜୀବନ ବିପଦରେ ନ ପଡ଼ିବ ତାହା କହିହେବ ନାହିଁ। ତେଣୁ ଏହି ବେଆଇନ୍ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲୋକଙ୍କ ଜୀବନ ସହ ଖେଳୁଥିବା ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି।

**■ ସାଲେପୁର ନିକଟରେ ବସ୍-ଟ୍ରକ୍ ଧକ୍କା**

# ଆଳି ଅଞ୍ଚଳର ଯୁବତୀଙ୍କ ମୃତ୍ୟୁ



**ଆଳି, ୨।୧(ସମିସ):** ଅସୁସ୍ଥ ଭଉଣୀଙ୍କୁ ମେଡ଼ିକାଲ ନେଉଥିଲା ସାନ ଭଉଣୀ।କେତେ ଆଶା କରି ବଡ ଭଉଣୀକୁ ସୁସ୍ଥ କରିବାକୁ ଅଣ୍ଟା ଭିଡ଼ିଥିଲା।ହେଲେ ରାସ୍ତାରେ ଘଟିଲା ଅଘଟଣ।ବସ ଦୁର୍ଘଟଣାରେ ରୋଗୀଣା ଭଉଣୀ ସମ୍ମୁଖରେ ୨୧ ବର୍ଷିୟ ଅନୂସୟା ଯେକି ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଆଖିବୁଜିଲେ। ମଙ୍ଗଳବାର ସକାଳୁ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି କଟରପଡ଼ା ଛକରେ ବସ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇ ତିନିଜଣଙ୍କ ମୃତ୍ୟୁ ହୋଇଛି। ବଡ଼ ଭଉଣୀର ଦେହ ଖରାପ ଥିବାରୁ ତାକୁ କଟକ ବଡ଼ ମେଡିକାଲ ନେବା ବାଟରେ ମର୍ମନ୍ତୁଦ ବସ ଦୁର୍ଘଟଣାରେ ସବୁଦିନ ପାଇଁ ଆଖି ବୁଜି ଦେଲା ସାନ ଭଉଣୀ ଅନସୁୟା।ନୂଆ ବର୍ଷର ଦ୍ୱିତୀୟ ଦିନରେ କଟକ -ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ନିକଟରେ ମର୍ମନ୍ତୁଦ ବସ ଦୁର୍ଘଟଣାରେ ୩ ଜଣ ପ୍ରାଣ ହରାଇ ଥିବା ବେଳେ ସେମାନଙ୍କ ମଧ୍ୟରେ ଆଳି ଥାନା ଅନ୍ତର୍ଗତ ବଡ଼ଆଙ୍କୋ ଗ୍ରାମର ଅର୍ଜୁନ ବାରିକଙ୍କ ସାନଝିଅ ଅନସୁୟା ବାରିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଘଟଣାରୁ ପ୍ରକାଶ ଯେ ବଡ଼ଆଙ୍କୋ ଗ୍ରାମର ଅର୍ଜୁନବାରିକଙ୍କ ବଡ଼ ଝିଅର ଦେହ ଅସୁସ୍ଥ ଥିବାରୁ ସାନଝିଅ ଅନସୁୟା ବାରିକ ମଙ୍ଗଳବାର ସକାଳୁ ଚାନ୍ଦବାଲିରୁ ଭୁବନେଶ୍ୱର ଯାଉଥିବା ମନୋରମା ବସରେ କଟକ ଯାଉଥିଲେ। ପ୍ରବଳ କୁହୁଡି ଯୋଗୁଁ ବସ ଓ ମାଲବୋଝେଇ ୧୦ ଚକିଆ ଟ୍ରକ ସହିତ ନିଶ୍ଚିନ୍ତକୋଇଲି ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଅନସୁୟାଙ୍କ ମୃତ୍ୟୁରେ ବଡ଼ଆଙ୍କୋ ସମେତ ଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ଅନସୁୟାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡ଼ିଛି।

## ଅପ୍ରାକୃତିକ ଯୌନ ସମ୍ପର୍କକୁ ନେଇ ସ୍ୱାମୀଙ୍କ ବିରୋଧରେ ଏତଲା

**ଗରଦପୁର, ୨।୧(ସମିସ):** ପତ୍ନୀଙ୍କ ଅନିଚ୍ଛା ସତ୍ତ୍ୱେ ମାଡ଼ ମାରି ଜୋର ଜବରଦସ୍ତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ନେଇ ପାଟକୁରା ଥାନାରେ ଏତଲା ହୋଇଛି। ଅଭିଯୋଗ ମୁତାବକ, ଗତ ୨୦୨୦ ମସିହା ମେ ୨୪ ତାରିଖରେ ବଟିରା ମଧୁସୂଦନପୁର ଅଞ୍ଚଳର ଜନୈକ ବ୍ୟକ୍ତିଙ୍କୁ ଯୁବତୀ ବିବାହ କରିଥିଲେ। ବିବାହ ପରେ ପତ୍ନୀଙ୍କୁ ଅଧିକ ଯୌତୁକ ଦାବି କରିବା, ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିବା ଏବଂ ବିରୋଧ କଲେ ମାଡ଼ ମରାଯାଉଥିଲା ବୋଲି ମହିଳା ଜଣଙ୍କ ଏତଲାରେ ଦର୍ଶାଇଛନ୍ତି। ସବୁଠାରୁ ବଡ କଥା ହେଲା ସ୍ୱାମୀ ମହିଳାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖି ଅସୁସ୍ଥ କରିଦେଇଛନ୍ତି।ଏନେଇ ସେ ବିରୋଧ କରିବା ସହ ସ୍ୱାମୀଙ୍କ ଏହିଭଳି କାର୍ଯ୍ୟକୁ ବାରମ୍ବାର ବିରୋଧ କରିଛନ୍ତି। ହେଲେ ସ୍ୱାମୀ ତାଙ୍କ କଥାକୁ ଖାତିର ନକରି ଏହିଭଳି ବାରମ୍ବାର କରି ମହିଳାଙ୍କୁ ଅସୁସ୍ଥ କରିଛନ୍ତି। ଏନେଇ ଶାଶୁଙ୍କୁ ଜଣାଇବାରୁ ମାଡ଼ ଗାଳି ମିଳିଛି। ଶେଷରେ ଶଶୁର ଘର ଛାଡ଼ି ମହିଳା ଜଣଙ୍କ ବାପ ଘରକୁ ଚାଲି ଆସିଲେ। ଏନେଇ ନ୍ୟାୟ ନପାଇବାରୁ ଶେଷରେ ପାଟକୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ପଞ୍ଚାୟତ ପାର୍କରୁ ହାଇମାକ୍ସ ଲାଇଟ୍ ଚୋରି

**ଗରଦପୁର, ୨।୧(ସମିସ):** ସରକାରୀ ପାର୍କରେ ପଞ୍ଚାୟତ ଅର୍ଥରୁ ଲଗାଯାଇଥିବା ନୂତନ ହାଇମାକ୍ସ ଲାଇଟ୍ ଖୁଣ୍ଟ କାଟି କେତେଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ପାଟକୁରା ଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ତାହାର ତଦନ୍ତ କରୁଥିବା ଜାଣିବାକୁ ମିଳିଛି। ଅଭିଯୋଗରୁ ପ୍ରକାଶ ଯେ ଗରଦପୁର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ନିର୍ମାଣ ହୋଇଥିବା ପାର୍କରେ ୪ଗୋଟି ହାଇମାକ୍ସ ଲାଇଟ୍ ଲଗାଯାଇଥିଲା। ହେଲେ ନିର୍ମାଣଧିନ ପାର୍କଟି ନିରୋଳା ସ୍ଥାନରେ ହୋଇଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଛନ୍ତି। ଏହାପରେ ଗରଦପୁର ପଞ୍ଚାୟତ ସରପଞ୍ଚ ଅନିତା ମାହାଳି ଓ ପଞ୍ଚାୟତ ଅଧିକାରୀ ସସ୍ମିତା ମଲ୍ଲିକ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

# ଦଳିତ ମହିଳାଙ୍କ ଅଗୋଚରରେ କୋଇଲିପୁର ପ୍ୟାକ୍ସରେ ଋଣ ଉଠାଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୨।୧(ସମିସ):** ଜନୈକ ଦଳିତ ମହିଳାଙ୍କ ଅଗୋଚରରେ ତାଙ୍କ ନାମରେ ରାଜନଗର ବ୍ଲକ ଅନ୍ତର୍ଗତ କୋଇଲିପୁର ପ୍ରାଥମିକ ସମବାୟସମିତିରେ ଋଣ ଉଠାଣ ହୋଇଥିବା ନେଇ ସମ୍ପୃକ୍ତ ମହିଳା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପତ୍ନୀ ପ୍ରମିଳା ସେଠୀ ଜିଲ୍ଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ ସେ କୋଇଲିପୁର ପ୍ୟାକ୍ସରେ ଗତ ୨୦୧୮ ମସିହାରେ ୧୦ହଜାର ୭ଶହ ଟଙ୍କା କୃଷି ଋଣ କରି ଶୁଝି ଦେଇଥିଲେ। ଏହାପରେ ସେହି ସମିତିର ସମ୍ପାଦକଙ୍କୁ ବାରମ୍ବାର ନିବେଦନ କରିଥିଲେ ବି ତାଙ୍କୁ କୌଣସି ଋଣ ପ୍ରଦାନ କରାଯାଇନଥିଲା। ଶ୍ରୀମତୀ ସେଠୀ ପରବର୍ତ୍ତୀ ସମୟରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜନଗର ଶାଖାରୁ ତାଙ୍କ ଆକାଉଣ୍ଟ ବହିର ଏକ ନକଲ ହାସଲ କରିବା ପରେ ଜାଣିବାକୁ ପାଇଥିଲେ ଯେ ତାଙ୍କ ନାମରେ ଗତ ୨୫.୦୩.୨୦୧୯ରିଖରେ ୩୫ହଜାର ଟଙ୍କା, ୩୦.୧୨.୨୦୧୯ରେ ୬୧ହଜାର ଟଙ୍କା, ୩୦.୦୯.୨୦୨୦ରିଖରେ ୬୪ହଜାର ୨୫୦, ୧୫.୦୭.୨୦୨୧ରେ ୬୫ହଜାର ୬୮୦, ୩.୦୭.୨୦୨୩ରିଖରେ ୬୮ହଜାର ୫ଶହ ଓ ୭.୧୨.୨୦୨୩ରିଖରେ ୬୮ହଜାର ୫ଶହ ଟଙ୍କା କୃଷି ଋଣ ଉଠାଇ ନିଆଯାଇଛି। ଏହି ଋଣ ସମିତିର ସମ୍ପାଦକ ଉଠାଇ ନେଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ସମିତିର ସମ୍ପାଦକଙ୍କୁ ପଚାରିବାରେ ସମ୍ପାଦକ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିବା ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ସେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଜଣେ ଦଳିତ ମହିଳାଙ୍କ ନାମରେ ତାଙ୍କ ଅଗୋଚରରେ ଋଣ କରି ଅର୍ଥ ଉଠାଇନେବା ଏବଂ ଗାଳିଗୁଲଜ କରିଥିବା ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି।

# ୟୁୱାଇସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଟିଚର ଟିମ୍ ଚାମ୍ପିଅନ୍

**ପଟ୍ଟାମୁଣ୍ଡାଇ, ୨।୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୟୁୱାଇସି (ୟୁନାଇଟେଡ଼ ୟୁଥ କ୍ଲବ) ପକ୍ଷରୁ ନବ ବର୍ଷ ଉପଲକ୍ଷେ ଆୟୋଜିତ ଦୁଇ ଦିନିଆ ୟୁ ୱାଇ ସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।ଏଥିରେ ଆଖପାଖ ଅଞ୍ଚଳର ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ଟିମ, ଆଦର୍ଶ ଥାନା ଟିମ, ଟିଚର ଟିମ ନୀଳକଣ୍ଠପୁର, ଅଳପୁଆ ଗାଙ୍ଗପଡ଼ା, ନରେନ୍ଦ୍ରପୁର, ବାଟିପଡ଼ା, ବଡ଼ମୂଳବସନ୍ତ, ବାଲିପଡ଼ା ଟିମ ଆଦି ୧୦ଟିମ ଭାଗ ନେଇଥିଲେ ଓ ଫାଇନାଲ ଖେଳ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଟିମ ଓ ଟିଚର ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଆଦର୍ଶ ଥାନା ଟିମକୁ ହରାଇ ଟିଚର ଟିମ ଚଳିତବର୍ଷ ଚମ୍ପିୟାନ ହୋଇଛି।ଏହି ଉପଲକ୍ଷେ ୟୁ ୱାଇ ସି କ୍ଲବ ସଭାପତି ସଂଗ୍ରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ



କ୍ରୀଡା ସାମାଜିକ ପରିଚୟ ସୃଷ୍ଟି କରିବା ସହିତ ଜୀବନର ଗତିପଥ ବଦଳାଇ ଥାଏ ବୋଲି ମତପ୍ରକାଶ କରିଥିଲେ ୟୁ କୋ ବ୍ୟାଙ୍କ ଶାଖା ପରିଚାଳକ ଲିଟୁନା ସେଠ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ସରକାରୀ ଓକିଲ ଭୀମସେନ ପ୍ରଧାନ ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ।ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ବିଜୟୀ ଟିଚର ଟିମ କୁ ଚମ୍ପିୟାନ ଟ୍ରଫି ଓ ଆଦର୍ଶ ଥାନା ଟିମକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ।ଅଧ୍ୟାପକ ଅରୁଣ ପାତ୍ର ପ୍ରଦ୍ୟୁମ୍ନ ପାତ୍ର ଓ ଅଭୟ ଦାସ ଅମ୍ପେୟାର ଭାବେ ଯୋଗ ଦେଇଥିବା ବେଳେ ଶକ୍ତିସ୍ୱରୂପ ଦାସ, ଆଶିଷ ସାହାଣୀ, ସ୍ୱୟଂଶୁ ଦାସ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମନୋରଞ୍ଜନ ଦାସ ଅଶ୍ୱିନୀ ପରିଡ଼ା, ଜ୍ଞାନ ରଞ୍ଜନ ପାତ୍ର, ପ୍ରଭୁ ପ୍ରକାଶ ଦାସ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବାବେଳେ ସୁକାନ୍ତ ବାରିକ, ହଳଧର ଦାସ, ବୁଢ଼ା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳୁନି ପାନୀୟଜଳ

**କେନ୍ଦ୍ରାପଡ଼ା, ୨।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳୁନି ପାନୀୟ ଜଳ। ଗତ ୨୦୨୧ ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାନୀୟ ଜଳର ବ୍ୟବସ୍ଥା ହୋଇଥିଲା।

**● ଖରାପ ହୋଇପଡ଼ିଛି ଥଣ୍ଡା ପାନୀୟଜଳ ମେସିନ**



ଲଗାତାର ଭାବେ ଏହି ମେସିନ ଖରାପ ହୋଇପଡ଼ିଛି। କେତେବେଳେ ମେସିନ ଚାଲୁଛି ତ ଆଉକେତେବେଳେ ଜମାରୁ ଚାଲୁନି।ବର୍ତ୍ତମାନ ଗତ କିଛିଦିନ ହେଲା ମେସିନ ଅଚଳ ହୋଇଯିବାରୁ କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗକାରୀମାନେ ବିଶୁଦ୍ଧ ପାନୀୟ ଜଳ ମୁନ୍ଦେ ପାଇବାକୁ ନାହିଁ ନଥିବା ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସାଧାରଣ ଲୋକଙ୍କ ଜିଲ୍ଲା ପ୍ରଶାସନ ଉପରେ ଭରସା ରହିଥାଏ। ହେଲେ ପ୍ରଶାସନିକ ଅଧିକାରୀମାନେ ଥଣ୍ଡା ପାନୀୟ ଜଳ ମେସିନ ଖରାପ ହୋଇପଡ଼ିଥିବାର ଦେଖି ମଧ୍ୟ ସଜାଡ଼ିବାର ବ୍ୟବସ୍ଥା କରୁନାହାନ୍ତି। ସେହି କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଛିଡା ହୋଇ ଥଣ୍ଡା ପାନୀୟ ଜଳ ସମ୍ପୃକ୍ତ ସ୍ଥାନରୁ ପିଇବାକୁ ଗଲାବେଳେ ମେସିନରୁ ପାଣି ବାହାରୁନଥିବା ଦେଖି ନିରାଶରେ ଫେରିଯାଉଛନ୍ତି। ତେଣୁ ଏଭଳି ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ କରାଯିବା ସହ ସମ୍ପୃକ୍ତ ପ୍ରକଳ୍ପଟିକୁ ସଜାଡ଼ିବାକୁ ସାଧାରଣରେ ଦାବି ହୋଇଛି।

# ମନୋରମା ବସ୍ ଦୁର୍ଘଟଣା, ରାଜକନିକାର ଯୁବକ ମୃତ

**ରାଜକନିକା, ୨।୧(ସମିସ):** ଆଜି ସକାଳେ କଟକ-ଚାନ୍ଦବାଲି ରାସ୍ତାରେ ଘଟିଥିବା ବସ୍ ଓ ଟ୍ରକ ଦୁର୍ଘଟଣାରେ ବସରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମଧ୍ୟରୁ ରାଜକନିକା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ରାଜକନିକା ଥାନା ଅନ୍ତର୍ଗତ ଓଡିଗିରିଆ ଗ୍ରାମର ନଳିନୀକାନ୍ତ (ରାଜା) ବୋଲି ଜଣାପଡ଼ିଛି। ଆଜି ଭୋରରୁ ନଳିନୀକାନ୍ତ ଚାନ୍ଦବାଲିରୁ ଆସୁଥିବା ମନୋରମା ବସରେ ଚନ୍ଦନପୋଖରୀ ଛକରୁ ଉଠିଥିଲେ। ମୃତ ନଳିନୀକାନ୍ତଙ୍କ ସହ ତାଙ୍କ ପଡୋଶୀ ଶୈଳେନ୍ଦ୍ର ପ୍ରଧାନ ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଚାନ୍ଦବାଲିରୁ କଟକ ଯାଉଥିବା ମନୋରମା ବସ୍‌ରେ ରାଜକନିକାର ଶିଶୁଆ ଗାଁର ଅମିୟ ନାୟକ, ଗୌତମ ସ୍ୱାଇଁ, ଅନନ୍ତପୁର ଗ୍ରାମର ବାସନ୍ତୀ ବେହେରା ଓ ତାଙ୍କ ସ୍ୱାମୀ ଯାଉଥିବାବେଳେ ଆହତ ହୋଇଛନ୍ତି। ତେବେ ମୃତ ଯୁବକ ନଳିନୀକାନ୍ତ ଜଣେ ବିଟେକ (ଇଲେକ୍ଟ୍ରିକ) କରି ଆଜି ଭୁବନେଶ୍ୱରର ଏକ କମ୍ପାନୀରେ ଚାକିରି ପାଇଁ ସାକ୍ଷାତକାର ଦେବାକୁ ଯାଉଥିଲେ।




ଓଡିଗିରିଆ ଗାଁର ଲମ୍ବୋଦର ଗାହଣ ଓ ମାଆ ଚନ୍ଦ୍ରକାନ୍ତି ନାଥଙ୍କ ପୁଅ ନଳିନୀକାନ୍ତ ଜଣେ ଶାନ୍ତଶିଷ୍ଟ, ମେଳାପୀ କର୍ମଠ ଯୁବକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ ଥିବାବେଳେ ତାଙ୍କ ମୃତ୍ୟୁ ଖବର ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨।୧(ସମିସ)

କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଆନୁଷ୍ଠାନିକଭାବେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଉଦ୍‌ଘାଟନ କରିଥିଲେ। କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର ସଭାପତି ଦିବାକର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପୀତାମ୍ବର ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ସମସ୍ତ ବ୍ଲକର ବିଡିଓ, ତହସିଲ୍‌ଦାର, ସିଡିପିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସୁକାନ୍ତ କୁମାର ଜେନା, ପ୍ରଦୀପ କୁମାର ଦାସ, ସୌଭାଗ୍ୟ ରଞ୍ଜନ ଦାସ, ଚିତ୍ତରଞ୍ଜନ ବେହେରା, ଦିଲିପ କୁମାର ଖଟୁଆ, ରୁଦ୍ର ପ୍ରସାଦ ସାହୁ, ଉମେଶ ଚନ୍ଦ୍ର ବେହେରା, ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥଲେ। କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ଓ ନ୍ୟୁ ଷ୍ଟାର ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ



କରିଥିବା ବେଳେ ଭାବଗ୍ରାହୀ କଳାନିକେତନର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। କଲେକ୍ଟୋରେଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ନାଟକ 'ଶେଷ ଠିକଣା।' ଯେଉଁ ପିତାମାତାଙ୍କୁ ଜୀବନ୍ତ ଈଶ୍ୱରଭାବେ ପୂଜା କରାଯାଏ, ସେ ସମ୍ପ୍ରତି ଅଲୋଡ଼ା ଶିକ୍ଷିତ ପୁଅ ବୋହୂଙ୍କ ପାଖରେ। ତାଙ୍କର ଠିକଣା କେବେ ଜରାଶ୍ରମ ତ କେବେ ବଡ଼ଦାଣ୍ଡ। ଉଗ୍ର ଆଧୁନିକତାର ଅଳନ୍ଧୁ ଭିତରେ କିପରି ହଜିଯାଉଛି ମଣିଷପଣିଆ, ବନ୍ଧା ପଡୁଛି ମାନବିକତା; ତାକୁ ନେଇ ଗତିଶୀଳ ହୁଏ ନାଟକ 'ଶେଷ ଠିକଣା'। ମାତ୍ର ଜୀବନର ତିକ୍ତ ଅନୁଭୂତି ହିଁ ପରିଶେଷରେ ଦର୍ଶାଇ ଦେଇଛି ବାସ୍ତବରେ କେଉଁଠି ଆମର 'ଶେଷ ଠିକଣା' ତ ନାଟକରେ ପଡ଼ିଥିଲା ଯବନିକା। ଏହି ନାଟକରେ ପ୍ରଦ୍ୟୁମ୍ନ କୁମାର ଜେନା ନିର୍ଦ୍ଦେଶନା ଦେଇଥିବା ବେଳେ ସଂଳାପରେ ସଞ୍ଜୟ କୁମାର ମଲ୍ଲିକ, କାହାଣୀ ଦିବ୍ୟ ରଞ୍ଜନ ବେହେରା ଓ ସହଯୋଗିତାରେ ନରେନ୍ଦ୍ରନାଥ ସୋରେନ ଥିଲେ।ପରିଶେଷରେ ଜିଲ୍ଲା କାର୍ଯ୍ୟାଳୟରେ ହୋଇଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ମ୍ୟୁଜିକ୍ ଚେୟାର୍ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ କୃତୀ କର୍ମଚାରୀଙ୍କୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍ ପୁରସ୍କୃତ କରିଥିଲେ।

## ଇଲେକ୍ଟୋରାଲ ବଣ୍ଡର ୩୦ତମ କିସ୍ତିକୁ ମଞ୍ଜୁରି

**ନୂଆଦିଲ୍ଲୀ, ୨।୧ (ଏଜେନ୍ସି):** ଇଲେକ୍ଟୋରାଲ ବଣ୍ଡର ଆବଶ୍ୟକତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଥିବାବେଳେ କେନ୍ଦ୍ର ସରକାର ଏହାର ୩୦ତମ କିସ୍ତିକୁ ମଞ୍ଜୁରି ଦେଇଛନ୍ତି। ମଙ୍ଗଳବାରଠାରୁ ଏହାର ବିକ୍ରି ଆରମ୍ଭ ହୋଇଛି। ଏହା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ବେଙ୍ଗାଲୁରୁ, ଲକ୍ଷ୍ନୌ, ସିମ୍‌ଲା, ଡେରାଡୁନ, କୋଲକାତା, ଗୌହାଟୀ, ଚେନ୍ନଇ, ନୂଆଦିଲ୍ଲୀ, ପାଟନା, ଚଣ୍ଡିଗଡ଼, ଶ୍ରୀନଗର, ଗାନ୍ଧୀନଗର, ଭୋପାଳ, ରାୟପୁର ଏବଂ ମୁମ୍ବାଇ ଶାଖାରେ ବଣ୍ଡ ବିକ୍ରି ହେବ। ଏହି ବଣ୍ଡ ଜାରି ହେବାର ୧୫ ଦିନ ପର୍ଯ୍ୟନ୍ତ ବୈଧ ରହିବ। ଏହି ସମୟସୀମା ମଧ୍ୟରେ ବଣ୍ଡକୁ ଜମା କରିବାକୁ ପଡ଼ିବ। ଏହା ପରେ ଜମା କଲେ କୌଣସି ରାଜନୈତିକ ଦଳଙ୍କୁ ଅର୍ଥ ମିଳିବ ନାହିଁ। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟ ନିର୍ବାଚନ ବଣ୍ଡକୁ ନେଇ କେନ୍ଦ୍ରକୁ ପ୍ରଶ୍ନ ପଚାରି ଥିଲେ ଏବଂ ରାୟକୁ ସଂରକ୍ଷିତ ରଖି ଦେଇଥିଲେ। ସବୁ ଦଳଙ୍କ ପାଣ୍ଠିର ତଥ୍ୟ ଦେବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

■ ବିହାର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଜାତିଭିତ୍ତିକ ଜନଗଣନା ତଥ୍ୟ ସାର୍ବଜନୀନ ଡୋମେନ୍‌ରେ ରଖ

**ନୂଆଦିଲ୍ଲୀ, ୨।୧ (ଏଜେନ୍ସି):** ବିହାର ଜାତିଭିତ୍ତିକ ଜନଗଣନା ତଥ୍ୟ ସାର୍ବଜନୀନ ନ କରିବାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ସାର୍ବଜନୀନ ଡୋମେନରେ ରଖିବା ପାଇଁ ବିହାର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବେକ୍ଷଣରୁ ସାମ୍ନାକୁ ଆସିଥିବା ତଥ୍ୟକୁ ସମସ୍ତେ ଦେଖିବା ଦରକାର। ଯିଏ ଚାହିଁବେ ସେ ଏହି ତଥ୍ୟକୁ ବିରୋଧ କରିପାରିବେ। ଜନତାଙ୍କ ପାଇଁ ଏହା ଉପଲବ୍ଧ କରାଯାଇ ନଥିବାରୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏହା ସମସ୍ତଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଫେବୃଆରୀ ୫ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀ ସଂରକ୍ଷଣ ସୀମାକୁ ବୃଦ୍ଧିକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବାକୁ କୋର୍ଟ ମନା କରିଥିଲେ। ଏହି ମାମଲାରେ ବିସ୍ତାର ଭାବେ ଶୁଣାଣି ହେବା ଉଚିତ। ତେଣୁ ସଂରକ୍ଷଣ ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ସୁପ୍ରିମକୋର୍ଟ କହିଥିଲେ।

## ଜମ୍ମୁ-କାଶ୍ମୀରରେ ମୃଦୁ ଭୂକମ୍ପ

**ଶ୍ରୀନଗର, ୨।୧ (ଏଜେନ୍ସି):** ନୂଆ ବର୍ଷର ଦ୍ୱିତୀୟ ଦିନରେ ଜମ୍ମୁ-କାଶ୍ମୀର ଥରି ଉଠିଛି। ସକାଳ ୧୧ଟା ୩୦ରେ ୩.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂପୃଷ୍ଠରୁ ୫ କିମି ତଳେ ଏହାର କେନ୍ଦ୍ର ଥିଲା ବୋଲି ନ୍ୟାସନାଲ ସେଣ୍ଟର ଅଫ୍ ସେସମୋଲୋଜି ପକ୍ଷରୁ କୁହାଯାଇଛି। ତେବେ ଏହି ଭୂକମ୍ପରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ।

## ମାନବ ଚାଲାଣ: ୧୦ ଗିରଫ

**ସୁରଟ, ୨।୧ (ଏଜେନ୍ସି):** ଗୁଜରାଟ ସୁରଟ ପୁଲିସ ମାନବ ଚାଲାଣ କରୁଥିବା ବାଂଲାଦେଶୀ ନେଟୱର୍କର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୯ ବାଂଲାଦେଶୀଙ୍କ ସମେତ ୧୦ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ କମିଶନର ଅଜୟ କୁମାର ତୋମାରଙ୍କ ଅନୁଯାୟୀ ଏହି ବାଂଲାଦେଶୀ ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରୁଥିଲେ। ଏମାନେ ବାଂଲାଦେଶରୁ ଅନ୍ୟ ଲୋକଙ୍କୁ ଆଣି ଭାରତୀୟ ପ୍ରମାଣପତ୍ର ପ୍ରଦାନ କରୁଥିଲେ।

## ଜେଏନ୍.୧ ମାମଲା ୩୧୨କୁ ବୃଦ୍ଧି

**ନୂଆଦିଲ୍ଲୀ, ୨।୧ (ଏଜେନ୍ସି):** ଭାରତରେ କରୋନାର ନୂଆ ପ୍ରଜାତି ଜେଏନ୍.୧ ମାମଲା ୩୧୨ରେ ପହଞ୍ଚି ଗଲାଣି। ଏଥିରୁ ୪୭ ପ୍ରତିଶତ ମାମଲା କେବଳ କେରଳରୁ ଆସିଛି। ଏ ପର୍ଯ୍ୟନ୍ତ ୧୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଏହି ରୋଗୀ ଚିହ୍ନଟ ହେଲେଣି। ଏଗୁଡିକ ମଧ୍ୟରେ କେରଳ (୧୪୭), ଗୋଆ (୫୧), ଗୁଜରାଟ (୩୪), ମହାରାଷ୍ଟ୍ର (୨୬), ତାମିଲନାଡୁ (୨୨), କର୍ଣ୍ଣାଟକ (୮), ରାଜସ୍ଥାନ (୫), ତେଲଙ୍ଗାନା (୨) ସାମିଲ ରହିଛି। ଇନ୍‌ସାକଗ୍ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। କେବଳ ଡିସେମ୍ବରରେ ଏହି ପ୍ରଜାତିର ୧୭୯ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ନଭେମ୍ବରରେ ୩୩ଟି ମାମଲା ସାମ୍ନାକୁ ଆସିଥିଲା।

## କଂଗ୍ରେସରେ ବିଲୟ ହେବ ୱାଇଏସ୍‌ଆର୍ ତେଲଙ୍ଗାନା

**ହାଇଦରାବାଦ, ୨।୧ (ଏଜେନ୍ସି):** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀଙ୍କ ଭଉଣୀ ୱାଇଏସ୍ ଶର୍ମିଳାଙ୍କ ନେତୃତ୍ୱାଧୀନ ୱାଇଏସଆର ତେଲଙ୍ଗାନା ଦଳ କଂଗ୍ରେସରେ ବିଲୟ ହେବାକୁ ଯାଉଛି। ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଶର୍ମିଳା ବୁଧବାର ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ସେ ଏଠାରୁ ବିଲୟର ଘୋଷଣା କରିବେ ବୋଲି ସୂଚନା ମିଳିଛି। ସେ ମଙ୍ଗଳବାର ଦଳୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସେ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ରାହୁଲ ଗାନ୍ଧୀଙ୍କ ସହିତ ଅନ୍ୟ ଶୀର୍ଷ ନେତୃତ୍ୱଙ୍କୁ ଭେଟିବେ ବୋଲି କହିଛନ୍ତି। ଅନ୍ୟପଟେ କଂଗ୍ରେସ ରାଷ୍ଟ୍ରୀୟସ୍ତରରେ ଶର୍ମିଳାଙ୍କୁ ଏକ ପ୍ରମୁଖ ପଦବୀ ଦେବ ବୋଲି ସୂଚନା ମିଳିଛି।

## ୧୦ ଗୁଣ ବଢ଼ିଛି ଡେଙ୍ଗୁ ମାମଲା

**ଜେନେଭା, ୨।୧ (ଏଜେନ୍ସି):** ବିଶ୍ୱରେ ଡେଙ୍ଗୁ ମାମଲା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ୨୦୦୦ରୁ ୨୦୧୯ ମଧ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ୧୦ ଗୁଣ ବୃଦ୍ଧି ପାଇଛି। ଏହି ମାମଲା ୫ ଲକ୍ଷରୁ ୫୨ ଲକ୍ଷରେ ପହଞ୍ଚି ଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ପ୍ରକୃତ ତଥ୍ୟ ଏହାଠାରୁ ଢେର ଅଧିକ ହେବ ବୋଲି କୁହାଯାଇଛି। କାରଣ ଅନେକ ଦେଶରେ ଡେଙ୍ଗୁ ତଥ୍ୟ ରେକର୍ଡ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଡେଙ୍ଗୁ ମାମଲା ବୃଦ୍ଧି ପାଇ ଚାଲିଛି। ଏଲ୍‌ନିନୋ ପ୍ରଭାବ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ଏବଂ ବର୍ଷାର ଧାରା ବଦଳୁ ଥିବାରୁ ଏପରି ହେଉଛି। 'ହୁ' ଅନୁଯାୟୀ ୨୦୨୩ରେ ସାରା ବିଶ୍ୱରେ ଡେଙ୍ଗୁ ମାମଲା ଦ୍ରୁତଗତିରେ ବୃଦ୍ଧି ପାଇଛି।

### ୨୪ ଘଣ୍ଟାରେ ୧୫୫ ଭୂକମ୍ପରେ ଦୋହଲିଲା ଜାପାନ

# ୪୮ ମୃତ; ଶତାଧିକ ଆହତ



**ଟୋକିଓ, ୨।୧ (ଏଜେନ୍ସି):** ନୂଆ ବର୍ଷରେ ଜାପାନ ଦୋହଲି ଯାଇଛି। ଇସକାୱାରେ ଆସିଥିବା ୭.୬ ତୀବ୍ରତାର ଭୂକମ୍ପରେ ବିପୁଳ କ୍ଷୟକ୍ଷତି ହୋଇଛି। ଗୋଟିଏ ପରେ ଗୋଟିଏ ଭୂକମ୍ପ ଆସୁଥିବାରୁ ଲୋକେ ଭୟରେ କାଳତିପାତ କରୁଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୧୫୫ରୁ ଅଧିକ ଥର ଭୂକମ୍ପ ହେଲାଣି। ଏହାର ତୀବ୍ରତା ୬.୨ ଠାରୁ ୩.୪ ମଧ୍ୟରେ ରହିଛି। ଏହି ଭୂକମ୍ପ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ କୋଠାବାଡ଼ି ଧ୍ୱଂସ ହୋଇଯାଇଛି। ଏହି ଭୂକମ୍ପରେ ଅତିକମ୍‌ରେ ୪୮ ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ଲୋକ ଅବଶେଷ ତଳେ ଫସି ରହିଛନ୍ତି। ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସେହିପରି ୨୦୦ କୋଠାରେ ନିଆଁ ଲାଗି ଯାଇଛି। ରାସ୍ତାଘାଟ ଫାଟି ଆଁ କରିଛି। ଭିତ୍ତିଭୂମି ଭୁଶୁଡି ଯାଇଛି। ବିଦ୍ୟୁତ ସରବାରହ ଏବଂ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ୪୦ ହଜାରରୁ ଅଧିକ ଘରେ ବିଦ୍ୟୁତ ଚାଲିଯାଇଛି। ୨୪ ଘଣ୍ଟା ହେଲା ୧୪୦୦ ଲୋକ

> **ବୁଲେଟ ଟ୍ରେନ୍‌ରେ ଫସିଛନ୍ତି ୧୪୦୦ ଲୋକ**
>
> **ଜଳିଗଲା ୨୦୦ କୋଠା**
>
> **ଇସକାୱାରେ ପୁଣି ଭୂକମ୍ପ ଚେତାବନୀ**

ବୁଲେଟ ଟ୍ରେନ୍‌ରେ ଫସି ରହିଛନ୍ତି। ଇସକାୱାରେ ପୁଣି ଭୂକମ୍ପକୁ ନେଇ ଚେତାବନୀ ଜାରି କରାଯାଇଛି।

ଭୂକମ୍ପରେ ପ୍ରାଣ ହରାଇଥିବା ଲୋକଙ୍କ ସଂଖ୍ୟା ଢେର ଅଧିକ ବୋଲି ପ୍ରଧାନମନ୍ତ୍ରୀ ଫୁମିଓ କିସିଦା କହିଛନ୍ତି। ଅନେକ ସ୍ଥାନରେ ନିଆଁ ଲାଗି ଯାଇଛି। ଲୋକେ କୋଠା ତଳେ ଚାପି ହୋଇ ରହିଛନ୍ତି। ହାତରେ ସମୟ କମ୍ ରହିଛି। ଏହା ପୂର୍ବରୁ ଲୋକଙ୍କୁ ବଞ୍ଚାଇବାକୁ ଉଦ୍ୟମ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଭୂକମ୍ପ ପରର ସ୍ଥିତି ମଧ୍ୟ ବିଗିଡି ଯାଇଛି। ଡାକ୍ତରଖାନାରେ ବିଦ୍ୟୁତ ନ ଥିବାରୁ ଆହତଙ୍କ ଚିକିତ୍ସାରେ ସମସ୍ୟା ସୃଷ୍ଟି ହୋଇଛି। ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ୧୦ ହଜାରରୁ ଅଧିକ ଉଦ୍ଧାରକର୍ମୀଙ୍କୁ ନିୟୋଜିତ କରାଯାଇଛି। ନୋଟୋ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜୋରଦାର ହୋଇଛି। ଏ ପର୍ଯ୍ୟନ୍ତ ଲକ୍ଷେରୁ ଅଧିକ ଲୋକଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏମାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଇ ଦିଆଯାଇଛି। ସୁନାମୀ ଚେତାବନୀ ପ୍ରତ୍ୟାହାର ପରେ ଏମାନେ ଘରକୁ ଫେରିବେ।

## ଜାପାନରେ ୨ ବିମାନ ମୁହାଁମୁହିଁ; ୫ ମୃତ

ଜାପାନ ରାଜଧାନୀ ଟୋକିଓର ହାନେଡ଼ା ବିମାନବନ୍ଦରରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଅବତରଣ ପୂର୍ବରୁ ଏକ ଯାତ୍ରୀ ବିମାନ ତଟରକ୍ଷୀ ବାହିନୀର ବିମାନ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ତଟରକ୍ଷୀ ବିମାନର ୫ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଛି। ପାଇଲଟ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମୁହାଁମୁହିଁ ହେବା ଯୋଗୁଁ ଯାତ୍ରୀ ବିମାନରେ ନିଆଁ ଲାଗି ଯାଇଥିଲା। ଅବତରଣ ପରେ ବିମାନରୁ ୩୭୯ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଏହି ଉଦ୍ଧାରକାର୍ଯ୍ୟରେ ଦମକଳ ବାହିନୀର ୫୨ ଟିମ୍ ସାମିଲ ଥିଲା। ଜାପାନ ଏୟାରଲାଇନ୍ସର ପ୍ରବକ୍ତା କହିଛନ୍ତି ଯେ ଯାତ୍ରୀ ବିମାନ ହୋକାଇଡୋର ସିନଚିତୋସେ ବିମାନବନ୍ଦରରୁ ଆସିଥିଲା। ଏଥିରେ ୩୬୭ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ଥିଲେ। ଅନ୍ୟପକ୍ଷରେ ତଟରକ୍ଷୀ ବାହିନୀର ବିମାନ ମାଧ୍ୟମରେ ଭୂକମ୍ପ ପ୍ରଭାବିତ ଅଞ୍ଚଳକୁ ଜରୁରୀ ସାମଗ୍ରୀ ପଠା ଯାଉଥିଲା। ଏବେ ଏହି ମାମଲାର ଯାଞ୍ଚ ଜାରି ରହିଛି।



**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

## ରେଳ ସୁରକ୍ଷା ପାଇଁ କ'ଣ କରିଛ

**ନୂଆଦିଲ୍ଲୀ, ୨।୧ (ଏଜେନ୍ସି):** ଦେଶରେ ରେଳ ଦୁର୍ଘଟଣା ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)ର ଶୁଣାଣି କରି ରେଳ ସୁରକ୍ଷା ପାଇଁ କି ପଦକ୍ଷେପ ନେଇଛ ବୋଲି ପଚାରିଛନ୍ତି। ଏହା ସହିତ ଅଟୋମେଟିକ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ 'କବଚ' ଲଗାଇବା ଉପରେ ସୂଚନା ମାଗିଛନ୍ତି। ରେଳ ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇଛି କିମ୍ବା ନିଆଯିବ ତାହାର ସୂଚନା ଦେବାକୁ ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୪ ସପ୍ତାହ କଣ୍ଟ ଦେଇଛନ୍ତି। ଏହା ପରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କହିଛନ୍ତି। ୨ ଦିନ ମଧ୍ୟରେ ଏହି ଆବେଦନର ଏକ ନକଲ ଆଟର୍ଣ୍ଣି ଜେନେରାଲଙ୍କୁ ପ୍ରଦାନ କରିବା ପାଇଁ ଆବେଦନକାରୀ ଓକିଲ ବିଶାଲ ତିୱାରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଜୁନ୍‌ରେ ବାଲେଶ୍ୱରରେ ଟ୍ରେନ ଦୁର୍ଘଟଣା ଘଟି ୨୯୩ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ କବଚ ସିଷ୍ଟମ ଲଗାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହି ଆବେଦନରେ ରେଳ ଦୁର୍ଘଟଣା ରୋକିବାକୁ ତୁରନ୍ତ କବଚ ସିଷ୍ଟମ ଲଗାଇବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ଏ ପର୍ଯ୍ୟନ୍ତ ସାରା ଦେଶରେ ରେଳ ସୁରକ୍ଷା ପାଇଁ ସୁରକ୍ଷିତ ବ୍ୟବସ୍ଥା ଆପଣା ଯାଇନାହିଁ। ଓଡ଼ିଶାର ଦୁର୍ଘଟଣା ଘଟିଥିବା ମାର୍ଗରେ ମଧ୍ୟ ଏହାକୁ ଲଗାଯାଇ ନାହିଁ ବୋଲି ଆବେଦନକାରୀ କହିଛନ୍ତି। ମାମଲାର ଶୁଣାଣି ସମୟରେ ସାରା ଦେଶରେ କବଚ ସିଷ୍ଟମ ଲଗାଇବା ପାଇଁ କେତେ



ଆର୍ଥିକ ବୋଝ ପଡ଼ିବ ଏବଂ ଏହାର ଆକଳନ ପାଇଁ କୌଣସି ପ୍ରକ୍ରିୟା ଅବଲମ୍ବନ କରାଯାଇଛି କି ନାହିଁ ବୋଲି କେନ୍ଦ୍ରକୁ ପଚାରି ଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ସବୁ ଜିନିଷର ଆର୍ଥିକ ଦିଗ ସହ ସମ୍ବନ୍ଧ ରହିଛି। କାରଣ ଏହାର ବୋଝ ମଧ୍ୟ ଯାତ୍ରୀଙ୍କ ଉପରେ ପଡ଼ିବ। ଏହା ଉପରେ ଆବେଦନକାରୀ କହିଥିଲେ ଯେ ସରକାର ଅନେକ କାର୍ଯ୍ୟକ୍ରମ ଚଳାଉଛନ୍ତି। ଜନତାଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ଆର୍ଥିକ ବାଧା ସୃଷ୍ଟି ହୋଇ ନ ପାରେ।

■ ସୋରେନ୍‌ଙ୍କ ମୁଣ୍ଡରେ ଝୁଲୁଛି ଗିରଫ ଖଣ୍ଡା

## ପତ୍ନୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତି

**ରାଞ୍ଚି, ୨।୧ (ଏଜେନ୍ସି):** ଝାଡ଼ଖଣ୍ଡର ମେଣ୍ଟ ସରକାର ଉପରେ ପୁଣିଥରେ ସଙ୍କଟ ଦେଖା ଦେଇଛି। ଜମି ଦୁର୍ନୀତି ଏବଂ ବେଆଇନ ଖଣି ଖନନ ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଫସୁଥିବା ଦେଖାଯାଉଛି। ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୭ ଥର ସମନ ଜାରି କରିଥିଲେ ମଧ୍ୟ ସେ ହାଜର ହୋଇନାହାନ୍ତି। ବାରମ୍ବାର ସମନକୁ ଏଡାଇ ଚାଲିଛନ୍ତି। ତେଣୁ ଇଡି ବଡ଼ କାର୍ଯ୍ୟାନୁଷ୍ଠାନ ନେବାର ସମ୍ଭାବନା ରହିଛି। ଏପରି ସ୍ଥିତିରେ ସୋରେନଙ୍କ ମୁଣ୍ଡରେ ଗିରଫର ଖଣ୍ଡା ଝୁଲୁଛି। ଏହାକୁ ଦୃଷ୍ଟିରେ ରଖି ସେ ବଡ଼ ଯୋଜନା କରିଛନ୍ତି। ସେ ନିଜ ସ୍ଥାନରେ ପତ୍ନୀ କଳ୍ପନା ସୋରେନଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଗାଣ୍ଡେୟ ବିଧାୟକ ସର୍ଫରାଜ ଅହମ୍ମଦ ସୋମବାର ଅଚାନକ ଇସ୍ତଫା ଦେଇଛନ୍ତି। ଏହି ସ୍ଥାନରୁ କଳ୍ପନା ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି। ସେହିପରି ସୋରେନ ବୁଧବାର ବିଧାୟକ ଦଳର ବୈଠକ ଡକାଇଛନ୍ତି। ବୈଠକରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ ବିଜେପି ମଧ୍ୟ ଏପରି ଦାବି କରିଥିଲା। ସୋରେନ



> **ଇସ୍ତଫା ଦେଇ ସାରିଲେଣି ଗାଣ୍ଡେୟ ବିଧାୟକ**
>
> **ଆଜି ମହାମେଣ୍ଟର ବିଧାୟକ ଦଳ ବୈଠକ**
>
> **୭ ଥର ସମନ ଜାରି କରି ସାରିଲାଣି ଇଡି**

ନିଜ ସ୍ଥାନରେ ପତ୍ନୀଙ୍କୁ ବସାଇବାକୁ ଚାହାନ୍ତି ବୋଲି ବିଜେପି ସାଂସଦ କହିଥିଲେ। ତେବେ ସୋରେନ ଏହି ଖବରକୁ କପୋଳକଳ୍ପିତ କହିଥିଲେ। ବିଧାନସଭା ନିର୍ବାଚନ ଅନୁମାନକୁ ମଧ୍ୟ ଖାରଜ କରିଦେଇଛନ୍ତି। ଏହି କଥାରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସୋରେନ ଏ ସମ୍ବନ୍ଧରେ ଆଇନଗତ ପରାମର୍ଶ ନେଉଥିବା ସୂଚନା ମିଳିଛି। ସେ ମଙ୍ଗଳବାର ଆଡଭୋକେଟ ଜେନେରାଲ ରାଜୀବ ରଞ୍ଜନଙ୍କୁ ସାକ୍ଷାତ କରିଛନ୍ତି। ବରିଷ୍ଠ ଅଧିକାରୀଙ୍କୁ ନେଇ ମଧ୍ୟ ଏକ ବୈଠକ ବସିଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ବିନୟ ଚୌବେ ସାମିଲ ଥିଲେ। ଏହା ମଧ୍ୟରେ ରାଜଭବନରେ ଥିବା ଜଉ ମୁଦ ଲଫାପାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯଦି ଏହା ଖୋଲିଲା ଏବଂ ମୁଖ୍ୟମନ୍ତ୍ରୀ ସଦସ୍ୟତା ହରାନ୍ତି ତେବେ ଝାଡ଼ଖଣ୍ଡ ସରକାର ପ୍ରତି ବିପଦ ସୃଷ୍ଟି ହେବ। ସେହିପରି ଇଡି ସୋରେନଙ୍କୁ ଗିରଫ କଲେ ମଧ୍ୟ ମହାମେଣ୍ଟ ଉପରେ ସଙ୍କଟ ଛାଇଯିବ।






ପ୍ରକୃତିର ସବୁ ଉପାଦାନ ପରସ୍ପର ସହିତ ଜଡ଼ିତ ଓ ନିର୍ଭରଶୀଳ। ତେଣୁ ସଂସାରରେ ସମ୍ପୂର୍ଣ୍ଣ ଏକୁଟିଆ ରହିବା ପ୍ରାୟତଃ ଅସମ୍ଭବ।
-ଜେ କ୍ରିଷ୍ଣମୂର୍ତ୍ତି

ସକାଳ
THE SAKALA

# 'ଇସ୍ରୋ'ର ନବବର୍ଷ ଉପହାର

ନବବର୍ଷର ପ୍ରଥମ ଦିବସରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ଦେଶ ଓ ବିଶ୍ୱବାସୀଙ୍କ ପାଇଁ ଆଉ ଏକ ସୁଖବର ଆଣିଛି। ମହାକାଶରେ କୃଷ୍ଣଗର୍ତ୍ତ (ବ୍ଲାକ୍ ହୋଲ୍) ଓ ଅନ୍ୟାନ୍ୟ ମହାଜାଗତିକ ବସ୍ତୁର ରହସ୍ୟ ଉଦ୍‌ଘାଟନ ପାଇଁ ଭାରତ ଦ୍ୱିତୀୟ ରାଷ୍ଟ୍ରଭାବେ ଏକ ଉପଗ୍ରହ ପଠାଇଛି। ଏହି ଉପଗ୍ରହ ଏକ୍ସପୋସାଟ୍‌କୁ ଶ୍ରୀହରିକୋଟାସ୍ଥିତ ଉତ୍‌କ୍ଷେପଣ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି-ସି୫୮ ଉତ୍‌କ୍ଷେପଣ ଯାନ ଦ୍ୱାରା ସଫଳତାର ସହିତ ମହାକାଶକୁ ପଠାଯାଇଛି। ଏକ୍ସପୋସାଟ୍ ଏକ୍ ପୋଲାରିମିଟର ଉପଗ୍ରହ। ଏହା ଆଲୋକର ଧ୍ରୁବୀକରଣ ପ୍ରକ୍ରିୟାକୁ ମାପ କରିଥାଏ। ପିଏସ୍‌ଏଲ୍‌ଭିର ଏହା ୬୦ତମ ମହାକାଶଯାତ୍ରା ଏବଂ ଏଥର ଏହି ଯାନ ଏକ୍ସପୋସାଟ୍‌କୁ ଭୂପୃଷ୍ଠର ୬୫୦ କିମି ଉପରେ ପୃଥିବୀର କକ୍ଷ ପଥର ଅବସ୍ଥାପିତ କରିଛି। ପର୍ଯ୍ୟାୟକ୍ରମେ ଏହି ଉପଗ୍ରହକୁ ଭୂପୃଷ୍ଠ ନିୟନ୍ତ୍ରଣ କେନ୍ଦ୍ରରୁ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇବାକୁ ଉଦ୍ୟମ ହେବ। ଏବେ ଏହା କକ୍ଷପଥରେ ଛ'ଡିଗ୍ରୀ ନମିତ ଅବସ୍ଥାରେ ରହିଛି।

କୃଷ୍ଣଗର୍ତ୍ତର ରହସ୍ୟ ଏ ଯାଏଁ ଉନ୍ମୋଚିତ ହୋଇ ପାରିନାହିଁ। ଏହି ଖଗୋଳୀୟ ରହସ୍ୟର ଉନ୍ମୋଚନ ପାଇଁ ଆମେରିକା ପ୍ରଥମେ ଏକ ଉପଗ୍ରହ ପଠାଇଥିବାବେଳେ ଭାରତ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ରଭାବେ ଏଥିରେ ସାମିଲ ହୋଇଛି। ମହାଜାଗତିକ ବସ୍ତୁଗୁଡ଼ିକ ଯେଉଁ ଆଲୋକ ବିକିରଣ କରନ୍ତି, ଏକ୍ସପୋସାଟ୍ ତାହାର ଅନୁଧ୍ୟାନ କରିବ। ନ୍ୟୁଟ୍ରନ୍ (ସଘନ) ତାରକା, କୃଷ୍ଣଗର୍ତ୍ତ ଓ ନକ୍ଷତ୍ରପୁଞ୍ଜର ଉଜ୍ଜ୍ୱଳତମ ମଧ୍ୟଭାଗରୁ ଆଲୋକ ବିଚ୍ଛୁରିତ ହୋଇଥାଏ। ସେହି ଆଲୋକର ଅନୁଧ୍ୟାନ ଓ ଅନୁଶୀଳନ ଏହି ଉପଗ୍ରହ କରିବ। ଏହାଛଡ଼ା ଏହି ଉପଗ୍ରହ ଅନ୍ୟ ମହାଜାଗତିକ ବସ୍ତୁର ମଧ୍ୟ ସନ୍ଧାନ କରିବ। ଯେକୌଣସି ବିଜ୍ଞାନ, ବିଶେଷକରି ମହାକାଶ ବିଜ୍ଞାନ, ସାଧାରଣ ଲୋକଙ୍କ ବୋଧଗମ୍ୟ ବାହାରେ ଏବଂ ଏହାକୁ ସରଳ ଭାଷାରେ ବୁଝାଇବା ମଧ୍ୟ ଏକ ଗହନ ବ୍ୟାପାର। ତେବେ ଏହି ଅନୁସନ୍ଧାନ ଓ ଅନୁଧ୍ୟାନ ଅନେକ ସମୟରେ ସାଧାରଣ ଜନତା ଓ ମାନବ କଲ୍ୟାଣରେ ସହାୟକ ହୋଇଥାଏ। ସେ ଦୃଷ୍ଟିରୁ ବିଚାର କଲେ ଆମ ମହାକାଶ ଅନୁସନ୍ଧାନ ଓ ଗବେଷଣା କ୍ଷେତ୍ରରେ ୨୦୨୪ ବର୍ଷର ପ୍ରଥମ ଦିନରେ ଏହା ଏକ ବିରାଟ ସଫଳ ଅୟମାରମ୍ଭ। ଏଥିପାଇଁ ଆମ ବୈଜ୍ଞାନିକମାନେ ଧନ୍ୟବାଦର ପାତ୍ର।

ଭାରତର ମହାକାଶ କାର୍ଯ୍ୟକ୍ରମ ସରକାରୀ ଏକଚାଟିଆ ବ୍ୟବସ୍ଥାରୁ ମୁକ୍ତ ହୋଇ ଏଥିରେ ଘରୋଇ କ୍ଷେତ୍ରର ଅଂଶୀଦାରୀ ଏବଂ ସହଯୋଗ ବଢ଼ିବା ପରେ ଏହାର କାର୍ଯ୍ୟ ପରିସର ବଢ଼ିଛି ଏବଂ ବେଗ ମଧ୍ୟ ବୃଦ୍ଧି ପାଇଛି। ସୁତରାଂ ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ଶକ୍ତି ଓ ସାମର୍ଥ୍ୟ ବଢ଼ିଛି। ଏହି ପ୍ରୟାସ ଭାରତକୁ ମହାକାଶ ଗବେଷଣା କ୍ଷେତ୍ରରେ ଅଭୂତପୂର୍ବ ଉଚ୍ଚତାରେ ପହଞ୍ଚିବାର ପ୍ରତିଶ୍ରୁତି ବହନ କରେ। ଏହା ଯଥାର୍ଥରେ ଦେଶବାସୀଙ୍କ ପାଇଁ ଏକ ନବବର୍ଷର ଉପହାର। ଆଷ୍ଟ୍ରୋସାଟ୍ ପରେ ସୂର୍ଯ୍ୟର ଅନୁଧ୍ୟାନ ପାଇଁ ପଠାଯାଇଥିବା ଆଦିତ୍ୟ-ଏଲ୍-୧ ଓ ତତ୍‌ପରେ ଏକ୍ସପୋସାର୍ଟ ମହାକାଶରେ ଭାରତର ପ୍ରଭାବ ଓ ପ୍ରତିପତ୍ତି ବଢ଼ାଉଛି।

ଭାରତର ମହାକାଶ ଅଭିଯାନ କ୍ଷେତ୍ରରେ ଚଳିତ ବର୍ଷଟି ବିଶେଷ ମହତ୍ତ୍ୱ ରଖେ। ଏ ବର୍ଷ ଗଗନଯାନର ଉତ୍‌କ୍ଷେପଣ ପ୍ରସ୍ତୁତି କାର୍ଯ୍ୟକ୍ରମ ରହିଛି। ପରୀକ୍ଷାମୂଳକ ଭାବେ ଇସ୍ରୋ ତିନିଜଣ ମହାକାଶଚାରୀଙ୍କୁ ୪୦୦ କିମି ଉଚ୍ଚତାକୁ ତିନିଦିନ ପାଇଁ ପଠାଇବ ଏବଂ ସେମାନଙ୍କୁ ନିରାପଦରେ ଭୂପୃଷ୍ଠକୁ ଫେରାଇ ଆଣିବ। ସେମାନଙ୍କ ଯାନ ଭାରତୀୟ ସାମୁଦ୍ରିକ ଜଳରାଶି ମଧ୍ୟରେ ଅବତରଣ କରିବ ଏବଂ ପୂର୍ବପ୍ରସ୍ତୁତି ମୁତାବକ ଏହି ମହାକାଶଚାରୀଙ୍କୁ ଉଦ୍ଧାର କରାଯିବ। ଏହି ପରୀକ୍ଷାର ସଫଳତା ଆଧାରରେ ୨୦୨୫ରେ ମାନବବାହୀ ଗଗନଯାନକୁ ଭାରତ ମହାକାଶକୁ ପଠାଇବ। ଏହାଛଡ଼ା ଏହି ବର୍ଷକ ମଧ୍ୟରେ ଭାରତ ମହାକାଶକୁ ୧୨ ରୁ ୧୪ ଅଭିଯାନରେ ବିଭିନ୍ନ ପ୍ରକାର ଉପଗ୍ରହ ପ୍ରେରଣ କରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଦିତ୍ୟ-ଏଲ୍-୧, ଯାହା ସୌର ଅଭିଯାନରେ ଯାଇଛି, ତାହା ଚଳିତ ମାସ ୬ ତାରିଖରେ ତାହାର ଅନ୍ତିମ ଲକ୍ଷ୍ୟ ସ୍ଥଳ ସୂର୍ଯ୍ୟର ଏଲ-୧ ପଏଣ୍ଟ (ବିନ୍ଦୁ)ରେ ପହଞ୍ଚି ନିରୀକ୍ଷଣ କାର୍ଯ୍ୟ ଆରମ୍ଭ କରିବ। ଏଥିପାଇଁ ଇସ୍ରୋର ବୈଜ୍ଞାନିକମାନେ ବିଶେଷ ତତ୍ପର। ଆଶା କରିବା ଆଦିତ୍ୟ ଏଲ୍-୧ର ଉଦ୍ଦେଶ୍ୟ ସଫଳ ହେବ।

ଭାରତୀୟ ମହାକାଶ ଗବେଷଣା ଓ ଉନ୍ନୟନ କାର୍ଯ୍ୟକୁ ଯଥାସମ୍ଭବ କମ୍ ଖର୍ଚ୍ଚରେ ଏବଂ ଦେଶୀ କାରିଗରୀ ଜ୍ଞାନକୌଶଳରେ ସମ୍ପନ୍ନ କରିବା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ୬୦୦ କୋଟି ଟଙ୍କା ବ୍ୟୟରେ ଇସ୍ରୋ ତାହାର ଚନ୍ଦ୍ରଯାନ ଅଭିଯାନକୁ ସଫଳତାର ସହିତ ସମ୍ପନ୍ନ କରି ବିଶ୍ୱରେ ଉଦାହରଣ ରଖିଛି। ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ରର ଜଟିଳ ଦକ୍ଷିଣମେରୁରେ ତାହାର ଯାନକୁ ଅବତରଣ କରାଇବାରେ ସଫଳ ହୋଇଥିବାବେଳେ ବହୁ ଅଧିକ ଟଙ୍କା ଖର୍ଚ୍ଚ କରି ଅନ୍ୟ ଉନ୍ନତ ଦେଶ ଏହା କରିପାରିନାହାନ୍ତି।

ସ୍ୱଳ୍ପ ଖର୍ଚ୍ଚ, ସଫଳ ଉତ୍‌କ୍ଷେପଣର ଭରସା ଓ ବିଶ୍ୱାସ ଏବଂ ଉତ୍ତମ ବୈଷୟିକ ସହାୟତା ଯୋଗୁଁ ବିଶ୍ୱର ଅଧିକାଂଶ ଦେଶ ନିଜ ନିଜର ଉପଗ୍ରହ ପ୍ରେରଣ ପାଇଁ ଇସ୍ରୋ ଉପରେ ନିର୍ଭର କରୁଛନ୍ତି। ଫଳରେ ଇସ୍ରୋର ବ୍ୟାବସାୟିକ କାରବାର ବଢ଼ୁଛି। ମାତ୍ର ଛ' ଦଶନ୍ଧି ମଧ୍ୟରେ ମହାକାଶ କ୍ଷେତ୍ରରେ ଅନାମଧେୟ ବିବେଚିତ ହେଉଥିବା ଭାରତ ଏବେ ବିଶ୍ୱର ଅନ୍ୟତମ ପ୍ରମୁଖ ଦେଶ ବିବେଚିତ ହେବା ପଛରେ ରହିଛି ଆମ ସରକାରଙ୍କ ସମର୍ଥନ ଓ ବୈଜ୍ଞାନିକମାନଙ୍କର ଐକାନ୍ତିକ ଚେଷ୍ଟା। ଏହା ମହାକାଶ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ସହ ଦେଶକୁ ଗର୍ବିତ କରିଛି। ଏଭଳି ସଫଳତା ଆଗକୁ ଜାରି ରହୁ।

# ନବବର୍ଷ ଉତ୍ସବ-ବିଚାର



ଜ୍ୟୋତି ନନ୍ଦ
ଭୁବନେଶ୍ୱର, ମୋ: ୯୮୬୧୦୮ ୬୩୧୧

କୌଣସି ଏକ ବର୍ଷର ପ୍ରଥମ ଦିନଟି ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏଇ ଗୋଟିକ ଦିନ ବିତିଯିବା ପରେ ସମ୍ପୃକ୍ତ ବର୍ଷଟି ଆମ ଜୀବନର ବିତିଯାଇଥିବା ଅନ୍ୟାନ୍ୟ ବର୍ଷମାନଙ୍କ ଭଳି ସ୍ୱାଭାବିକ ଆଉ ସାଧାରଣ ପାଲଟିଯାଏ। ସବୁ ନୂଆ ଚିରାଚରିତ ଭାବରେ ପୁରୁଣା ହେବା ଭଳି ଘଟଣା ଘଟିବାକୁ ଆରମ୍ଭ କରେ। ଆଉ ଆମେମାନେ ଏଇ ଦର୍ଶନବୋଧର ନିତ୍ୟନୈମିତ୍ତିକତାକୁ ଜଣେ ଜଣେ ଅଭ୍ୟସ୍ତ ଦାର୍ଶନିକ ଭଳି ଗ୍ରହଣ କରିନେଇଥାଉ।

ଆରମ୍ଭ କହିଲେ ସବୁ ଶୂନ୍‌ରୁ ହିଁ ଆରମ୍ଭ। ଏଇଟି ଶୂନ୍‌ର ପରବର୍ତ୍ତୀ ଅଙ୍କଟି ଶୂନ୍ ହେବ କି ଶତକ ହେବ, ତାହାକୁ ନେଇ ଆମ ଭିତରେ ଆଶା, ଆକାଂକ୍ଷା ଯେତିକି ଭରପୂର ଥାଏ, ତାହାସହିତ ଆମ ଚାରିପାଖର ପରାଜୟ, ବିଫଳତା ଆଉ ମୃତ୍ୟୁ ଆମକୁ ସେତିକି ସେତିକି ସଂକୁଚିତ କରି ଦେଉଥାଏ। ତେଣୁ ଆଶା ଓ ଆଶଙ୍କାର ଏଇ ସନ୍ଧିକ୍ଷଣରେ କୌଣସି ବର୍ଷର ପ୍ରଥମ ଦିନଟିଏ ଯେତେବେଳେ ଆସି ଉପସ୍ଥିତ ହୋଇଯାଏ ଆମେ ଏଇ ଦିନଟିରେ ଅଧିକ ଉତ୍ସବମୁଖର ହୋଇଉଠୁ। ଉତ୍ସବମୁଖର ହୋଇ ଆମେ ଆମର ଆଗାମୀ ଆଶଙ୍କାମାନଙ୍କୁ ପ୍ରତିହତ କରିପାରିବା ଭଳି ଯଥେଷ୍ଟ ଦୂରତାରେ ରଖିପାରିଛୁ ବୋଲି ହୃଦବୋଧ କରିଥାଉ। ସରଳ ଭାବରେ କହିଲେ, 'ଅୟମାରମ୍ଭ ଶୁଭାୟ ଭବତୁ'। ଅର୍ଥାତ୍ ଆରମ୍ଭଟି ଶୁଭଙ୍କର ହେଉ। ଏଇ ଅବବୋଧରେ ରଞ୍ଜିତ ହୋଇଯାଏ ଆମର କୌଣସି କାଲେଣ୍ଡର ବର୍ଷର ପ୍ରଥମ ଦିନ ଅର୍ଥାତ୍ ଜାନୁଆରୀ ପହିଲା, ଆମ ସମସ୍ତଙ୍କର ପ୍ରିୟ ନବବର୍ଷ।

ଆଜି ଆମେ ଏଇ ନବବର୍ଷର ବିବର୍ତ୍ତନକୁ ଅନୁଧ୍ୟାନ କଲା ବେଳେ ଏହା ପଛରେ ଦୁଇଟି କଥା ମୁଖ୍ୟତଃ ସ୍ମରଣକୁ ଆସୁଛି। ଅର୍ଥାତ୍ ଏହି ନବବର୍ଷକୁ କ୍ରମଶଃ ଏକ ଉତ୍ସବ ପାଳନର ପରିପ୍ରେକ୍ଷ୍ୟ ହିସାବରେ ବିକଶିତ କରାଯାଇଛି ଏବଂ ଏହାପଛରେ ପ୍ରଜା, ରାଜା ଓ ବ୍ୟବସାୟୀ ସମସ୍ତେ ଅଛନ୍ତି। ନବବର୍ଷର ପ୍ରସଙ୍ଗ ଭିତରକୁ ପ୍ରବେଶ କଲେ ଆମେ ଦେଖିବା ଯେ, ମାୟା ସଭ୍ୟତାର ଅଧିବାସୀ, ଚୀନା ଲୋକେ, ଆରବୀୟ ଆଉ ଇହୁଦୀଙ୍କ ଭଳି ପୃଥିବୀର କିଛି ଲୋକଙ୍କ ପାଇଁ ଆଜିର ଦିନଟି ଗୋଟିଏ ସାଧାରଣ ଦିନ, ଅନ୍ୟ ସବୁଦିନ ଭଳି। ଓଡ଼ିଆମାନଙ୍କର ନବବର୍ଷ ତ ମହାବିଷୁବ ସଂକ୍ରାନ୍ତି ଦିନ। କିଏ ମାନୁ ବା ନମାନୁ ପଛକେ ଏହା ଏମିତି ନବବର୍ଷ ହିସାବରେ ଗତ ୪୦୦ ବର୍ଷ ଧରି ପୃଥିବୀରେ ପାଳିତ ହୋଇଆସୁଛି। ଆମ ପାଇଁ ବର୍ଷ କହିଲେ ହେଉଛି ଗୋଟିଏ କ୍ୟାଲେଣ୍ଡର, ଯାହା ଜାନୁଆରୀ ଏକ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ଏକତିରିଶ ତାରିଖରେ ଶେଷ ହୁଏ। ଆଗରୁ ଲୋକେ ଏହିଭଳି କ୍ୟାଲେଣ୍ଡର ବର୍ଷରେ ଚଳୁ ନଥିଲେ। ତାଙ୍କର ବର୍ଷଟି ଆରମ୍ଭ ହେଉଥିଲା ଜମିରେ ହଳ କରି ବିହନ ବୁଣିବାରୁ ଆଉ ଶେଷ ହେଉଥିଲା ଫସଲ ଅମଳ କରିବାରେ। ଫସଲଚକ୍ରକୁ ଭିତ୍ତି କରି ବର୍ଷଟିଏ ବିତୁଥିଲା ସେମାନଙ୍କର। ଜାନୁଆରୀରୁ ଡିସେମ୍ବର ପର୍ଯ୍ୟନ୍ତ ଏକ କ୍ୟାଲେଣ୍ଡର ବର୍ଷ ବ୍ୟତୀତ ଆମର ବ୍ୟାବହାରିକ ଜୀବନରେ ଆହୁରି କିଛି କିଛି ବିଭିନ୍ନ ପ୍ରକାରର ବର୍ଷ ରହିଛି। ଆମର ଶିକ୍ଷା ବର୍ଷ ଆରମ୍ଭ ହୁଏ ଜୁଲାଇରୁ ପରବର୍ତ୍ତୀ ମାର୍ଚ୍ଚ ଯାଏଁ। ଆର୍ଥିକ ବର୍ଷଟି ଲମ୍ବିଥାଏ ମାର୍ଚ୍ଚରୁ ପରବର୍ତ୍ତୀ ଫେବୃଆରୀ ମାସ ପର୍ଯ୍ୟନ୍ତ। ପ୍ରାଚୀନ ଯୁଗରେ ରାଜାମାନେ ନିଜ ଇଚ୍ଛା ଅନୁସାରେ ବର୍ଷ ଚଳାଉ ଥିଲେ। ଏମିତିରେ ଦେଖିଲେ ରାଜାମାନଙ୍କର ସମୟ ଉପରେ ଭାରି ଅହନ୍ତା। ସମୟକୁ ନିଜ ହାତରେ ରଖିବା ପାଇଁ ସେମାନଙ୍କର ଅନେକ କେଳିକୌତୁକ ଆମେ ଦେଖୁ ଇତିହାସ ସାରା।

ସର୍ବପ୍ରାଚୀନ ନବବର୍ଷ ତଥ୍ୟ ଅନୁସାରେ ଖ୍ରୀ. ପୂ ୨୦୦୦ରେ ବେବିଲୋନ ସହରରେ ପାଳିତ ହୋଇଥିଲା। ଏହାର ଧ୍ୱଂସାବଶେଷ ଇରାକର ଆଲ୍-



ହିଲାଲ୍ ନାମକ ସହରରେ ଅବସ୍ଥିତ। ଅବଶ୍ୟ ସେଇ ନବବର୍ଷଟି ମାର୍ଚ୍ଚ ମାସର ଶେଷଭାଗରେ ପାଳିତ ହୋଇଥିଲା ପ୍ରାୟ ଏଗାର ଦିନ ଧରି। ବର୍ତ୍ତମାନର ଯେକୌଣସି ଆଧୁନିକ ଉତ୍ସବ ତୁଳନାରେ ଏହି ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଥିଲା। ଉତ୍ସବ ଦିନ ପାହାନ୍ତିଆର ଦୁଇଘଣ୍ଟା ପୂର୍ବରୁ ଅନ୍ଧାରରେ ମୁଖ୍ୟ ପୂଜକ ସ୍ନାନାଦି ସାରି ପବିତ୍ର ଇଉଫ୍ରେଟିସ ନଈର ପାଣି ଆଣି ପହଞ୍ଚୁଥିଲେ ମାର୍ଦୁକଙ୍କ ମନ୍ଦିରରେ। ମାର୍ଦୁକ ହେଉଛନ୍ତି କୃଷିର ଦେବତା। ମନ୍ତ୍ରୋଚ୍ଚାରଣ ପୂର୍ବକ ଏକ ମେଣ୍ଢାକୁ ବଳି ଦିଆଯାଉଥିଲା। ସେଇ ମେଣ୍ଢାର ରକ୍ତ ଆଉ ଇଉଫ୍ରେଟିସ ନଈର ପାଣିରେ ମନ୍ଦିରର କାନ୍ଥକୁ ବେଶ ଭଲ ଭାବରେ ଲିପି ଦିଆ ଯାଉଥିଲା। ଏହାର କାରଣ ହେଉଛି ମନ୍ଦିରର ଦେବତା ମାର୍ଦୁକଙ୍କୁ ଯାବତୀୟ ସଂକ୍ରମଣରୁ ରକ୍ଷା କରିବା। ଫଳତଃ ଫସଲ ସବୁ ହାନିକାରକ କୀଟପତଙ୍ଗଙ୍କ ଦାଉରୁ ରକ୍ଷା ପାଇପାରିବ। ଏହି ଉତ୍ସବକୁ 'କୁପୁରୁ' କୁହାଯାଉଥିଲା। ତାହାପରେ ଖାଦ୍ୟ, ମଦ୍ୟ, ପୋଷାକର ଆଡ଼ମ୍ବରର ପର୍ଯ୍ୟାୟ। ଏହା କୃଷିଦେବତା ମାର୍ଦୁକଙ୍କ ପୂର୍ବ ବର୍ଷର ଫସଲ ଅମଳର ବରଦାନର କୃତଜ୍ଞତା ହିସାବରେ ନିବେଦିତ। ଉତ୍ସବର ଷଷ୍ଠ ଦିନରେ ମୁଖାପିନ୍ଧି ସେମାନେ ନାଟକ କରୁଥିଲେ। ସୁନ୍ଦର ପୋଷାକରେ ସହର ପରିକ୍ରମା କରୁଥିଲେ ନାଚଗୀତ ଆଉ ବାଦ୍ୟଯନ୍ତ୍ର ସହ। ଏହି ପରିକ୍ରମଣ ମାର୍ଦୁକଙ୍କ ମନ୍ଦିରଠାରୁ ଆରମ୍ଭ ହୋଇ ବେବିଲୋନ ସହରର ଉପାନ୍ତରେ ଶେଷ ହେଉଥିଲା। ଯେଉଁଠି ଶେଷ ହେଉଥିଲା, ସେଇଠି ଗୋଟିଏ ବଡ଼ ଘର ନିର୍ମାଣ କରାଯାଇଥିଲା, ଯାହାକୁ 'ନବବର୍ଷ ଘର' ବୋଲି କୁହାଯାଉଥିଲା। ତାହାର ଧ୍ୱଂସାବଶେଷ ଏବେ ବି ଅଛି। ନବବର୍ଷର ପ୍ରଥମ ଦିନ ବିଶେଷତଃ ବିହନ ବୁଣିବାର ଦିନ। ମାତ୍ର ବିହନ ବୁଣିବା କାମ ଶୀତ ଦିନେ, ଅର୍ଥାତ ଜାନୁଆରୀ ମାସରେ ହୁଏ ନାହିଁ। ତେଣୁ କହିବାକୁ ଗଲେ ପୃଥିବୀର ଇତିହାସରେ ନବବର୍ଷଟି ମାର୍ଚ୍ଚ ମାସରୁ ବିବର୍ତ୍ତିତ ହୋଇ ଆସି ଜାନୁଆରୀ ମାସରେ ପହଞ୍ଚିଛି।

ରୋମୀୟମାନେ ସର୍ବପ୍ରଥମେ ମାର୍ଚ୍ଚ ମାସର ୨୫ ତାରିଖକୁ ନବବର୍ଷର ପ୍ରଥମଦିନ ବୋଲି ପାଳନ କରୁଥିଲେ। ତାହାପରେ ରୋମର ନରପତିମାନେ ବର୍ଷର କ୍ୟାଲେଣ୍ଡରକୁ ବଦଳାଇ ଚାଲିଥିଲେ ମଝିରେ ମଝିରେ। ତାହାଫଳରେ ଋତୁ ଆଉ ମାସ ସମକାଳୀନ ହେଲା ନାହିଁ। ଅନ୍ୟ ପକ୍ଷରେ ରୋମୀୟ ସମ୍ରାଟମାନେ ନିଜର ଶାସନକୁ ମହନୀୟ କରିବା ପାଇଁ ମାସକୁ ଅଧିକ ଦିନ ଭାବରେ ଗଣନା କରିପକାଉଥିଲେ। ଏହି ଋତୁ ଆଉ ମାସକୁ ସମକାଳ କରିବା ପାଇଁ ଖ୍ରୀ.ପୂ.୧୫୩ରେ ରୋମର ସିନେଟ ଜାନୁଆରୀ ପହିଲାକୁ ନବବର୍ଷର ପ୍ରଥମ ଦିନ ବୋଲି ଘୋଷଣା କଲେ। କ୍ୟାଲେଣ୍ଡରକୁ ଖ୍ରୀ.ପୂ. ୪୩ର ଜାନୁଆରୀ ପହିଲା ସହ ସମତୁଲ କରିବା ପାଇଁ ଜୁଲିଅସ ସିଜରଙ୍କୁ ୪୪୫ ଦିନ ଆଗେଇବାକୁ ପଡ଼ିଥିଲା। ଜୁଲିଅସ ସିଜରଙ୍କର ସେହି ୪୪୫ ଦିନକୁ ବିସଙ୍ଗତିର ବର୍ଷ ବୋଲି କୁହାଯାଏ। ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ରୋମର ଖ୍ରୀଷ୍ଟଧର୍ମାବଲମ୍ବନ ପରେ ନବବର୍ଷ ପାଳନ ମାର୍ଚ୍ଚ ମାସ ୨୫ ରେ କିଛିକାଳ ଚାଲିଥିଲା। କିନ୍ତୁ ତତ୍କାଳୀନ ଚର୍ଚ୍ଚ ଏଇ ଅଣଖ୍ରୀଷ୍ଟୀୟ ଉତ୍ସବକୁ ସମ୍ମତି ଦେଉ ନଥିଲା। ଚର୍ଚ୍ଚ ଏବଂ ଖ୍ରୀଷ୍ଟ ଧର୍ମର ପ୍ରାଧାନ୍ୟ ବୃଦ୍ଧି ପାଇଲା ପରେ ଖ୍ରୀଷ୍ଟଙ୍କ ଜନ୍ମ ଓ ପରବର୍ତ୍ତୀ ଉତ୍ସବ ଭାବରେ ଜାନୁଆରୀ ମାସର ପ୍ରଥମ ତାରିଖକୁ ନବବର୍ଷର ପ୍ରଥମ ଦିନ ବୋଲି ଧରାଗଲା। ବିଶେଷତଃ ଗଲା ଚାରିଶହ ବର୍ଷ ହେଲା ପ୍ରଥମ ଜାନୁଆରୀ ଆମର ନବବର୍ଷର ପ୍ରଥମ ଦିନ ଏଇ ପୃଥିବୀରେ।

ଏ ସମ୍ବନ୍ଧରେ ଆଲୋଚନା କରିବା ବେଳେ ମହାମନୀଷୀ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ(ଖ୍ରୀ.ପୂ. ୪୨୪ ରୁ ଖ୍ରୀ.ପୂ. ୩୪୮) ସ୍ମରଣ ଆସନ୍ତି। ତାଙ୍କର ପ୍ରସିଦ୍ଧ ଚିନ୍ତନ 'ରିପବ୍ଲିକ୍(ଖ୍ରୀପୂ୩୭୦)' ରେ 'ଅସ୍ତିତ୍ୱର ମହାନ୍ ଶୃଙ୍ଖଳ ବା 'ଗ୍ରେଟ୍ ଚେନ୍ ଅଫ୍ ବିଙ୍ଗ୍' ବୋଲି କଥାଟିଏ ଅଛି। ଆଜିର ନବବର୍ଷର ଏହି ଉଲ୍ଲାସମୟ ପ୍ରାରମ୍ଭ ସମୟରେ ଆମକୁ ସେହି କଥାକୁ ଟିକିଏ ବିଚାର କରିବା ଉଚିତ। ତାଙ୍କ ମତରେ ସମସ୍ତ ପାର୍ଥିବ ପଦାର୍ଥ ଏକ ମହାନ ଶୃଙ୍ଖଳର ଅଂଶବିଶେଷ। ଅର୍ଥାତ୍ ସେମାନେ ଶ୍ରେଣୀବଦ୍ଧତାରେ ସମାହିତ। ସେ ଏହି କଥାକୁ ବୁଝାଇବାକୁ ଯାଇ ଭୂଇଁ ସହିତ ସିଧାସଳଖ ପୋତା ହୋଇଥିବା ଗୋଟିଏ ଠେଙ୍ଗାକୁ ରୂପକ ହିସାବରେ ବ୍ୟବହାର କରିଛନ୍ତି। ଏହି ଭର୍ଟିକାଲ୍ ଠେଙ୍ଗାଟିକୁ ସେ ଚାରି ଭାଗରେ ବିଭକ୍ତ କରିଛନ୍ତି। ଶୀର୍ଷରେ ରହିଛି ଅବଧାରଣା ବା କନସେପ୍ଟ ବା ଆଇଡିଆ। ଏହା ସାଧାରଣତଃ ଦୟା ଏବଂ କରୁଣା ଆଧାରିତ। ଠିକ୍ ତାହାରି ତଳକୁ ରହିଛି ସମସ୍ତ ପ୍ରକାର ଗାଣିତିକ ସମ୍ପର୍କ, ଯାହା ଭୌତିକ ଜଗତକୁ ପରିଚାଳନା କରିଥାଏ। ତା' ତଳକୁ ରହିଛି ସମସ୍ତ ଭଙ୍ଗୁର ପଦାର୍ଥ, ଯେପରି କି ଆପେଲ୍ ଅବା ଘୋଡ଼ା ଅବା ଗାଡ଼ି। ସବାତଳକୁ ଠିକ୍ ଭୂଇଁ ସହିତ ଜଡ଼ିତ ହୋଇ ରହିଛି ସମସ୍ତ ଅନୁକରଣ, ସୃଜନାତ୍ମକ ଅଥବା କଳାତ୍ମକ କଳ୍ପନା, ସମସ୍ତ ପ୍ରତିଫଳନ। ପ୍ଲାଟୋଙ୍କ ଅନୁସାରେ ଏଇ ଠେଙ୍ଗାଟି ହେଉଛି ଉପରୁ ତଳକୁ ନ୍ୟୂନ ହୋଇ ଆସୁଥିବା 'ହାୟାର୍କି ଅଫ୍ ଆଇଡିଆ' ବା ଚିନ୍ତନର କ୍ରମଶୃଙ୍ଖଳାର ଏକ ରେଖା। ଶୀର୍ଷରେ କରୁଣା ବିରାଜିତ, ତାହା ଚିରକାଳୀନ, ଅବିନଶ୍ୱର। ଆମେ ଯେତିକି ଯେତିକି ତଳକୁ ତଳ ଅର୍ଥାତ୍ ଭୂଇଁ ଆଡ଼କୁ ଖସିବା ସେତେବେଳେ ଦେଖିବା ଯେ ପ୍ରତିସ୍ତରର ସେହି ପୂର୍ବୋକ୍ତ ମାନକଗୁଡ଼ିକ କ୍ରମଶଃ ହ୍ରାସ ହେବାରେ ଲାଗିଥାଏ। ସବାତଳେ ଥିବା ଅନୁକରଣମାନ ହେଉଛି ସୀମିତ, ଅବିଶ୍ୱସ୍ତ ଓ ବିଶେଷ ଭାବରେ ଅନ୍ୟଉପରେ ନିର୍ଭରଶୀଳ। ପ୍ଲାଟୋଙ୍କର ଅସ୍ତିତ୍ୱର ଏହି ମହାନ ଶୃଙ୍ଖଳ-ରେଖାକୁ ତାଙ୍କର ମହାନ ଶିଷ୍ୟ ଆରିଷ୍ଟୋଟଲ୍ ଜୀବନ୍ତମାନଙ୍କର ଶ୍ରେଣୀବଦ୍ଧ ରେଖା ବା 'ହାୟାର୍କି ଅଫ୍ ଲିଭିଙ୍ଗ୍ ବିଙ୍ଗ୍' ବୋଲି କହିଛନ୍ତି। ଆରିଷ୍ଟୋଟଲ୍‌ଙ୍କ ଅନୁସାରେ ଆତ୍ମଚିନ୍ତନ, ସ୍ପର୍ଶକାତରତା, ନିଜ ପାଇଁ ନିଜେ ଖାଦ୍ୟସଂଗ୍ରହ କରିବା ହେଉଛି ଜୀବନ୍ତମାନଙ୍କର ମାନ ନିର୍ଦ୍ଧାରଣର ମାପକାଠି। ତେଣୁ ଏହି ଆଧାରରେ ଆରିଷ୍ଟୋଟଲ୍‌ଙ୍କ ଅନୁସାରେ ସବା ଉପରେ ରହିବେ ମଣିଷ ଆଉ ସବାତଳେ ଭୂଇଁ ସହିତ ରହିବେ ଗଛମାନେ। ମଧ୍ୟଯୁଗରେ ପ୍ଲାଟୋଙ୍କର ଏହି ଶ୍ରେଣୀବଦ୍ଧ ଅସ୍ତିତ୍ୱରେଖାର ଆଉ ପ୍ରକାରେ ବ୍ୟାଖ୍ୟା କରାଗଲା। ଏହାର ଶୀର୍ଷରେ ଦୈବିକ ଆଧିପତ୍ୟ ପ୍ରତିଷ୍ଠିତ ହେଲା। ଶୀର୍ଷରେ ତେଣୁ ରହିଲେ ସର୍ବୋତ୍ତମ ଦେବତା ଏବଂ ସବାତଳେ ରହିଲେ ପାପ କରିବା ପାଇଁ ସକ୍ଷମ ମଣିଷ। ଆଧୁନିକ ଯୁଗରେ ବିଶ୍ୱାସ ବନାମ ତର୍କର ନିରନ୍ତର ସଂଘର୍ଷ କାଳରେ ଆମର ଅସ୍ତିତ୍ୱ ବିଚାରରେ ଶ୍ରେଷ୍ଠାଂଶରେ ରହୁଛି ପରିବେଶ, ଆମକୁ ଚିରଜୀବନ୍ତ କରି ରଖିବା ଭଳି ଯଥାଯୋଗ୍ୟ ପରିବେଶ।

ଆଜି ନବବର୍ଷର ପବିତ୍ର ଉଲ୍ଲାସ ମୁହୂର୍ତ୍ତରେ ଆମକୁ ସେଇସବୁ କଥା ସ୍ମରଣ କରିବାର ଅଛି। କାହାକୁ କିଛି ଉପହାର ଦେବାକୁ ହେଲେ କିଛି ଗୋଟିଏ ଉପଲକ୍ଷ୍ୟର ଆବଶ୍ୟକତା ପଡ଼େ। ଆଜି ନବବର୍ଷ ଉପଲକ୍ଷେ ସମସ୍ତେ ସୁସ୍ଥ ଆନନ୍ଦରେ ରହିବା ସହିତ ଅନ୍ୟକୁ ଦୟା ଓ କରୁଣା ଉପହାର ଦେଇପାରିବା ଭଳି କ୍ଷମତା ଭଳି ସୁନ୍ଦର ଉପହାର ଭଗବାନଙ୍କ ଠାରୁ ପାଆନ୍ତୁ, ଏତିକି କାମନା।

# 'ନିଃସଙ୍ଗତା'ର ମନସ୍ତାତ୍ତ୍ୱିକ ପ୍ରଭାବ



ପ୍ରଫେସର କଳ୍ପନା ସାହୁ
ଭୁବନେଶ୍ୱର, ମୋ: ୮୨୪୯୮ ୯୬୧୪୮

ବାସ୍ତବ ଦୁନିଆରୁ ମଣିଷ ଟିକେ ଦୂରେଇ ଗଲେ ଜୀବନଟା ନିଃସଙ୍ଗ ମନେ ହୁଏ। କିନ୍ତୁ ନିର୍ଜନତା ବା ଏକୁଟିଆ ପଣର ବହୁତ ସକାରାତ୍ମକ ଦିଗ ଅଛି। ଆଲବର୍ଟ ଆଇନ୍‌ଷ୍ଟାଇନ୍ ଏକାନ୍ତରେ ବସି ବହୁ ସମୟ ନିଜ ଭିତରେ ମଜ୍ଜି ରହୁଥିଲେ। ସେହିପରି ଲିଓନାର୍ଡ଼ୋ ଦା ଭିନସ୍ କହିଥିଲେ, ତୁମେ ଯେତେବେଳେ ନିଃସଙ୍ଗ ରହୁଛ ସେତେବେଳେ ତୁମେ ଗୋଟାପଣେ ତୁମ ନିଜର ହୋଇଯାଉଛ। ଆଇନଷ୍ଟାଇନ୍ ଓ ଲିଓନାର୍ଡ଼ୋଙ୍କ ପରି ଅନେକ ଚିନ୍ତନଶୀଳ ବ୍ୟକ୍ତି କେବଳ ଏକାନ୍ତରେ ରହିବାକୁ ଭଲ ପାଉନଥିଲେ, ସେମାନେ ନିଜର ଉନ୍ନତ ଚିନ୍ତା ଓ ବୁଦ୍ଧିକୁ ସୁପର ପାୱାରରେ ରୂପାନ୍ତର କରିପାରୁଥିଲେ। ସେମାନେ ନିଜଭିତରେ ଥିବା ଅନନ୍ୟ ଶକ୍ତିର ଆତ୍ମବିଶ୍ଳେଷଣ ଓ ଆତ୍ମଆବିଷ୍କାର କରୁଥିଲେ।

ଏକାନ୍ତରେ ସମୟ କାଟିବାର କେତେଗୁଡ଼ିଏ ସକାରାତ୍ମକ ଦିଗ ମଧ୍ୟ ରହିଛି। ପ୍ରଥମତଃ, ସେହି ପ୍ରକାରର ବ୍ୟକ୍ତିମାନେ ନିଜ ଦୁନିଆ ଓ ନିଜ ସହପାଠୀଙ୍କ ସହ ସମୟ କାଟାଇବାକୁ ଭଲ ପାଆନ୍ତି। ସାମାଜିକ ଗଣମାଧ୍ୟମରୁ ଅନେକ ଦୂରରେ ରୁହନ୍ତି। ସେମାନେ ନିଜ ପାଇଁ ସମୟ ଓ ଶକ୍ତିକୁ ଉପଯୋଗ କରନ୍ତି। ତେଣୁ ମନସ୍ତତ୍ତ୍ୱବିତ୍ କାର୍ଲ ରୋଜର କହିଥିଲେ, ଯେତେବେଳେ ମୁଁ ମୋ 'ମୁଁ' ତ୍ୱକୁ ଗ୍ରହଣ କରିନେବି ସେତେବେଳେ ମୁଁ ପରିବର୍ତ୍ତନ ଆଣିପାରିବି। ନିଜ ମଧ୍ୟରେ ଆବଦ୍ଧ ରହି ନିଜକୁ ସମୟ ଦେବା ଫଳରେ ଆତ୍ମସ୍ୱୀକୃତି ସୁଦୃଢ଼ ହୁଏ। ତେଣୁ ଏହା ନିଜର ବ୍ୟକ୍ତିଗତ ବିକାଶରେ ସାହାଯ୍ୟ କରେ। ଯେଉଁମାନେ ଏକୁଟିଆ ରହିବାକୁ ଭଲ ପାଆନ୍ତି ସେମାନେ ଜୀବନର କୌଣସି ଜଟିଳତା ବା ଆହ୍ୱାନକୁ ମୁକାବିଲା କରିବା ପାଇଁ ପଛାନ୍ତି ନାହିଁ। ସେମାନେ ନିଜର କାର୍ଯ୍ୟ ପାଇଁ ଅନ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି ନାହିଁ। ନିଜ କାର୍ଯ୍ୟ ଓ ସଫଳତା ପାଇଁ ନିଜେ ଖୁସି ହୁଅନ୍ତି। ସେମାନେ ବାହାରର ଦର୍ଶକ ବା ବନ୍ଧୁଙ୍କର ପ୍ରତିକ୍ରିୟା ଉପରେ ନିର୍ଭର କରନ୍ତି ନାହିଁ। ନିଜକୁ କିଭଳି ସକ୍ରିୟ ରଖିପାରିବେ ସେହି ଲକ୍ଷ୍ୟରେ ଆତ୍ମନିବେଶ କରନ୍ତି।

ଦ୍ୱିତୀୟରେ, ଏକାନ୍ତପ୍ରିୟ ବ୍ୟକ୍ତିମାନେ ଅଳ୍ପ କଥା କୁହନ୍ତି ଓ ଅଧିକ ଅନ୍ୟଠାରୁ ଶୁଣିବାରେ ବିଶ୍ୱାସ କରନ୍ତି। ତେଣୁ ସେମାନଙ୍କର ଉତ୍କୃଷ୍ଟ ଶ୍ରବଣ ଶକ୍ତି ରହିଛି। ଅନ୍ୟଠୁ ଶୁଣିବା ଅପେକ୍ଷା ନିଜ ଅନ୍ତର୍ନିହିତ ଶବ୍ଦ ଓ ଚିନ୍ତାକୁ ମଧ୍ୟ ଭଲ ଭାବରେ ଶୁଣନ୍ତି। ନିଜ ମଧ୍ୟରେ ଆସୁଥିବା ଚିନ୍ତନ ବାର୍ତ୍ତା ଓ ଆବେଗକୁ ପୁଙ୍ଖାନୁପୁଙ୍ଖ ଅନୁସରଣ କରି ନିଜ ଧ୍ୟାନକୁ କେନ୍ଦ୍ରୀଭୂତ



କରନ୍ତି। ସେମାନେ ନିଜର ଦୂରଦୃଷ୍ଟି ଦ୍ୱାରା କେଉଁ କାର୍ଯ୍ୟ ସଠିକ୍ ଓ କେଉଁ କାର୍ଯ୍ୟ ମୂଲ୍ୟହୀନ, ତାହା ଭଲ ଭାବରେ ଅନୁଶୀଳନ କରିପାରନ୍ତି। ତେଣୁ ଯେଉଁ କଥା ଅନ୍ୟମାନେ କହିପାରନ୍ତି ନାହିଁ, ସେମାନେ ତା'କୁ ଭଲ ଭାବରେ ବୁଝି କାର୍ଯ୍ୟରେ ଲଗାନ୍ତି। ଏହି ଶବ୍ଦମୟ ଓ କୋଳାହଳମୟ ଦୁନିଆରୁ ନିଜକୁ ଅଲଗା ରଖନ୍ତି।

ତୃତୀୟରେ, ଏହି ପ୍ରକାରର ବ୍ୟକ୍ତିମାନେ ସମ୍ବନ୍ଧର ଗୁଣବତ୍ତା ଉପରେ ଗୁରୁତ୍ୱ ଦିଅନ୍ତି, ମାତ୍ରା ବା ପରିମାଣ ଉପରେ ନୁହେଁ। ଯେତିକି ଲୋକଙ୍କ ସହ ସମ୍ପର୍କ ରଖନ୍ତି, ତାହା ତାଙ୍କର ଜୀବନଶୈଳୀର ଏକ ଅଂଶ ହୋଇଥାଏ। ଅଯଥା ଅନେକ ଲୋକ ସହ ସମ୍ପର୍କ ସେମାନେ ନିରର୍ଥକ ମନେକରନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ ସେମାନଙ୍କର ସମ୍ପର୍କର ନିବିଡ଼ତା ସେମାନଙ୍କର ବୁଦ୍ଧି, ଭାବ, ବିଚାରଶକ୍ତିର ଅନୁକୂଳତା ଉପରେ ନିର୍ଭର କରେ। ଏହି ଲୋକମାନେ ଯେଉଁ ଅଳ୍ପସାଥୀ କରନ୍ତି, ସେମାନଙ୍କ ପାଇଁ ସେ ବିଶ୍ୱାସୀ ଓ ସଚ୍ଚୋଟ ଥାଆନ୍ତି। ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସେମାନଙ୍କର ହାତ ଛାଡ଼ନ୍ତି ନାହିଁ।

ଚତୁର୍ଥରେ, ଦେଖାଯାଉଛି ଯେ ଏହି ଲୋକମାନେ ଅନ୍ୟକୁ ଭଲଭାବେ ଅନୁଧ୍ୟାନ କରନ୍ତି ଏବଂ ଲୋକଙ୍କୁ ଚିହ୍ନିବାରେ ବହୁତ ତୀକ୍ଷ୍ଣ ଅଟନ୍ତି। କେଉଁ ଲୋକ ସେମାନଙ୍କ ପାଇଁ ସୁଯୋଗ ଓ ଶିକ୍ଷଣର ବାର୍ତ୍ତା ଦେବ ଏବଂ କେଉଁ ଲୋକ ସେମାନଙ୍କର ସମୟ ଅପଚୟ କରିବ - ଏହି ପରିପେକ୍ଷୀରେ ସେମାନେ ଅଧିକ ଯତ୍ନବାନ।

ଶେଷରେ କୁହାଯାଇପାରେ ଯେ, ଆଜିର ବ୍ୟସ୍ତବହୁଳ ସମାଜରେ ବହୁ ପରିପକ୍ୱ ବ୍ୟକ୍ତି ନିଜକୁ ଏକୁଟିଆ ଭାବୁଛନ୍ତି। ସେମାନଙ୍କର ପୁଅ ଝିଅ ପଚାରୁନାହାନ୍ତି। ଜୀବନର ବହୁ ବାଧାବିଘ୍ନ ଭିତରେ ଏକୁଟିଆ ଚାଲୁଛନ୍ତି। କେହିପଦେ କହିବାକୁ ନାହାନ୍ତି, କିନ୍ତୁ ଆମର ଶାରୀରିକ ଓ ମାନସିକ ସୁସ୍ଥତା ଆମର ଏକୁଟିଆ ପଣକୁ କାଟିଦେବ। ନିର୍ଜନତା ବା ଏକୁଟିଆ ଭାବିବା ଏକ ପ୍ରକାର ମାନସିକତା। ସବୁବେଳେ ପାଖରେ ନିଜ ପୁଅ, ଝିଅ, ବୋହୂ ଓ ବନ୍ଧୁପରିଜନ ନ ରହିପାରନ୍ତି। ଆଜିକାଲିର ସମାଜ ଗୋଷ୍ଠୀବାଦରୁ ଏକାନ୍ନବର୍ତ୍ତୀ ଆଡ଼କୁ ମୁହାଁଇଲାଣି। ଯେଉଁ ଘରେ ବୟସ୍କ ଲୋକମାନେ ଏକୁଟିଆ ରହୁଛନ୍ତି ସେମାନେ ନିଜ ପାଇଁ ବଞ୍ଚିବା ନିହାତି ଜରୁରୀ। କେବଳ ସମାଜ, ପୁଅଝିଅ, ବୋହୂକୁ ଦାୟୀ ନକରି ନିଜର ଶକ୍ତି ଓ ସାମର୍ଥ୍ୟର ଉପଯୁକ୍ତ ବିନିଯୋଗ କଲେ ଏହି ଏକୁଟିଆ ପଣ ରହିବ ନାହିଁ। ତେଣୁ କ୍ରିଷ୍ଣମୂର୍ତ୍ତି ତାଙ୍କ ବହିରେ ଲେଖିଛନ୍ତି - ନିର୍ଜନତା ଭିତରେ ସତ୍ୟର ପଦଧ୍ୱନି ଶୁଣାଯାଏ। କୋଳାହଳମୟରେ ନିଜକୁ ଚାଲିବାକୁ ପଡ଼ିବ, କିନ୍ତୁ ସେହି ନିର୍ଜନତାକୁ ମଧ୍ୟ ବଜାୟ ରଖିବାକୁ ହେବ। ଏହା ଏକ ଆହ୍ୱାନ ହୋଇପାରେ। ସଂସାରରେ ବିଭିନ୍ନ ପ୍ରକାର ବାହ୍ୟ ଆକର୍ଷଣ ଓ ବିକର୍ଷଣ ଆସିବ। କିନ୍ତୁ ତା'କୁ ଏଡ଼ାଇ ଚାଲିବା ଓ ଜୀବନଶୈଳୀରେ ପର୍ଯ୍ୟାୟଭୁକ୍ତ କରିବା - ମାନବ ଜୀବନର ଶ୍ରେଷ୍ଠ ଆହ୍ୱାନ।

ସମସ୍ତଙ୍କ ଜୀବନରେ ଆମେ ଦୁଇପ୍ରକାର ନୀତି ଦେଖୁ। ଗୋଟିଏ ହେଲା ସଂସାର ନୀତି ଓ ଅନ୍ୟଟି ହେଲା ଧର୍ମ ନୀତି। ସଂସାର ନୀତି ଆମକୁ ଭୌତିକ ଜଗତରେ ଚାଲିବାକୁ ସାହାଯ୍ୟ କରେ, କିନ୍ତୁ ନିଜର ବୟସ ଓ ସମୟ ସହିତ ଆମକୁ ଧର୍ମ ନୀତିକୁ ଅବଲମ୍ବନ କରିବାକୁ ପଡ଼ିବ। ଭୌତିକବାଦରୁ ଆଧ୍ୟାତ୍ମିକ ଦିଗ ଆଡ଼କୁ ମୁହାଁଇବାକୁ ପଡ଼ିବ। ନିଜର ଦୃଷ୍ଟିଭଙ୍ଗୀ, ଚିନ୍ତା, ଧାରଣା ସବୁ ଅର୍ଥପୂର୍ଣ୍ଣ ଓ ଉଦ୍ଦେଶ୍ୟପୂର୍ଣ୍ଣ କରିବାକୁ ପଡ଼ିବ। ସେଥିପାଇଁ ନିର୍ଜନତା ଓ ଏକୁଟିଆପଣ ଆତ୍ମଚିନ୍ତନ ଓ ଆତ୍ମନିରିକ୍ଷଣ ପାଇଁ ସାହାଯ୍ୟ କରେ। ଏହା ଜୀବନକୁ ସରଳ, ସୁନ୍ଦର, ସୃଜନଶୀଳ ଓ ଅର୍ଥପୂର୍ଣ୍ଣ କରି ବଞ୍ଚିବାରେ ସାହାଯ୍ୟ କରେ।

ପାଉଲୋ ଡି ସୁଜାଙ୍କ ମତରେ ଯଦି ତୁମେ କେବେ ଏକୁଟିଆ ରହିନାହିଁ ତୁମେ ତୁମ ନିଜକୁ ଭଲଭାବରେ ଜାଣିନାହଁ। ତେଣୁ ଏକାନ୍ତତା ବା ନିଃସଙ୍ଗତା ନିଜର ଚିନ୍ତନ ଓ ଭାବନା ସହ ନିଜ ମଧ୍ୟରେ ଏକ ଆତ୍ମବିଶ୍ୱାସକୁ ବଳବତ୍ତର ରଖେ। ନିଃସଙ୍ଗତାର ପ୍ରତିଛବି ଅନ୍ଧାର ନୁହେଁ, ବାସ୍ତବରେ ଏହା ରଙ୍ଗପୂର୍ଣ୍ଣ ଓ ପରିପୂର୍ଣ୍ଣ ଜୀବନ। ଏଥିରେ ହଜିବା ଓ ହରାଇବାର କୌଣସି ଭୟ ନ ଥାଏ। ତେଣୁ ଅନ୍ଧାରକୁ ନ ଡରି ନିଜର ବିଶ୍ୱାସ ଓ ଆତ୍ମନିର୍ଭରତାକୁ ସୁଦୃଢ଼ କରିବାକୁ ପଡ଼ିବ। ଜୀବନର ସତ୍ୟତାକୁ ଉପଲବ୍ଧି କରିବାକୁ ପଡ଼ିବ। ଏକାନ୍ତ ଓ ନିର୍ଜନତା ଏକ ବିଷାଦ ନୁହେଁ, ଏହା ଜୀବନକୁ ବଞ୍ଚିବାର ନୂଆ ଆଶା ଓ ଉନ୍ମାଦନା ସୃଷ୍ଟି କରେ। ନିଜର ସ୍ୱତନ୍ତ୍ରତା ମନୁଷ୍ୟ ବଜାୟ ରଖେ। ନିଜର ସ୍ୱାସ୍ଥ୍ୟ ଓ କାର୍ଯ୍ୟ କରିବାର ଦକ୍ଷତା ମଧ୍ୟ ବୃଦ୍ଧିପାଏ। ଏହା ନିର୍ଭୀକତାକୁ ପ୍ରଶ୍ରୟ ଦିଏ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଆଜି ଆସିଥିଲେ
# ଜନନାୟକ ଜାନକୀବଲ୍ଲଭ



ଜାନକୀ ବଲ୍ଲଭ ପଟ୍ଟନାୟକ ନାମ ଉଚ୍ଚାରିତ ହେବା ମାତ୍ରେ ଏକ ସୁଦୀର୍ଘ ଓ ଦାମ୍ଭିକ ଚେହେରା ଆଖି ସାମ୍ନାକୁ ଚାଲିଆସେ । ଏକାଧାରରେ ସେ ଥିଲେ ଜଣେ ରାଜନେତା, ସାହିତ୍ୟିକ, ବାଗ୍ମୀ, ସାମ୍ବାଦିକ, ଦୂରଦ୍ରଷ୍ଟା ଓ ଚିନ୍ତକ । ସେ ତାଙ୍କ ଜୀବନକାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପଦବି ସମ୍ଭାଳିଛନ୍ତି । ଓଡ଼ିଶାର ଜନସାଧାରଣଙ୍କ ନେତୃତ୍ୱ ନେଇ ସେ ତିନି ତିନିଥର ରାଜ୍ୟର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ । ଅବିଭକ୍ତ ପୁରୀଜିଲ୍ଲା ତଥା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାର ରାମେଶ୍ୱରଗଡ଼ରେ ୧୯୨୭ ମସିହା ଜାନୁଆରୀ ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ଜାନକୀ ବଲ୍ଲଭ । ତାଙ୍କ ପିତା ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ଜଣେ ଶିକ୍ଷକ ତଥା ଲେଖକ । ଗାଁରେ ମାଇନର ସ୍କୁଲ୍ ପର୍ଯ୍ୟନ୍ତ ପଢ଼ିବା ପରେ ଖୋର୍ଦ୍ଧା ହାଇସ୍କୁଲରେ ସେ ପଢ଼ିଲେ । ଛାତ୍ରାବସ୍ଥାରେ ସେ ଥିଲେ ସରଳ, ସ୍ୱାଧୀନତା ପ୍ରେମୀ, ସାହିତ୍ୟ ପ୍ରେମୀ ଓ ବନ୍ଧୁବତ୍ସଳ । ୧୯୪୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ ଡିଗ୍ରୀ କରିବା ପରେ ୧୯୪୯ ମସିହାରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ । ସେ ଛାତ୍ରାବସ୍ଥାରୁ ରାଜନୀତି ସହିତ ଜଡ଼ିତ ଥିଲେ । ୧୯୫୦ ମସିହାରେ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ହୋଇଥିଲେ । ୧୯୭୧ରେ ପ୍ରଥମ ଥର ପାଇଁ ସେ ବିଜୟୀ ହୋଇ ଲୋକସଭାକୁ ଯାଇଥିଲେ । ୧୯୭୧ରେ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ଥିଲା ତାଙ୍କ ସଫଳତାର ପ୍ରଥମ ପାହାଚ । ୧୯୮୦ରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଦ୍ୱିତୀୟ ଥର ପାଇଁ ୧୯୮୫ ନିର୍ବାଚନରେ ସେ ଉଭୟ ଖୋର୍ଦ୍ଧା ଓ ଆଠଗଡ଼ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୯୫ ମସିହାରେ ସେ ତୃତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୦୦୯ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ କେନ୍ଦ୍ର ସରକାର ଜାନକୀବଲ୍ଲଭଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ । ଆସାମ ରାଜ୍ୟପାଳ ଭାବେ ସେ ଓଡ଼ିଶା ଓ ଆସାମ ମଧ୍ୟରେ ନିବିଡ଼ ସାଂସ୍କୃତିକ-ସାମାଜିକ ସମ୍ପର୍କର ପୁନଃପ୍ରତିଷ୍ଠା କରିଥିଲେ । ସେ ଓଡ଼ିଆ ଭାଷାରେ ରାଜା ଭର୍ତ୍ତୃହରି ପ୍ରଣୀତ ନୀତି ଶତକ, ଶୃଙ୍ଗାର ଶତକ ଓ ବୈରାଗ୍ୟ ଶତକର କାବ୍ୟାନୁବାଦ ସହ 'ଶ୍ରୀମଦ୍ ଭାଗବତ'ର ଗଦ୍ୟାନୁବାଦ କରିଛନ୍ତି । ଏଥିସହିତ ଗୌତମ ବୁଦ୍ଧ, ସିନ୍ଧୁ ଉପତ୍ୟକା, ମାଲୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ , ସ୍ୱପ୍ନ ଓ ସଂକଳ୍ପ ଭଳି ସାହିତ୍ୟ ରଚନା ଆଜି ବି ତାଙ୍କୁ ଅମର କରି ରଖିଛି । ସେ ଅପ୍ରେଲ୍ ୨୧, ୨୦୧୫ରେ ଦେହତ୍ୟାଗ କରିଥିଲେ ।

# ସଲମାନ୍‌ଙ୍କ ନାୟିକା ହେବେ ତ୍ରିଷା
## ୧୩ ବର୍ଷ ପରେ ବଲିଉଡ୍‌କୁ ଲେଉଟାଣି



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଥାନ୍ତି । ସଲମାନ୍ ଶେଷ ଥର ପାଇଁ 'ଟାଇଗର୍-୩'ରେ ଦେଖାଯାଇଥିଲେ । ଏଥିରେ ସେ ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଥିଲେ । ଏବେ ସଲମାନ୍‌ଙ୍କ ପ୍ରଶଂସକ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି । ତେବେ ସଲମାନ୍ ଏବେ 'ଦ ବୁଲ୍' ଫିଲ୍ମରେ ନଜର ଆସିବେ । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ବିଷ୍ଣୁବର୍ଦ୍ଧନ ରହିଛନ୍ତି । ଇତିମଧ୍ୟରେ ଫିଲ୍ମର ନାୟିକା ଫାଇନାଲ କରାଯାଇଛି । କୁହାଯାଉଛି, ଦକ୍ଷିଣ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ତ୍ରିଷା କ୍ରିଷ୍ଣନ୍ ସଲମାନ୍‌ଙ୍କ ନାୟିକା ଭାବେ ଦେଖାଯିବେ । ଅବଶ୍ୟ ଫିଲ୍ମ ନିର୍ମାତା ଏସମ୍ପର୍କରେ ବିଧିବଦ୍ଧଭାବେ କିଛି କହିନାହାନ୍ତି । ଯଦି ଏକଥା ସତ ହୁଏ, ତେବେ ପ୍ରଥମ ଥର ପାଇଁ ତ୍ରିଷା ଓ ସଲମାନ୍‌ଙ୍କୁ ଏକାଠି ପରଦା ଉପରେ ଦେଖିବାକୁ ମିଳିବ । ୨୦୧୦ରେ ତ୍ରିଷା, ଅକ୍ଷୟ କୁମାରଙ୍କ ସହିତ 'ଖଟା ମିଠା' ଚଳଚ୍ଚିତ୍ରରେ ଦେଖାଯାଇଥିଲେ । ଏହାପରେ ସେ ଆଉ କୌଣସି ବଲିଉଡ୍ ଫିଲ୍ମରେ ନଜର ଆସି ନଥିଲେ । ତ୍ରିଷା ୧୩ ବର୍ଷ ପରେ ପୁଣି ବଲିଉଡ୍‌କୁ ଫେରୁଛନ୍ତି ।

# ନିଆଁ ଲିଭାଇବ ରୋବଟ୍



ଜାପାନର ଗବେଷକମାନେ ଏକ ରୋବଟ୍ ତିଆରି କରିଛନ୍ତି । ଯାହାକି ନିଆଁ ଲିଭାଇବା ଦିଗରେ କାର୍ଯ୍ୟ କରିବ । ଏହା 'ଡ୍ରାଗନ ଫାୟାର୍ ଫାଇଟର୍' ନାଁରେ ପରିଚିତ । ତେବେ ବିଲଡିଂରେ ନିଆଁ ଲାଗିଥିବା ବେଳେ ଏହା ସିଧା ନିଆଁ ଲିଭାଇବାର କାର୍ଯ୍ୟ କରିଥିବା ଦେଖାଯାଇଛି । ଏହି ରୋବଟ୍‌ର ଉଚ୍ଚତା ୪ ମିଟର । ଏହାକୁ ରିମୋଟ୍ ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ । ରୋବଟ୍‌ର ଫାୟାର୍ ହୋସ୍ ଭୂମିଠାରୁ ଦୁଇ ମିଟର ଉଚ୍ଚକୁ ଉଠି ଆଠଟି ନିୟନ୍ତ୍ରଣାଧୀନ ୱାଟର ଜେଟ୍‌ରୁ ଏହା ସମ୍ମୁଖ ଭାଗରୁ ପାଣି ସ୍ପ୍ରେ କରିଥାଏ । ଚକ ଲାଗିଥିବା ଏକ ବାକ୍ସ ମଧ୍ୟରେ ଥିବା ଏକ କଣ୍ଟ୍ରୋଲ ୟୁନିଟ୍ ଦ୍ୱାରା ଫାୟାର୍ ହୋସ୍ ପରିଚାଳିତ ହୋଇଥାଏ । ଏହି ବାକ୍ସ ସପ୍ଲାଏ ଟ୍ୟୁବ୍ ମାଧ୍ୟମରେ ୱାଟର୍‌ଟ୍ୟାଙ୍କ ଓ ଅଗ୍ନିଶମ ଟ୍ରକ୍‌କୁ ସଂଯୋଗ କରିଥାଏ । ଏହି ୱାଟର୍‌ଟ୍ୟାଙ୍କରେ ୧୪ ହଜାର ଲିଟର ଜଳଧାରଣ କ୍ଷମତା ରହିଛି । ସେହିପରି ଏଥିରୁ ସେକେଣ୍ଡକୁ ୬.୬ ଲିଟର ଜଳ ବାହାରିଥାଏ । ନିଆଁକୁ ଯେଉଳି ରୋବଟ୍ ଚିହ୍ନିଟ କରିବ, ସେଥିପାଇଁ ଫାୟାର୍ ହୋସ୍‌ରେ ଥର୍ମାଲ ଇମେଜିଂ କ୍ୟାମେରାକୁ ଖଞ୍ଜାଯାଇଛି । ତେବେ ଏହାକୁ ସମ୍ପୂର୍ଣ୍ଣ ଭାବେ ଅଗ୍ନିଶମ ବିଭାଗରେ ସାମିଲ କରିବା ପାଇଁ ଆହୁରି ୧୦ ବର୍ଷ ଲାଗିବ ବୋଲି ଗବେଷକମାନେ କହିଛନ୍ତି ।

## ଆଜିର ଇତିହାସ


- ୧୯୦୧-ଶାନ୍ତି ନିକେତନରେ ବ୍ରହ୍ମଚର୍ଯ୍ୟ ଆଶ୍ରମ ଖୋଲିଲା ।
- ୧୯୨୯- ମହାତ୍ମା ଗାନ୍ଧୀ ଲର୍ଡ ଇରୱିନ୍‌ଙ୍କୁ ଭେଟିଲେ ।
- ୧୯୪୩- ଟେଲିଭିଜନରେ ପ୍ରଥମ ଥର ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରସାରଣ ଆରମ୍ଭ ହେଲା ।
- ୧୯୫୪- ଅଲଜିରିଆରେ ଆସିଥିବା ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ ।
- ୧୯୫୯-ଆଲାସ୍କା ଆମେରିକାର ୪୯ତମ ରାଜ୍ୟ ଘୋଷିତ ।
- ୨୦୦୯- ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ବିଧାନସଭାରେ ବିଶ୍ୱାସ ମତ ହାସଲ କଲେ ।
- ୨୦୧୫- ନାଇଜେରିଆର ବାଗା ସହରରେ ଆତଙ୍କବାଦୀ ସଂଗଠନ ବୋକୋହାରାମର ଆକ୍ରମଣରେ ୨୦୦୦ ଲୋକଙ୍କ ମୃତ୍ୟୁ ।

# ଯାନ୍ତ୍ରିକବିଦ୍ୟାର ଯାଦୁ
## ଆକାଶଛୁଆଁ ଝୁଲନ୍ତାପୋଲ ଲାଙ୍ଗ୍‌କାୱି



ବ୍ରିଜ୍ ବା ସେତୁ ହେଉଛି ନଦୀର ଗୋଟିଏ ପଟରୁ ଅନ୍ୟପଟକୁ ଯିବାକୁ ଏକ ମାଧ୍ୟମ । କିନ୍ତୁ ଏଠାରେ ଯେଉଁ ବ୍ରିଜ୍ କଥା କୁହାଯାଉଛି ତାର ନିର୍ମାଣଶୈଳୀ ବହୁତ ଭିନ୍ନ ଓ ଆଶ୍ଚର୍ଯ୍ୟଜନକ । ମାଲେସିଆର ଲାଙ୍ଗ୍‌କାୱି ସ୍କାଏ ବ୍ରିଜକୁ ଇଞ୍ଜିନିୟରିଂର ଚମତ୍କାରିତା କହିଲେ କିଛି ଭୁଲ୍ ହେବ ନାହିଁ । ଲାଙ୍ଗ୍‌କାୱି ସେତୁ ବିଶ୍ୱର ସର୍ବୋଚ୍ଚ ଝୁଲନ୍ତା ସେତୁ ମଧ୍ୟରୁ ଅନ୍ୟତମ । ଏହା ସମୁଦ୍ର ପତ୍ତନଠାରୁ ୨୧୭୦ ଫୁଟ ଉପରେ ଅବସ୍ଥିତ । ଏହି ବକ୍ରାକୃତି ପଦଚାରଣ ସେତୁ ମାଲେସିଆର ମାଟ୍ ସିକାଙ୍ଗ ପର୍ବତ ମଧ୍ୟରେ ରହିଛି । ଏହା କେବୁଲ ଜରିଆରେ ଶୂନ୍ୟରେ ଝୁଲୁକି ରହିଛି । ଏହା ହିଁ ଏହି ପୋଲକୁ ବିଶ୍ୱର ଅନ୍ୟ ପୋଲଗୁଡ଼ିକଠାରୁ ଭିନ୍ନ କରିଥାଏ । ଏହି ପୋଲ ଉପରେ ଲୋକେ ଚାଲିକି ଯାଇପାରିବେ ଓ ଅଦ୍ଭୁତ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରି ପାରିବେ । ଏହି ବ୍ରିଜ୍ ଉପରେ ଚାଲିବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଥିପାଇଁ କେବୁଲ୍ କାର୍ ଯୋଗେ ପାହାଡ଼ ଉପରକୁ ଆସିବାକୁ ହୋଇଥାଏ । ଏହି ବ୍ରିଜ୍‌ର ଡେକ୍‌ର ଓସାର ୯ ଫୁଟ୍‌ରୁ ସାମାନ୍ୟ କମ୍ ଏବଂ ଏହା ବକ୍ରାକାର ଗତିପଥ ୯୯ଟି ଦ୍ୱୀପ ବିଶିଷ୍ଟ ଦ୍ୱୀପପୁଞ୍ଜର ସୁଦୀର୍ଘ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ ।


# କବାଟ ନ ଥିବା ଗାଁ



ଆମ ଦେଶରେ ଏମିତି ଏକ ଗାଁ ଅଛି, ଯେଉଁଠି ଲୋକେ ନିଜ ଘର ଦୁଆରେ ତାଲା ପକାନ୍ତି ନାହିଁ । କାରଣ ଏହି ଗାଁରେ କୌଣସି ଲୋକଙ୍କ ଘରେ କବାଟ ନାହିଁ । ଖାଲି ଦୁଆରବନ୍ଧ ଅଛି । ସମ୍ପ୍ରତି ଦିନକୁ ଦିନ ଚୋରି ମାମଲା ବୃଦ୍ଧି ପାଉଥିବାବେଳେ ମହାରାଷ୍ଟ୍ର, ଅହମ୍ମଦନଗର ସ୍ଥିତ ଶନି ଶିଙ୍ଗଣାପୁର ଗାଁର ଲୋକମାନେ ବିନା କବାଟରେ ଚଳି ଆସୁଛନ୍ତି । ତାଲା ନ ପଡ଼ିଲେ ସୁଦ୍ଧା ଏହି ଗାଁରେ କେବେ ବି ଚୋରି ହୁଏ ନାହିଁ । ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ଯେ, ସ୍ୱୟଂ ଶନିଦେବ ଶନି ଶିଙ୍ଗଣାପୁର ଗାଁର ରକ୍ଷା କରନ୍ତି । ଫଳରେ ଚୋରି କରିବା ପାଇଁ ଚୋର ଭୟ କରନ୍ତି । ଏହି ଗାଁରେ ବିନା କବାଟରେ କେବଳ ଘର ରହିଛି ତାହା ନୁହେଁ, ବରଂ ଦୋକାନ ଠାରୁ ଆରମ୍ଭ କରି ଗାଁରେ ରହିଥିବା ଏକ ବ୍ୟାଙ୍କ ମଧ୍ୟ ବିନା କବାଟରେ ତିଆରି ହୋଇଛି ।

# ଅଭେଦ୍ୟ ଦୁର୍ଗ

ସାରା ବିଶ୍ୱରେ ଏଭଳି ଅନେକ ଦୁର୍ଗ ରହିଛି, ଯାହାକୁ ଶତ୍ରୁପକ୍ଷ କେବେ ବି ଭେଦ କରିପାରିନାହାନ୍ତି । ଆମ ଭାରତରେ ମଧ୍ୟ ଏଭଳି ଦୁର୍ଗ ଅଛି । ଜାପାନରେ ମଧ୍ୟ ଏମିତି ଏକ ଅଭେଦ୍ୟ ଦୁର୍ଗ ଦେଖିବାକୁ ମିଳେ । ସେହି ଦୁର୍ଗଟି ହେଲା 'କୁମାମୋତୋ କ୍ୟାସଲ୍' । ଶହ ଶହ ବର୍ଷ ଧରି ଏହା ଜାପାନର କ୍ୟୁଶୁ ଦ୍ୱୀପର କୁମାମୋତେ ସହରରେ ନିଜର ଅସ୍ତିତ୍ୱ ବଜାୟ ରଖି ବିଜୟଗାଥା ବହନ କରି ଆସୁଛି । ଏହାର ବିଶେଷତ୍ୱ ଏହାର ରଙ୍ଗ । ଏହା ସମ୍ପୂର୍ଣ୍ଣ ଭାବେ କଳା ରଙ୍ଗର । ସାଧାରଣ ଭାବେ କୌଣସି ଦୁର୍ଗ ବା ଘରର ଏଭଳି ରଙ୍ଗ ନଥାଏ । ଜାପାନ ଇତିହାସରେ ଏଭଳି ବି ଏକ ସମୟ ଥିଲା, ଯେତେବେଳେ ଏହା ଛୋଟ ଛୋଟ ଅଞ୍ଚଳରେ ବିଭାଜିତ ହୋଇଯାଇଥିଲା । ତେଣୁ ଏଠାରେ ସବୁବେଳେ ଯୁଦ୍ଧ ଲାଗି ରହୁଥିଲା । ତେଣୁ ସହରର ରକ୍ଷା ପାଇଁ ଏଭଳି ଦୁର୍ଗ ନିର୍ମାଣ କରାଯାଇଥିଲା । ଆଉ ସେହି ଦୁର୍ଗଗୁଡିକ ମଧ୍ୟରୁ ସବୁଠାରୁ ଚର୍ଚ୍ଚିତ ଦୁର୍ଗ ଥିଲା କୁମାମୋତୋ । ଏହି ଦୁର୍ଗ ୧୬୦୭ରେ ସମୁରାଇ କାଳରେ ନିର୍ମାଣ କରାଯାଇଥିଲା । ଏହା ସେ ସମୟ ଥିଲା, ଯେତେବେଳେ ଜାପାନରେ ସୁବେଦାର ଓ ସାମନ୍ତମାନଙ୍କର ମଧ୍ୟରେ ଯୁଦ୍ଧ ଚାଲିଥିଲା । ଏହି ଦୁର୍ଗରେ ୨୯ ଫାଟକ ଓ ୪୯ ଟାୱାର ଥିଲା । ତେଣୁ ଶତ୍ରୁ ଆକ୍ରମଣ ସମୟରେ ଏହି ଦୁର୍ଗର କୌଣସି କ୍ଷତି ହୋଇପାରେ ନାହିଁ । ଅନେକ ଦୁଃଖଦ ଚିତ୍ରର ସାକ୍ଷୀ ସାଜିଛି ଏହି ଦୁର୍ଗ । ଏହି ଐତିହାସିକ ଦୁର୍ଗ ଅନେକ ଯୁଦ୍ଧର ମୂକସାକ୍ଷୀ । ୨୦୧୬ ଏପ୍ରିଲ ୧୬ରେ ଭୟଙ୍କର ଭୂମିକମ୍ପ କାରଣରୁ ଏହି ଦୁର୍ଗର ଅନେକ କ୍ଷତି ଘଟିଥିଲା । ତେଣୁ ଏହାର ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ୨ ବର୍ଷ ପୂର୍ବରୁ ଜାପାନ ସରକାର ଏହାର ମରାମତି କରିଛନ୍ତି । ଏଥିପାଇଁ ମୋଟ ୬୩ ଆରବ ୟେନ୍ ଖର୍ଚ୍ଚ ହୋଇଛି । ଏବେ ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ।



# ରକ୍ତହୀନତା ଦୂର କରିବ ଏହି ସବୁ ଖାଦ୍ୟ

**ଶରୀରରେ ଲୋହିତ ରକ୍ତ କଣିକା କମ୍ ହେଲେ ରକ୍ତହୀନତା ଦେଖାଦିଏ । ଏହି ରକ୍ତହୀନତାକୁ ଡାକ୍ତରୀ ଭାଷାରେ ଏନିମିଆ କୁହାଯାଏ । ଏନିମିଆ ହେବା ଦ୍ୱାରା ଜଣେ ବ୍ୟକ୍ତି ଅତ୍ୟଧିକ କ୍ଲାନ୍ତ ଓ ଦୁର୍ବଳ ଅନୁଭବ କରନ୍ତି । ଏହା ସହିତ ମୁଣ୍ଡବିନ୍ଧା ଲାଗି ରୁହେ । ବେଳେବେଳେ ଏହା ଜଟିଳ ସମସ୍ୟା ସୃଷ୍ଟି କରିଥାଏ । ଏଥିପାଇଁ ଡାକ୍ତରୀ ଚିକିତ୍ସା ଥିଲେ ମଧ୍ୟ ଖାଦ୍ୟପେୟ ମାଧ୍ୟମରେ ଏହାକୁ ରୋକାଯାଇପାରିବ । ବିଶେଷକରି ଯେଉଁସବୁ ଖାଦ୍ୟରେ ଅଧିକ ଆଇରନ୍ ରହିଛି, ସେସବୁ ଖାଦ୍ୟ ଖାଇବା ଆବଶ୍ୟକ ।**

### ବିଟ୍

ଶୀତଦିନେ ବିଟ୍ ଅଧିକ ପରିମାଣରେ ମିଳିଥାଏ । ଏଥିରେ ଆଇରନ୍ ଭରପୂର ମାତ୍ରାରେ ଥାଏ । ପ୍ରତିଦିନ ବିଟ୍ ଜୁସ୍ ପିଇବା ଦ୍ୱାରା ଏହା ଶରୀରରେ ରକ୍ତ ବୃଦ୍ଧି କରିଥାଏ ।



ଏହା ଶରୀରରେ ରକ୍ତ ବୃଦ୍ଧି କରିବା ସହ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିଥାଏ । ଏହା ମାଂସପେଶୀକୁ ମଜଭୁତ କରିବା ସହ ହାଡ଼କୁ ଶକ୍ତ କରିଥାଏ ।

### ଡାଲି

ଡାଲିରେ ପ୍ରଚୁର ପରିମାଣର ପ୍ରୋଟିନ୍, ଭିଟାମିନ୍ ଓ ଫାଇବର ଥାଏ । ଏହା ଶରୀରରେ ଆଇରନ୍ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ହଜମ କ୍ରିୟା ମଧ୍ୟ ଭଲ ହୋଇଥାଏ ।



### ଡାଳିମ୍ବ

ରକ୍ତହୀନତା ଦୂରେଇବା ପାଇଁ ଡାଳିମ୍ବ ମହୌଷଧି ଭଳି କାମ କରିଥାଏ । ଏହା ଶରୀରରେ ଆଇରନ୍ ଅଭାବକୁ ପୂରଣ କରିଥାଏ । ଏହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଭଲ ହୋଇଥାଏ ।

### ପାଳଙ୍ଗ

ପାଳଙ୍ଗରେ ଅଧିକ ମାତ୍ରାରେ ଆଇରନ୍, ଓମେଗା-୩ ଫ୍ୟାଟି ଏସିଡ୍ ଥାଏ ।

### ଡ୍ରାଏ ଫ୍ରୁଟ୍ସ

କାଜୁବାଦାମ, ଆଲମଣ୍ଡ, କିସ୍‌ମିସ୍ ଭଳି ଡ୍ରାଏ ଫ୍ରୁଟ୍ସରେ ପ୍ରଚୁର ପରିମାଣର ଆଇରନ୍ ଥାଏ । ଏଗୁଡ଼ିକ ଶରୀରରେ ଲୋହିତ ରକ୍ତ କଣିକା ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତି ।



### ଗହମ ଘାସ

ଗହମ ଘାସ ବିଟା କେରୋଟିନ୍, ଭିଟାମିନ୍-କେ, ଫଲିକ୍ ଏସିଡ୍, କ୍ୟାଲସିୟମ୍, ଆଇରନ୍, ପ୍ରୋଟିନ୍ ଓ ଫାଇବର, ଭିଟାମିନ୍ ସି'ର ଉତ୍ତମ ସ୍ରୋତ । ପ୍ରତିଦିନ ସକାଳେ ଏକ ଚାମଚ ଗହମ ଘାସ ରସ ସେବନ କରିବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ଶରୀରରେ ଲୋହିତ ରକ୍ତ କଣିକା ବୃଦ୍ଧି ପାଇଥାଏ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ମହିଳାମାନଙ୍କୁ ମୁଖ୍ୟ ଦାୟୀତ୍ୱ ମିଳିବ । ଆର୍ଥିକ ସମସ୍ୟା ଦୂର ହେବ । ବୈବାହିକ ଜୀବନ ସୁଖମୟ ହେବ ।

**ବୃଷ:** ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରା କରିପାରନ୍ତି । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ମାନସମ୍ମାନ ବୃଦ୍ଧି ପାଇବ । ସାଙ୍ଗସାଥିଙ୍କ ସହଯୋଗ ଲୋଡ଼ିବେ । ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି । ବିଦ୍ୟାର୍ଥୀମାନଙ୍କ ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ ହେବ ।

**ସିଂହ:** ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକ ଚିନ୍ତିତ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପିଲାମାନେ ଖେଳମନସ୍କ ହେବେ ।

**କନ୍ୟା:** ଜମି କିଣାବିକା ପାଇଁ ବର୍ତ୍ତମାନ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ଗୁରୁଜନଙ୍କ ପରାମର୍ଶ ନେଇ ଆଗକୁ ବଢ଼ିବେ ।

**ତୁଳା:** ଅକସ୍ମାତ ବନ୍ଧୁମିଳନ ଯୋଗ ରହିଛି । ପାରିବାରିକ ହସ ଖୁସି ମିଳିବ । ବ୍ୟବସାୟରୁ ଲାଭ ପାଇବେ । କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ । ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଅନୁକୂଳ ସମୟ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । ସାମାଜିକ ଏବଂ ଧାର୍ମିକ ସମାରୋହରେ ଯୋଗ ଦେବେ । ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି । ବିଦ୍ୟାର୍ଥୀମାନେ ପ୍ରତିଯୋଗୀତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ କିଛି ସମୟ ବିତାନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ମାନସମ୍ମାନ ବୃଦ୍ଧି ହେବ । କଳା ଓ ସାହିତ୍ୟ କ୍ଷେତ୍ରରେ ରୁଚି ବଢ଼ିବ । କୌଣସି କାରଣରୁ ପତି ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ ।

**ମୀନ:** ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ମହିଳାଙ୍କ ଦାୟିତ୍ୱ ବଢ଼ିବ ।

## ଶ୍ୟାମସୁନ୍ଦରଜୀଉ ଗ୍ରାମୀଣ ହାଟ ଉଦ୍‌ଘାଟିତ



**ଜଗତସିଂହପୁର, ୨।୧ (ସମିସ ):** ଜଗତସିଂହପୁର ବ୍ଲକର ସାଁପୁର ପଞ୍ଚାୟତ ଅନ୍ତର୍ଗତ ପଟଣା ବନମାଳିପୁର ଗ୍ରାମରେ ଶ୍ରୀ ଶ୍ରୀ ଶ୍ୟାମସୁନ୍ଦରଜୀଉ ଗ୍ରାମୀଣହାଟ ଉଦ୍‌ଘାଟିତ ହୋଇଯାଇଛି । ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏହାକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଞ୍ଚଳର ପ୍ରାୟ ୪୦ରୁ ଅଧିକ ଗ୍ରାମରେ କୌଣସି ଗ୍ରାମୀଣ ହାଟର ସୁବିଧା ନଥିଲା । ଯାହା ଦ୍ୱାରା ସ୍ଥାନୀୟ ଲୋକମାନେ ତଟକା ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ସୁଲଭ ଦାମରେ ପାଇବରୁ ବଞ୍ଚିତ ହେଉଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଚାଷୀ ଓ ବ୍ୟବସାୟୀ ମଧ୍ୟ ସେମାନଙ୍କ ପନିପରିବା ଓ ବିଭିନ୍ନ ସାମଗ୍ରୀ ବିକ୍ରିକରିବାକୁ ସୁବିଧା ପାଉନଥିଲେ । ସ୍ଥାନୀୟ ଚାଷୀ ଓ ବ୍ୟବସାୟୀ ତଥା ସ୍ୱୟଂସହାୟିକା ଗୋଷ୍ଠୀ ମାନଙ୍କର ଆର୍ଥିକ ବିକାଶ ପାଇଁ ଏହି ଗ୍ରାମୀଣ ହାଟଟି ପ୍ରତିଷ୍ଠା କରାଯାଇଛି । ଏହି ହାଟ ପ୍ରତି ସୋମବାର ଓ ଶୁକ୍ରବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଏହି ଗ୍ରାମୀଣ ହାଟ କମିଟିର ସଭାପତି ଭାବେ ସରପଞ୍ଚ ସ୍ୱରୁପ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ପଣ୍ଡା, ଉପସଭାପତି ଅମରନାଥ ପରିଡ଼ା, ସମ୍ପାଦକ ନିରଞ୍ଜନ ପରିଡ଼ା, କୋଷାଧ୍ୟକ୍ଷ ଭାବେ ଗଙ୍ଗା । ଧର ପଣ୍ଡା ହାଟ ପରିଚାଳନା କାର୍ଯ୍ୟ ତୁଲାଉଛନ୍ତି । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଚାଷୀ, ବ୍ୟବସାୟୀ ତଥା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ବ୍ୟବସାୟ କରିଥିଲେ ।

## ସାମ୍ବାଦିକ ପ୍ରମୋଦ ଦାସଙ୍କ ପରଲୋକ

**ତିର୍ତ୍ତୋଲ/ଜଗତସିଂହପୁର, ୨।୧(ସମିସ):** ତିର୍ତ୍ତୋଲ ଓ ଏରସମା ଅଞ୍ଚଳରେ କାର୍ଯ୍ୟରତ ନକ୍ଷତ୍ର ନିଉଜ ଟିଭିର ସାମ୍ବାଦିକ ପ୍ରମୋଦ କୁମାର ଦାସ(୫୨) ଙ୍କ ଏକ ସଡକ ଦୁର୍ଘଟଣାରେ ସୋମବାର ବିଳମ୍ବିତ ରାତ୍ରିରେ କଟକ ବଡମେଡିକାଲରେ ପରଲୋକ ହୋଇଯାଇଛି । ସେ ଦୁଇ ଦଶନ୍ଧୀ ଧରି ଜଣେ ନିର୍ଭିକ ସାମ୍ବାଦିକ ଭାବେ କାର୍ଯ୍ୟ କରି ଜିଲାରେ ସୁନାମ ଅର୍ଜନ କରିଥିଲେ । ଶବ ବ୍ୟବଛେଦ ପରେ ତାଙ୍କ ମୃତ ଶରୀର ନିଜ ଗ୍ରାମ ମଣିଜଙ୍ଗା ଅଭିମୁଖେ ଆସୁଥିବାବେଳେ ସାରଳାରୋଡ ଠାରୁ ଜିଲ୍ଲା ଓ ତିର୍ତ୍ତୋଲ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ମାନେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ତାଙ୍କ ମଣିଜଙ୍ଗା ଗ୍ରାମ ବାସଭବନକୁ ଆଣିଥିଲେ ।



ସାରଳାରୋଡ, ତିର୍ତ୍ତୋଲ, ମଣିଜଙ୍ଗା ବଜାର ଓ ମଣିଜଙ୍ଗା ଗ୍ରାମ ବାସଭବନ ଆଦି ସ୍ଥାନରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲାପରିଷଦ ସଭ୍ୟ ସୁନୀଲ ବେହେରା, ସୂର୍ଯ୍ୟନାରାୟଣ ବେହେରା, ସମାଜସେବୀ ବଟକୃଷ୍ଣ ଦାଶ, ବାଲିଘର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ବଟଶ୍ରୀ ସେବା ସଙ୍ଗଠନର ସମ୍ପାଦିକା ବିଭୁଷିତା ଦାସ, ବରିଷ୍ଠ ସାମ୍ବାଦିକ ରାଧାକାନ୍ତ ମିଶ୍ର, ମନୋଜ ଦାଶ, ଆଇନଜୀବୀ ଅମରଜ୍ୟୋତି ସାହୁ, ମଣିଜଙ୍ଗା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ବିଧବା ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି । ତାଙ୍କ ବିୟୋଗ ଖବର ପାଇ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ତିନିବର୍ଷର ଦେବାଂଶ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ଅଧିକାରୀ

ଯଖପୁରା, ୨।୧(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଗ୍ରାମର ୩ ବର୍ଷର ଦେବାଂଶ ରାଉତ ନିଜର ବିଚକ୍ଷଣ ବୁଦ୍ଧି ଯୋଗୁଁ ଆଜି ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଦାନିସି ଦେବାଂଶ ମାତ୍ର ୩୦.୯୧ ସେକେଣ୍ଡରେ ଭାରତରେ ଥିବା ୨୮ଟି ରାଜ୍ୟର ରାଜଧାନୀ ଓ ୭ଟି ମହାଦେଶର ନାମ କହିଥିବା ଯୋଗୁଁ ତାଙ୍କ ନାମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି । ଯାହାକୁ ନେଇ ତାଙ୍କ ପିତା ପୂର୍ଣ୍ଣଚନ୍ଦ୍ର ରାଉତ, ମାତା କୌଶଲ୍ୟା ମୁଦୁଲିଙ୍କ ପୁଅ ଦେବାଂଶଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି । ଦାନିସି ଦେବାଂଶ ରାଉତଙ୍କ ଜନ୍ମ ୨୦୨୦ ମାର୍ଚ୍ଚ ୨୫ ତାରିଖରେ । ସେ ନିକଟସ୍ଥ ଇଂରାଜୀ ମିଡିୟମ ବିଦ୍ୟାଳୟର ନର୍ସରୀ କ୍ଲାସରେ ଅଧ୍ୟୟନ କରୁଥିବାବେଳେ ଲିମ୍‌କା ବୁକ୍ ଅଫ୍ ରେକର୍ଡ ପାଇଁ ପ୍ରସ୍ତୁତ ହେଉଥିବା ତାଙ୍କ ମାତା କହିଛନ୍ତି ।

## ନୂତନ ବର୍ଷ ଅବସରରେ କମ୍ବଳ ବଣ୍ଟନ

**କୁଆଖିଆ, ୨।୧(ସମିସ):** ରସୁଲପୁର ବ୍ଲକ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିପଦର ବନ୍ଧୁ ପରିବାର ଓ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଇଂରାଜୀ ନବବର୍ଷ ଅବସରରେ ଗରିବ, ଅସହାୟ, ଭିନ୍ନକ୍ଷମଙ୍କୁ ଆଜି ଶୀତବସ୍ତ୍ର (କମ୍ବଳ) ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିପଦର ବନ୍ଧୁ ସଭାପତି ବସନ୍ତ ଶତପଥୀ, ସମାଜସେବୀ ଗୋପାଳ ପାତ୍ର, ଭଗବାନ ଦାଶ, ନିହାର ଆଚାର୍ଯ୍ୟ, ବିଦ୍ୟାଧର ସାହୁ, ରବୀନ୍ଦ୍ର ମିଶ୍ର, ପ୍ରଫୁଲ ପଣ୍ଡା, ଶ୍ରୀକୃଷ୍ଣ ସାମଲ, ଅଞ୍ଜନ ଦାସ, ଶିଶିର ପୃଷ୍ଟି, ପ୍ରଦୀପ ସାମଲ, ସନ୍ତୋଷ ଦାସ, ମାନସ ମିଶ୍ର, ଚନ୍ଦନ ମହାରଣା, ଅଜିତ ରାମ, ନିମାଇଁ ପଣ୍ଡା, ସଙ୍ଗୀତା ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ ।

## ନୂଆବର୍ଷ ଉପଲକ୍ଷେ ସୋତିରେ ଗୀତାଯଜ୍ଞ

**ପାଣିକୋଇଲି, ୨।୧(ସମିସ):** ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ସୋତି ଗ୍ରାମର ଆରାଧ୍ୟ ଦେବତା ବାବା ଇଶାନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଇଂରାଜୀ ନବବର୍ଷକୁ ସ୍ୱାଗତ ଜଣାଇ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଉକ୍ତ ପରମ୍ପରା ଦୀର୍ଘ ବର୍ଷ ହେବ ସୋତି ଗ୍ରାମର ଗ୍ରାମବାସୀ ପାଳନ କରିଆସୁଛନ୍ତି । ଉକ୍ତ ଉତ୍ସବରେ ବାବା ଇଶାନେଶ୍ୱରଙ୍କ ନିକଟରେ ନୂତନ ବର୍ଷଟି ଦେଶ ତଥା ରାଜ୍ୟରେ ଶାନ୍ତି ମୈତ୍ରୀ ଆଣିବା ଲାଗି ଗ୍ରାମରେ ଭାଇଚାରା ବୃଦ୍ଧି ନିମନ୍ତେ ସମସ୍ତ ଗ୍ରାମବାସୀ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦୀପ ଜାଳିଥିଲେ । ଗ୍ରାମର ବେଦଜ୍ଞ ବାହ୍ମଣ ସୂର୍ଯ୍ୟମଣି ପଣ୍ଡା ଓ ରାହାସ ବିହାରୀ ଦାସ ଗୀତା ପାଠ କରିଥିବାବେଳେ ଗ୍ରାମବାସୀ ଅଦ୍ୱୈତ୍ୟ ଚରଣ ଦାଶ, ସୂର୍ଯ୍ୟମଣି ସାହୁ, ତପନ କୁମାର ଦାସ, ଉମାକାନ୍ତ ଖଣ୍ଡାଇ, ବଟକୃଷ୍ଣ ମହାପାତ୍ର, ନାରାୟଣ କରଣ, ଅନାମ ମହାପାତ୍ର, ବାବୁଲି ବାରିକ, ହରେକୃଷ୍ଣ ସାହୁ, ବିଷ୍ଣ ବାରିକ, ଶିବ ବାରିକ, ପ୍ରଫୁଲ୍ଲ ମାଝୀ, ନାଣ୍ଟୁ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

### ବ୍ୟବସାୟ କରିବାକୁ କହି ୩୫ ଲକ୍ଷ ଠକେଇ ଅଭିଯୋଗ

# ଥାନାରେ ଏତଲା, ତଦନ୍ତ ଆରମ୍ଭ

**କେନ୍ଦ୍ରାପଡ଼ା, ୨।୧(ସମିସ)**

ଫାର୍ମାସିୟୁଟିକାଲ ବ୍ୟବସାୟ କରିବାକୁ କହି ୩୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ପାଟକୁରା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ପାଟକୁରା ବଛରାଇ ଅଞ୍ଚଳର ସନ୍ତୋଷ କୁମାର ପରିଡ଼ା ନିଜ ଅଞ୍ଚଳରେ ଔଷଧ ବ୍ୟବସାୟ କରିବାକୁ ଚୁକ୍ତି କରିଥିଲେ । ଏ ନେଇ ଔଷଧ କମ୍ପାନୀ ଦେଖିବାକୁ ହରିଦ୍ୱାର ମଧ୍ୟ ଯାଇଥିଲେ । ସେଠାରେ କେତେଜଣଙ୍କ ସମ୍ପର୍କରେ ଆସିଥିଲେ । ସେମାନେ ସନ୍ତୋଷଙ୍କ ସହ ବ୍ୟବସାୟ କରିବାକୁ ରାଜି ହୋଇଥିଲେ । ଏ ନେଇ ବିଭୁ କଲ୍ୟାଣ ମିଶ୍ର ଗୋଟିଏ ନୂତନ ଫାର୍ମାସିୟୁଟିକାଲ କମ୍ପାନୀ ହରିଦ୍ୱାରରେ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଜାଣିବାକୁ ପାଇଥିଲେ । ଏଥିରେ ଅଧିକ ଫାଇଦା ନେଇ ବିଭୁ ପ୍ରତିଶ୍ରୁତି ଦେଇଥିଲେ । ଏ ନେଇ ସନ୍ତୋଷଙ୍କୁ ନୂତନ କମ୍ପାନୀ ପାଇଁ ଅର୍ଥ ବିନିଯୋଗ କରିବାକୁ କହିଥିଲେ । ସବୁ କାଗଜପତ୍ର ଯାଞ୍ଚ ପରେ ସନ୍ତୋଷ ବିଶ୍ୱାସ କରିଥିଲେ । ବିନିଯୋଗ ଟଙ୍କାର ସୁଧ ଦେବାକୁ ମଧ୍ୟ ଅଭିଯୁକ୍ତ ପ୍ରତିଶ୍ରୁତି ଦେଇଥିଲା । ଏହାପରେ ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ରାହୁଲ ଯୋଶୀ ନାମକ ବ୍ୟକ୍ତିଙ୍କ ସହ ଅଭିଯୁକ୍ତ କଥାବାର୍ତ୍ତା କରାଇଥିଲେ । ଏହି ଭରସାରେ ସନ୍ତୋଷ କମ୍ପାନୀ ପ୍ରତିଷ୍ଠା କରିବାକୁ ୩୫ ଲକ୍ଷ ଟଙ୍କା ବ୍ୟାଙ୍କ ମାଧ୍ୟମରେ ଦେଇଥିଲେ । ଟଙ୍କା ପାଇବା ପରେ ବିଭୁ ସନ୍ତୋଷଙ୍କ ଫୋନ ଉଠାଇ ନ ଥିଲେ । ବାରମ୍ବାର ହରିଦ୍ୱାର ଦୌଡ଼ି ଦୌଡ଼ି ସେ ନିରାଶ ହୋଇଥିଲେ । କୌଣସି କମ୍ପାନୀ ହେବା ତ ଦୂରର କଥା ସେ ଆଉ ଦେଖା ଦେଇ ନ ଥିଲେ । ଏମିତିକି ଯଦି କେବେ ଦେଖା ହେଲେ ଆଉ ଟଙ୍କା ଫେରସ୍ତ କରିବେ ନାହିଁ ବୋଲି କହିଥିଲେ । ଆଉ ଦ୍ୱିତୀୟ ଥର ଟଙ୍କା ପାଇଁ ତାଙ୍କ ନିକଟକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଅନ୍ୟ କିଛି ଉପାୟ ନ ପାଇ ଶେଷରେ ସନ୍ତୋଷ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଠକେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବ୍ଲକ୍‌ସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ବିରିଡି, ୨।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ବିଭିନ୍ନ କ୍ରୀଡା ସହିତ ସ୍କୁଲ ଚାତ୍ର ଛାତ୍ରୀକଲେଜ ଛାତ୍ର ଛାତ୍ରୀ ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ଯୁବକମାନଙ୍କୁ ଯୋଡିବା ପାଇଁ ଏକ ସୁଦୁର ପ୍ରସାରୀ ସମ୍ବନିତ ଯୁବ ବିକାଶ (ନୁଆ ଓ) ଯୋଜନା ପ୍ରଣୟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିରିଡି ବ୍ଲକ ସ୍ତରୀୟ କ୍ରୀଡା ପୂରଣ, ମଙ୍ଗୁଲି ଓ ମହାତୋଳ ଖେଳ ପଡ଼ିଆରେ ଅନୁଷ୍ଠିତ ବିଭିନ୍ନ ଖେଳ ଉଦ୍ ଯାପିତ ହୋଇଯାଇଛି । ଏହାର ପୁରସ୍କାର ବିତରଣ ଉତ୍ସବ ମଙ୍ଗୁଲି ସ୍ଥିତ ଖେଳ ପଡ଼ିଆରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କରାଯାଇଥିଲା । ବିଡିଓ ଡ. ବେବିତା ମଞ୍ଜରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ସରପଞ୍ଚ ନିରଞ୍ଜନ ସେଠୀଙ୍କ ଆୟୋଜନରେ ଏହି ଉତ୍ସବରେ ବିରିଡି ପଞ୍ଚାୟତ ଅଧକ୍ଷା ମମତା ପାତ୍ର ସଭାପତିତ୍ୱ କରିଠଥିଲେ । ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ସଭ୍ୟା ଦିପ୍ତିମୟୀ ରାୟ, ଉପାଧକ୍ଷା ପିନାକୀ ପ୍ରିୟ ଦର୍ଶିନୀ, ସମାଜସେବୀ ରବୀନ୍ଦ୍ର କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋର୍ତିମୟୀ ସ୍ୱାଇଁ, କନିଷ୍ଠ ସହାୟକ ବିଶ୍ୱଜିତ ବିଶ୍ୱାଳ, ସରପଞ୍ଚ ନିରଞ୍ଜନ ସେଠୀ, ସରପଞ୍ଚ ଯୁଧିଷ୍ଠିର ବେହେରା, ସରପଞ୍ଚ ତରୁଣ କୁମାର ଦାସ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଥିଲେ । ତେବେ ଅନୁଷ୍ଠିତ, ଖୋଖୋ, କ୍ରିକେଟ୍, ହକି, କବାଡି, ଫୁଟ୍ ବଲ, ଭଲିବଲ କ୍ରୀଡାପ୍ରତି ଯୋଗିତାରେ ମୋଟ୍ ୧୫୫୦ରୁ ଅଧିକ ଯୁବକ ଯୁବତୀ ମାନେ ୧୦୫ ଦଳ ହୋଇ ଅଂଶ ଗ୍ରହଣ କରିବା ସହ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ । ଏହି କ୍ରୀଡା ବିଭାଗରେ ପ୍ରଥମ ହୋଇଥିବା ଦଳକୁ ୨୦ ହଜାର, ଦ୍ୱିତୀୟ ହୋଇଥିବା ଦଳକୁ ୧୫ ହଜାର ଓ ତୃତୀୟ ଚତୁର୍ଥଦଳକୁ ୧୦ ହଜାର ଲେଖାଁଏ ଅର୍ଥରାଶୀସହ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ରାଶୀକୁ ବିଧାୟକ ଶ୍ରୀ ଦାସଙ୍କ ସମେତ ଅନ୍ୟ ଅତିଥିମାନେ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପି.ଇ.ଓ ପ୍ରଦୀପ୍ତ ସ୍ୱାଇଁ, କେଦାର ନାଥ ସାହୁ, ସୁବାସ ନାୟକ, ବୈଷ୍ଣବ ସାହୁ, ରଞ୍ଜିତ ମହାନ୍ତି, କାନନବାଳା ପାଇକରାୟ, ବବି ସାହୁ, ସୁଜାତା ମିଶ୍ର ଓ ସମସ୍ତ ସିଆରପି ସହାୟତା କରିଥିଲେ ।

## ରତୁପର୍ଣ୍ଣା କଳା ସାହିତ୍ୟ ସଂସଦର ଶୀତ ଆସର



**ତିର୍ତ୍ତୋଲ, ୨।୧(ସମିସ):** ତିର୍ତ୍ତୋଲସ୍ଥିତ ରତୁପର୍ଣ୍ଣା କଳା ସାହିତ୍ୟ ସଂସଦର କାର୍ଯ୍ୟାଳୟରେ ବିଦାୟୀ ବର୍ଷ ଓ ନବବର୍ଷ ଉପଲକ୍ଷେ ଏକ ଶୀତ ଆସର ସଂସଦର ଉପସଭାପତି ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରାଧ୍ୟାପିକା ଡ.ବିଷ୍ଣୁପ୍ରିୟା ଦାସ ଯୋଗଦେଇ କଳା ଓ ସାହିତ୍ୟ ପରିପୂରକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଶିକ୍ଷାବିତ ଝୁଲରାମ ଦାସ, ସମ୍ମାନିତ ଅତିଥି ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, କବୟିତ୍ରୀ ସବିତା ନାୟକ, ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜର ସାମାଜିକ ଚିତ୍ରକୁ ପରିପ୍ରକାଶ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଏହି ଅବସରରେ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ପ୍ରଯୋଜନାରେ ଶିଶୁ କଣ୍ଠ ଶିଳ୍ପୀ ରତୁପର୍ଣ୍ଣା ପରିଡ଼ାଙ୍କ କଣ୍ଠ ସଙ୍ଗୀତ 'ହୃଦୟ କନ୍ଦରେ ସାଇତି ରଖିଛି ' କ୍ୟାସେଟ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କବି ହେମନ୍ତ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଙ୍ଗଠନ ସମ୍ପାଦକ ନିତ୍ୟାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପଣ୍ଡିତ ବାସବ ନନ୍ଦ, ପଦ୍ମାବତୀ ମିଶ୍ର, ପ୍ରଭାତ ପରିଜା, ଚୌଧୁରୀ ରାଧାମୋହନ ପରିଜା, ଦିଗମ୍ବର ରାଉତ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକଙ୍କ ସମେତ ସାହିତ୍ୟିକ ଓ କବି ମାନେ ଯୋଗଦେଇଥିଲେ । ଶିଶୁ କଣ୍ଠ ଶିଳ୍ପୀ ସାଇ ରତୁପର୍ଣ୍ଣା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଦଳିତ ବିକାଶ ମଞ୍ଚ ବୈଠକ

**ବାଲିକୁଦା, ୨।୧ (ସମିସ)**



ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ବାଲିପାଟଣା ସାପ୍ତାହିକ ହାଟ ପଡ଼ିଆରେ ନିଖିଳ ଓଡ଼ିଶା ଭୋଇ ସମାଜ ପରିଷଦ ପକ୍ଷରୁ ଜିଲ୍ଲା ଦଳିତ ବିକାଶ ମଞ୍ଚ ସଭାପତି ଶଙ୍କର ଦାସଙ୍କ ସଭାପତିତ୍ୱରେ ଏକ ଜନସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଜ୍ୟ ଭୋଇ ସମାଜର ସଭାପତି ଲକ୍ଷ୍ମୀଧର ଭୋଇ, ରାଜ୍ୟ ଉପସଭାପତି ରତ୍ନାକର କାଣ୍ଡି, ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାଷ ନାୟକ, ଆସିକ କୁମାର ଷଣ୍ଢ ଯୋଗ ଦେଇ ବାଲିକୁଦା ବ୍ଲକର ସମୁଦ୍ର କୂଳରେ ଥିବା ହଜାର ହଜାର ସଂଖ୍ୟାରେ ଭୂମି ହୀନ ଲୋକେ ନିଜର ଭୂମି ଖଣ୍ଡିଏ ନଥିବାରୁ ସରକାରୀ ଜମିରେ ଘର ଖଣ୍ଡିଏ କରି ବସବାସ କରୁଛନ୍ତି ।ଏଣୁ ରାଜ୍ୟ ସରକାର ଏହି ଭୂମିହୀନ ପରିବାର ମାନଙ୍କୁ ସ୍ଥାୟୀ ଭାବେ ବସୁନ୍ଧରା ଯୋଜନାରେ ସାମିଲ କରିବା ସହ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି ରାଜ୍ୟ ନିଖିଳ ଓଡ଼ିଶା ଭୋଇ ସମାଜ । ଯଦି ବାଲିକୁଦା ତହସିଲ ପକ୍ଷରୁ ଖୁବ ଶୀଘ୍ର ଏହାର ତଦନ୍ତ କରି ବସୁନ୍ଧରା ଯୋଜନାରେ ଆବେଦନ କରିଥିବା ଲୋକଙ୍କ ବାସ୍ତବ ସତ୍ୟ ତଦନ୍ତ କରି ଯୋଗାଇ ଦେବାକୁ ଦାବି କରିଛନ୍ତି ।

ଏଣୁ ଜମି ପଟ୍ଟା ଯୋଗାଇ ଦେବା ପ୍ରତିବାଦରେ ଆସନ୍ତା ଜାନୁୟାରୀ ୧୨ ତାରିଖରେ ବାଲିକୁଦା ଗାନ୍ଧୀ ଉଦ୍ୟୋଗ ମନ୍ଦିର ଠାରୁ ଏକ ବିରାଟ ପଦଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ।ଏଣୁ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଭୋଇ ସମାଜ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା ।ଆଜି ଉପକୂଳବର୍ତ୍ତୀ ଅଞ୍ଚଳର ବାଲିକୁଦା ତହସିଲ ଅଧୀନ ବନ୍ଦର ଗ୍ରାମରେ ବାଲିକୁଦା ତହସିଲ ପକ୍ଷରୁ ଆରଆଇ ତଦନ୍ତ କରିଥିବା ଜଣାପଡ଼ିଛି ।ଆଜିର ଏହି ଜନସଭାରେ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।

## ନାରୀନେତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ, ୨।୧(ସମିସ):** କୁଜଙ୍ଗ ବ୍ଲକ ଗଣ୍ଡିକପୁର ପଞ୍ଚାୟତର ପ୍ରମୁଖ ନାରୀନେତ୍ରୀ ତଥା ଧର୍ମପ୍ରାଣା ସୁଲୋଚନା ସାହୁଙ୍କ ଏକାଦଶାହରେ ପରିବାର ଓ ଅଞ୍ଚଳବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସୁଲୋଚନା ସାହୁ ଦୀର୍ଘବର୍ଷ ୱାର୍ଡସଭ୍ୟ ରହିବା ସହ ସମାଜସେବୀରେ ନିଜକୁ ବ୍ରତୀ କରାଇ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିଆସୁଥିଲେ । ୱାର୍ଡସଭ୍ୟ ରହି ଅଞ୍ଚଳର ମହିଳାଙ୍କ ବିକାଶ ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମୃଦ୍ଧି ନେଇ ବହୁ ପ୍ରେରଣାଦାୟୀ ପଦକ୍ଷପ ନେଇଥିଲେ ।



ତାଙ୍କ ପରଲୋକରେ ବହୁ ଜନପ୍ରତିନିଧି, ମୁରବିଙ୍କ ସହ ପୁତ୍ର ସୁଧାଂଶୁ ସାହୁ ଓ ବୋହୂ ସଂଯୁକ୍ତା ସାହୁଙ୍କ ସହ ବହୁ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

### ବିଶୋଧନାଗାର ସାଉଥ୍ ଗେଟ୍ ନିକଟରେ ଶ୍ରମିକଙ୍କ ଧାରଣା

# ଧାରଣାକୁ ଦୁଇଦିନ ବିତିଲା, କର୍ତ୍ତୃପକ୍ଷଙ୍କ ଦେଖାନାହିଁ

**ପାରାଦୀପ, ୨।୧ (ସମିସ)**

ଗତକାଲିଠାରୁ ପାରାଦୀପ ହଳଦିଆ ବରୁଣେଇ ପାଇପ ଲାଇନ ଡିଭିଜନର ଶ୍ରମିକ ମାନେ ବିଶୋଧନାଗାର ସାଉଥ ଗେଟ ନିକଟରେ ଧାରଣାରେ ବସିଛନ୍ତି । ଧାରଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଦର୍ଶନ ନାହିଁ । ଶ୍ରମିକଙ୍କ ସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଦୀର୍ଘ ୧୫ ବର୍ଷ ଧରି ଏହି ଶ୍ରମିକ ମାନେ ପାରାଦୀପ ହଳଦିଆ ବରୁଣେଇ ପାଇପ ଲାଇନ ଅଧୀନରେ କାର୍ଯ୍ୟ କରିଆସୁଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ କେବଳ ଦରମା ଛଡ଼ା ଆଉ କୌଣସି ସୁବିଧା ଦେଉ ନ ଥିବା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି ।ସେଥି ମଧ୍ୟରୁ ଏବେବି ଦୁଇ ମାସର ଦରମା କମ୍ପାନୀ ସେମାନଙ୍କୁ ଦେଇ ନଥିବା ଅଭିଯୋଗ କରିଛନ୍ତି ।୨୦୦୮ ମସିହାରୁ ନିଯୁକ୍ତି ପାଇ କୌଣସି ସୁବିଧା ସେମାନେ ପାଇ ନାହାନ୍ତି ।ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ୨୦୧୬ ମସିହା ସେଟେଲମେଣ୍ଟ ଅନୁସାରେ ଆଜି ପର୍ଯ୍ୟନ୍ତ ଅନ୍ୟାନ୍ୟ ଭତ୍ତା ବାବଦକୁ ଦିନ ପିଛା ୧୪୦ ଟଙ୍କା ପ୍ରଦାନ କରିବାକୁ ଚୁକ୍ତି ହୋଇଥିଲେ ମଧ୍ୟ ଦୁଇ ବର୍ଷ ଦେଇ ତାପରେ ବନ୍ଦ କରିଛନ୍ତି । ବାରମ୍ବାର ଅଭିଯୋଗ ପରେ କମ୍ପାନୀ କର୍ତ୍ତୃପକ୍ଷ କିଛି ଶୁଣୁ ନଥିବା ଓ ପରବର୍ତ୍ତୀ ସେଟେଲମେଣ୍ଟ କରୁନଥିବା ଅଭିଯୋଗ କରିଛନ୍ତି ଶ୍ରମିକ ମାନେ ।କ୍ୟାଣ୍ଟିନ୍ ଫାସିଲିଟି ନଥିବା, ବିଶ୍ରାମଗାର ନଥିବା, ଶ୍ରମିକ ମାନଙ୍କ ପିଲା ମାନଙ୍କୁ ଶିକ୍ଷା ନିମନ୍ତେ ଶିକ୍ଷା ଭତ୍ତା ପ୍ରଦାନ ଦାବି, ଘର ଭଡା ଭତ୍ତା ଆଦି ବିଭିନ୍ନ ଦାବି ନେଇ ବିଶୋଧନାଗାର ସାଉଥ ଗେଟ ପାଖରେ ଶତାଧିକ ଶ୍ରମିକ କଳା ପତାକା ଓ କଳା ପଟି ମୁଣ୍ଡରେ ବାନ୍ଧି ଧାରଣାରେ ବସିଛନ୍ତି ।ଏହା ଫଳରେ ପାଇପ ଲାଇନ ର ସମସ୍ତ କାର୍ଯ୍ୟ ବନ୍ଦ ହୋଇ ଯାଇଛି । ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଧାରଣାରେ ବସିଥିବା ଶ୍ରମିକ ମାନେ ସୂଚନା ଦେଇଛନ୍ତି ।



## ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନବବର୍ଷର ଶୁଭେଚ୍ଛା



**ବିଞ୍ଝାରପୁର, ୨।୧(ସମିସ)**

ବିଞ୍ଝାରପୁର ବ୍ଲକର ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ନବବର୍ଷ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଆଜି ପୂର୍ବାହ୍ନରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତି ରବିନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଏନପିଏସ ଶିକ୍ଷକ ସଂଘ ସଭାପତି କ୍ଷୀରୋଦ ମଳିକ, ନନ୍ କ୍ୟାଡର ଶିକ୍ଷକ ସଂଘ ସଭାପତି ଅଖିଳ ଧଳ ପ୍ରମୁଖ ବିଇଓ ଓ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ସମ୍ପାଦକ ଅକ୍ଷୟ କୁମାର ସାମଲ, ବୈଦ୍ୟନାଥ ପରିଡ଼ା, ସଂଗ୍ରାମ ସାମଲ, ରତନଲାଲ ଭୂୟାଁଙ୍କ ସମେତ ବହୁ ଶିକ୍ଷକ ନେତା ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା ।

## ବିଏସ୍‌କେୱାଇ ନବୀନ କାର୍ଡ ରେଜିଷ୍ଟ୍ରେସନ ପାଇଁ ପ୍ରସ୍ତୁତି ବୈଠକ

# ସମସ୍ତଙ୍କୁ ସଚେତନ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀଙ୍କ ନିର୍ଦ୍ଦେଶ

ଜଗତସିଂହପୁର,୨।୧ (ସମିସ): ସମୟ ଉପଯୋଗୀ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟ ରେ ସରକାରୀ ଓ ବେସରକାରୀ ହସ୍ପିଟାଲ ମାନଙ୍କରେ ଉପଲବ୍ଧ ସୁବିଧାର ସର୍ବାଧିକ ଉପଯୋଗ କରିବା ପାଇଁ ବି ଏସ୍ କେ ୱାଇ ପରିସରକୁ ସମ୍ପ୍ରସାରିତ କରାଯାଉଛି । ଏଥିରେ ରେଜିଷ୍ଟ୍ରେସନ୍ ପାଇଁ ନିର୍ଦ୍ଦିଷ୍ଟ ପୋର୍ଟାଲ ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ।ଏହି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ଆଜି ଜିଲ୍ଲା ପରିଷଦ ର ମୁଖ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଙ୍କ ଅଧ୍ୟକ୍ଷତାରେ, ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜେଠୀ ସମସ୍ତ ବ୍ଲକ୍‌ର ବିଡିଓ ମାନଙ୍କୁ ଏଥିପ୍ରତି ଧ୍ୟାନ ଦେଇ ପ୍ରତ୍ୟେକ ବ୍ୟକ୍ତି ପାଖରେ ଏହି ସୂଚନା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ । ଆଗାମୀ ୬ ତାରିଖ ଠାରୁ କାର୍ଡ ପାଇଁ ରେଜିଷ୍ଟ୍ରେସନ୍ ଆରମ୍ଭ ହେଉଥିବାରୁ , ୧ ରୁ ୬ ତାରିଖ ପର୍ଯ୍ୟନ୍ତ ସଚେତନତା ଜାରି ରଖି ସମସ୍ତ ହିତାଧିକାରୀ ମାନଙ୍କୁ ଏହି ସୁବିଧା ରେ ଅନ୍ତର୍ଭୁକ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସଚେତନ କରି ପିଲା ମାନଙ୍କ ମାଧ୍ୟମରେ ପିତା ମାତା ଙ୍କ ପାଖରେ ସୂଚନା ପହଞ୍ଚାଇବା , ଅଙ୍ଗନବାଡି କର୍ମୀ ତଥା ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ମଧ୍ୟ ଏହି ସଚେତନତା ଅଭିଯାନରେ ସାମିଲ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀ ଜେଠୀ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କ୍ଷେତ୍ରବାସୀ ଦାଶ ବି ଏସ୍ କେ ୱାଇ ନବୀନ କାର୍ଡ ର ବିସ୍ତୃତ ବିବରଣୀ ଦେଇଥିଲେ । ଏହା ଅନୁଯାୟୀ, ପୂର୍ବରୁ ବି ଏସ୍ କେ ୱାଇ କାର୍ଡ ପାଇଥିବା ଏବଂ ରେସନ୍ କାର୍ଡ ଅନ୍ତର୍ଭୁକ୍ତ ପରିବାରଙ୍କ ନିମନ୍ତେ କାର୍ଡ ପାଇବାର ଯୋଗ୍ୟତା ବା ଅର୍ଥ ରାଶି ରେ କୌଣସି ପରିବର୍ତ୍ତନ ହେବନାହିଁ । ତେଣୁ ସେମାନେ ପୁନରାୟ ଏଥିପାଇଁ ଆବେଦନ କରିବାର ଆବଶ୍ୟକତା ନାହିଁ । ସେହିପରି ଜାତୀୟ ଖାଦ୍ୟ ନିରାପତ୍ତା ବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ରେ ନୂଆ ଭାବେ ଅନ୍ତର୍ଭୁକ୍ତ ହେଉଥିବା ହିତାଧିକାରୀ ମାନେ ଏଥିରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ । ଏହି ବି ଏସ୍ କେ ୱାଇ ନବୀନ କାର୍ଡ ପାଇଁ ସବୁ ଗ୍ରାମୀଣ ପରିବାର (ନିୟମିତ ସରକାରୀ କର୍ମଚାରୀ, ପେନସନଧାରୀ ଏବଂ ଆୟକର ଦାତା ଙ୍କ ବ୍ୟତୀତ) ଯୋଗ୍ୟ ବିବେଚିତ ହେବେ ।କାର୍ଡ ଅନ୍ତର୍ଭୁକ୍ତ ହିତାଧିକାରୀ ମାନେ ତାଲିକା ଭୁକ୍ତ ଘରୋଇ ହସ୍ପିଟାଲରେ ହୃଦ୍ ରୋଗ, କିଡ଼ନୀ ରୋଗ, ବ୍ରେନ ଷ୍ଟ୍ରୋକ,ଗଭୀର ମସ୍ତିଷ୍କ କ୍ଷତ,ବ୍ରେନ ଟ୍ୟୁମର ଆଦି ରୋଗ ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରର ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବେ । ବି ଏସ୍ କେ ୱାଇ ନବୀନ କାର୍ଡ ରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଏବଂ ମହିଳା ସଦସ୍ୟ ମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟ ମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି । ଏହି ସୁବିଧା ୨୦୨୪ ମେ ମାସ ୧ ତାରିଖ ଠାରୁ ଉପଲବ୍ଧ ହେବ । ଆବେଦନ କରିବା ପାଇଁ ପରିବାର ର ମୁଖ୍ୟ ଙ୍କ ନାମ ରେ ପଞ୍ଜୀକରଣ କରିବା ଆବଶ୍ୟକ । ୧୮ ବର୍ଷ ରୁ ଊର୍ଦ୍ଧ୍ୱ, ଭୋଟର କାର୍ଡ ଥିବା ବ୍ୟକ୍ତି ପରିବାର ପକ୍ଷରୁ ନିଜର ସକ୍ରିୟ ମୋବାଇଲ ନମ୍ବର ଏବଂ ଆଧାର କାର୍ଡ ସହ ଆବେଦନ କରିପାରିବେ ।ଦରଖାସ୍ତକାରୀଙ୍କ ପାଇଁ ଆଧାର ଭିତ୍ତିକ ଇ-କେ ୱାଇ ସି ବାଧ୍ୟତାମୂଳକ । ୫ ବର୍ଷ ରୁ କମ୍ ପିଲା ଙ୍କ ସହିତ ସମସ୍ତ ଙ୍କର ଆଧାର କାର୍ଡ ଆବଶ୍ୟକ ଏବଂ ୫ ବର୍ଷ ରୁ କମ୍ ପିଲାମାନଙ୍କର ଆଧାର କାର୍ଡ ନଥିଲେ ୩୦.୦୬.୨୦୨୪ ରିଖ ସୁଦ୍ଧା ଆଧାର ନମ୍ବର ଦାଖଲ ନିମନ୍ତେ ପ୍ରତିଜ୍ଞା ପତ୍ର ଦିଆଯିବା ଆବଶ୍ୟକ । ଜଗତସିଂହପୁର ଜିଲ୍ଲା ର ସମସ୍ତ ହିତାଧିକାରୀ ମାନଙ୍କୁ ଏହି ବି ଏସ୍ କେ ୱାଇ ନବୀନ କାର୍ଡ ର ସୁବିଧା ନେବା ପାଇଁ ଜିଲ୍ଲାପାଳ ପାରୁଲ ପଟାୱରୀ ସୂଚନା ଦେଇଛନ୍ତି । ଅନଲାଇନ ମାଧ୍ୟମରେ ଦରଖାସ୍ତକାରୀମାନେ ମଧ୍ୟ ନିକଟବର୍ତ୍ତୀ ମୋ ସେବା କେନ୍ଦ୍ର ରେ ବିନା ଦେୟ ରେ ପଞ୍ଜୀକରଣ କରିପାରିବେ । ଏହି ବୈଠକରେ ସମସ୍ତ ବିଡିଓ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତି କରିଥିଲେ । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ହିତାଧିକାରୀ ମାନଙ୍କୁ ଏହି କାର୍ଡ ପାଇଁ ଯଥା ଶୀଘ୍ର ଆବେଦନ କରିବାକୁ ସୂଚନା ଦିଆଯାଉଛି ।

## କେନ୍ଦ୍ରାପଡ଼ା ଡିଏସ୍‌ଏସ୍‌ଓ ପ୍ରଭାସ ଦାସଙ୍କୁ କର୍ମବୀର ସମ୍ମାନ



କେନ୍ଦ୍ରାପଡ଼ା,୨/୧(ସମିସ): ଉତ୍ସର୍ଗିକୃତ କର୍ତ୍ତବ୍ୟ ଓ ସେବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ମିଳିଛି "କର୍ମବୀର ସମ୍ମାନ ।' ଯାଜପୁର ଜିଲ୍ଲା "ଚାଳଘର ସାହିତ୍ୟ ସଂସଦ' ପକ୍ଷରୁ ଆୟୋଜିତ ଚତୁର୍ଥ ବାର୍ଷିକ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ତାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କୁ ଉତ୍ତରୀୟ, ମାନପତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ ।

ଏହି ସମ୍ମାନ ଗ୍ରହଣ ସମୟରେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନୀତ ଅତିଥି ଡକ୍ଟର କୁମରବର ଦାସ, ଡକ୍ଟର ଭାଗବତ ଶୁକ୍ଳ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ତାଙ୍କର ନିଷ୍ଠାପର ଉଦ୍ୟମ ଯୋଗୁଁ ୨୦୨୩ ବର୍ଷ ପାଇଁ ଭିନ୍ନକ୍ଷମ ସଶକ୍ତିକରଣ ବର୍ଗରେ ଶ୍ରେଷ୍ଠ ଜିଲ୍ଲାର ସମ୍ମାନ ପାଇଥିଲା କେନ୍ଦ୍ରାପଡ଼ା । କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଭବ୍ୟ ସମାରୋହରେ ସେ ବିଭାଗୀୟ ସଚିବ, ମନ୍ତ୍ରୀ, ନିର୍ଦ୍ଦେଶିକାଙ୍କ ଉପସ୍ଥିତିରେ ମାନପତ୍ର, ଉପଢୌକନ ଓ ୫୦ ହଜାର ଟଙ୍କାର ଚେକ୍ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରିଥିଲେ । ପୁରୁଣା ମେଡିକାଲ ପରିସରରେ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପ୍ରତିଷ୍ଠା, କେନ୍ଦ୍ରାପଡ଼ା ବ୍ଲକ୍‌ର ଚକ୍ରୋଡ଼ା ଗ୍ରାମପଞ୍ଚାୟତର ଗୋବର୍ଦ୍ଧନ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ୧୦୦ ସଂଖ୍ୟା ବିଶିଷ୍ଟ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସେ ବହୁ ଉଦ୍ୟମ କରିଛନ୍ତି । ଭିନ୍ନକ୍ଷମ କଲ୍ୟାଣ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ ତାଙ୍କୁ ଏହି ସମ୍ମାନ ମିଳିଛି ।

## ଗହୀରମଥା ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୦ ଗିରଫ




ରାଜନଗର/ମହାକାଳପଡ଼ା,୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଷିଦ୍ଧାଞ୍ଚଳରୁ ଏକ ମାଛଧରା ଟ୍ରଲର ଜବତ ହେବା ସହିତ ୧୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି ବନବିଭାଗ ।ଗହୀରମଥା ଶାସନିପେଟା ବନାଞ୍ଚଳ ଅନ୍ତର୍ଗତ ଅଗରନାସି ବିଟର ଫରେଷ୍ଟ ଗାର୍ଡ ମଦନ ମୋହନ ହାଁସଦା ମଙ୍ଗଳବାର ଦିନ ସେମାନଙ୍କୁ ଗିରଫ କରିଛନ୍ତି ।ଗିରଫ ମତ୍ସ୍ୟଜୀବୀ ହେଲେ ଅଶ୍ୱିନୀ ମାଇତି, ଦିଲୀପ ଦାସ,ଉତ୍ତମ ମଣ୍ଡଳ, ଗୋକୁଳ ଜାନା,ସୁଶାନ୍ତ ମଲିକ,ମୁରଲୀ ମଲିକ, ଭାସ୍କର ପରିଡା,ଗୋପାଳ ସୋରେନ,ଶେଖ ଶୋବନି,ଗୋବିନ୍ଦ ମଣ୍ଡଳ । ସେମାନଙ୍କ ନିକଟରୁ ୪୫ କୁଇଣ୍ଟାଲ ମାଛ, ୩ଟି ଭି ଏଚ ଏଫ, ଏକ ଜିପିଏସ ସମେତ ମାଛ ଧରା ଜାଲ ସହିତ ଓଁ ବାବା -୨ ନାମକ ଟ୍ରଲର ଜବତ କରାଯାଇଥିବା ଗହୀରମଥା ରେଞ୍ଜର ପ୍ରଦୋଷ କୁମାର ମହାପାତ୍ରଙ୍କ ଠାରୁ ପ୍ରକାଶ ।

## ଡେରାବିଶର ଯୁବକଙ୍କ ହାଇଦ୍ରାବାଦରେ ମୃତ୍ୟୁ



ପଞ୍ଚୁପାଣ୍ଡବ, ୨।୧ (ସମିସ):ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମର ଯୁବକ ଚିତ୍ତରଞ୍ଜନ ମଲିକ (୨୭)ଙ୍କ ହାଇଦ୍ରାବାଦରେ ପରଲୋକ ହୋଇଯାଇଛି । ସେ କିଛି ବର୍ଷ ହେଲା ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ ଚାକିରୀ କରିଥିଲେ । ଦୁଇତିନିଦିନ ତଳେ ତାଙ୍କର ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ସେଠାକାର ଏକ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା । ପାଖରେ ଥିବା ତାଙ୍କର ଭଉଣୀ ଭିଣୋଇ ଖବର ପାଇ ଯୁବକଙ୍କ ମୃତ ଶରୀରକୁ ଗ୍ରାମକୁ ଆଣିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପାଞ୍ଚପ୍ରାଣୀ କୁଟୁମ୍ବ ପୋଶୁଥିବା ରୋଜଗାରିଆ ପୁଅର ମୃତ୍ୟୁ ଘଟଣାରେ ପରିବାର ବର୍ଗ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଡେରାବିଶ, ୨।୧ (ସମିସ):ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରମିକ ନେତା ଅଶୋକ ତ୍ରିପାଠୀ ଯୋଗଦେଇ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ସମାଧାନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ । ବିଶେଷ କରି ଶ୍ରମିକମାନଙ୍କ ଝିଅ ବିଭାଘର, ପିଲା ପାଠପଢ଼ା, ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା, ଗୃହ ନିର୍ମାଣ, ପେନସନ୍, ମହିଳା ଶ୍ରମିକଙ୍କ ପରିଚୟପତ୍ର ପ୍ରଦାନ ନିମନ୍ତେ ଦୃଢ଼ ଦାବି କରାଯିବ ବୋଲି କହିଥିଲେ । ଏହି ଦାବି ଗୁଡ଼ିକ ପୁରଣ ପାଇଁ ଗଣତାନ୍ତ୍ରିକ ଓ ଅହିଂସା ମାର୍ଗରେ ଆନ୍ଦୋଳନ କରାଯିବା ପାଇଁ ଶ୍ରମିକମାନଙ୍କୁ ପ୍ରସ୍ତୁତ ହେବା ପାଇଁ ପରାମର୍ଶ ଦେଇଥିଲେ । ନିଜର ହକ୍ ଦାବି ପାଇଁ ପ୍ରାଣବଳି ଦେବାଯାଏବି ଶ୍ରମିକମାନେ ପଛାଇବେ ନାହିଁ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଥିଲେ । ଶ୍ରୀ ତ୍ରିପାଠୀଙ୍କ ଏହି ବକ୍ତବ୍ୟକୁ ସମର୍ଥନ କରି ନିତ୍ୟାନନ୍ଦ ସାମଲ, ଅକ୍ଷୟ ଲେଙ୍କା, କାର୍ତ୍ତିକ ଲେଙ୍କା, ଉଷାରାଣୀ ସ୍ୱାଇଁ, ପ୍ରଦୀପ୍ତ ସାମଲ, ବାହାଲି ଟୁଡୁ, ଗୁରୁଚରଣ ପାତ୍ର, ବିଷ୍ଣୁ ବାରିକ, ତପନ ମଲ୍ଲ, କାର୍ତ୍ତିକ ବେହେରା, ଦ୍ୱିତୀରଞ୍ଜନ ପଣ୍ଡା, ଅଧୀର ସ୍ୱାଇଁ, ବିଶ୍ୱମ୍ଭର ଗିରି, ଜଗଦୀଶ କଟାଳ, ନିରଞ୍ଜନ ମୁଦୁଲି ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଚଳିତ ମାସ ୩ ତାରିଖରେ ସଂଘ ତରଫରୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କ




ସହିତ ଆଲୋଚନା କରି ସମସ୍ତ ସମସ୍ୟା ସମାଧାନ କରାଯିବାକୁ ଚେଷ୍ଟା କରାଯିବ ଓ ଏଥିରେ ସଫଳ ନହେଲେ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ଶେଷରେ କାର୍ତ୍ତିକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ୍ତନ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



ମାର୍ଶାଘାଇ,୨।୧(ସମିସ):କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ପେଣ୍ଠ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ମୁରଲୀଧର ଦାସଙ୍କ ସଭାପତିତ୍ୱ କରିଥିଲେ । ଜନଶକ୍ତି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣା, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ପଣ୍ଡିତ୍ ପ୍ରତାପ ପତି, ବ୍ଲକ ଓଷ୍ଟା ସମ୍ପାଦକ ଭଗବାନ ସାହୁ, ଜେନିଥ୍ ଇଣ୍ଟରନେସନାଲ ଚେୟାରମ୍ୟାନ ଇଂ ଚିତ୍ତରଞ୍ଜନ ରଥ, ଜିଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ୍,ଆଇନ୍‌ଜୀବୀ ସରୋଜ କୁମାର ଜେନା, ସୁବୋଧ ରାଜଗୁରୁ, ଜିଲା କଂଗ୍ରେସ ମୁଖପାତ୍ର ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ଇଂ ଅଜୟ କୁମାର ବେହେରା, ଅଧ୍ୟାପକ ସୁକାନ୍ତ ପ୍ରଧାନ,ଧିରେନ୍ ଚୌଧୁରୀ,ଜିଲା ଓଷ୍ଟା ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ପରିଡ଼ା, ପୂର୍ବତନ ସରପଞ୍ଚ ବିମଳେନ୍ଦୁ ପ୍ରକାଶ ସ୍ୱାଇଁ, ତାଙ୍କର ସ୍ମୃତି ଚାରଣ କରି ଶିକ୍ଷା ଜଗତ ପ୍ରତିମୁରଲୀଧର ବାବୁଙ୍କ ମନ ଓ ହୃଦୟ ସମର୍ପିତଥିଲା । ଜଣେ ଆଦର୍ଶ ଶିକ୍ଷକ ଭାବେ ଅଗଣିତ ଛାତ୍ରଛାତ୍ରୀଙ୍କ ହୃଦୟରେ ଭରିଦେଇଥିଲେ ଜୀଇଁବାର ମହାମନ୍ତ୍ର । ଦିବଙ୍ଗତ ପ୍ରାକ୍ତନ ଶିକ୍ଷକ ରମେଶ ଚନ୍ଦ୍ର ଥିଲେ ଛାତ୍ରବତ୍ସଳକ ସ୍ନେହୀ, ଅନୁଷ୍ଠାନ ପ୍ରେମୀ ସର୍ବାଦୃତ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବେ ପରିଚିତଥିଲେ ବୋଲି ବିଶିଷ୍ଟ ବ୍ୟକ୍ତି ମାନେ ମତବ୍ୟକ୍ତ କରିଥିଲେ । ଶୁଭେନ୍ଦୁ ପ୍ରସାଦ ଚୌଧୁରୀ ପ୍ରଦୀପ କୁମାର ସ୍ୱାଇଁ ,ମନୋରଞ୍ଜନ ବସନ୍ତିଆ, ଜିଲା କୁମ୍ଭକାର ସଂଘ ସମ୍ପାଦକ ବିଚିତ୍ରାନନ୍ଦ ବେହେରାଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ନାୟକ,ଶୁଭେନ୍ଦୁ ପ୍ରକାଶ ଦାସ, ନାମବ୍ରହ୍ମ,କର ସୂର୍ଯ୍ୟକାନ୍ତ ଦାଶ, କମଳଲୋଚନ ସାମଲ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥି ଲେ । ଶେଷରେ ସାମ୍ବାଦିକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୂତଳଜଳ ଉନ୍ନୟନ ନିର୍ଦ୍ଦେଶାଳୟର ପୂର୍ବତନ କର୍ମଚାରୀଙ୍କ ପରଲୋକ

ମାର୍ଶାଘାଇ,୨।୧(ସମିସ): ମାର୍ଶାଘାଇ ବଜାର ନିକଟ କୁମ୍ଭାରସାହିର ନିବାସୀ ନମିତା କୁମାରୀ ଦେଇଙ୍କର ମଙ୍ଗଳବାର ସକାଳେ ପରଲୋକ ଘଟିଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ମୃତକ ନମିତା କୁମାରୀ ଦେଇ ଭୁବନେଶ୍ୱରସ୍ଥିତ ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟକରି ୨୦୨୨ ମଇ ମାସରେ ଅବସର ନେଇଥିଲେ । ମାର୍ଶାଘାଇ ଗ୍ରାମ ସର୍ବେଶ୍ୱର ମହାଦେବ ମନ୍ଦିର ନିକଟ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତୁରା ଦିବ୍ୟ ରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ । ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା,ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷା ସ୍ନେହଲତା ବେହେରା, ଲଳିତ ମୋହନ ସାହୁ, ଗୋଲକ ବେହେରା, ବିଶ୍ୱଜିତ ବେହେରା ପ୍ରମୁଖ ଶେଷ ଦର୍ଶନ କରି ଶୋକବ୍ୟକ୍ତ କରିଥିଲେ ।

## କେନ୍ଦ୍ରାପଡ଼ା ଦିବ୍ୟ ଜୀବନ ସଙ୍ଘ ଉପାଧ୍ୟକ୍ଷଙ୍କ ବିଶ୍ୱ ସଂସ୍କୃତ ସମ୍ମେଳନରେ ଯୋଗଦାନ



କେନ୍ଦ୍ରାପଡ଼ା,୨।୧(ସମିସ): କେନ୍ଦ୍ରାପଡା ଦିବ୍ୟ ଜୀବନ ସଙ୍ଘ ଉପାଧ୍ୟକ୍ଷ, ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡକ୍ଟର କାଳୀପ୍ରସନ୍ନ ଶତପଥୀ ଆସାମର ମଙ୍ଗଳଦୈଠାରେ ଅନୁଷ୍ଠିତ ବିଶ୍ୱ ସଂସ୍କୃତ ସମ୍ମେଳନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । "ବିଶ୍ୱ ହିତାୟ ସଂସ୍କୃତମ୍" ଆଧାରରେ ଅନୁଷ୍ଠିତ ଲୋକଭାଷା ପ୍ରଚାର ସମିତି ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସମ୍ମେଳନରେ ଦେଶ ତଥା ବିଦେଶରୁ ୫ଶହରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ । ଡଃ. ଶତପଥୀ "ମହାଭାରତରେ ଶ୍ରୀଖଣ୍ଡୀ' ଚରିତ୍ରରେ ବିଜ୍ଞାନ ସମ୍ପର୍କିତ ସନ୍ଦର୍ଭ ଉପସ୍ଥାପନା କରିବା ସହ ଏକ ଆଲୋଚନାଚକ୍ରରେ ମଧ୍ୟ ସମୀକ୍ଷକ ଭାବେ ଯୋଗଦେଇଥିଲେ । ଏହାବ୍ୟତୀତ ସଂସ୍କୃତ କବି ସମ୍ମିଳନୀରେ ଦେଶ ।।ମ୍ବୋଧକ ସଂସ୍କୃତ କବିତା ପାଠ କରି ସେ ବିଶ୍ୱ ପ୍ରାର୍ଥନା ଦିବସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସମ୍ମେଳନରେ ଓଡିଶାରୁ ଡଃ. ବିପିନ ବିହାରୀ ଶତପଥୀ, ନେପାଳରୁ ଡଃ. ବିପିନ ନ୍ୟୈପାନେ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ. ସଦାନନ୍ଦ ଦୀକ୍ଷିତ, ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତୀ ଗୋସ୍ୱାମୀ, ପୋଲାଣ୍ଡର ଡଃ. ଫିଲିପ, ଇଂଲଣ୍ଡର ଡଃ. ଲୁସି ଗେଷ୍ଟଙ୍କ ସମେତ ଦେଶ ଓ ବିଦେଶର ଅନେକ ବିଦ୍ୱାନ ଯୋଗଦେଇଥିଲେ ।

## ବିଶିଷ୍ଟ ସଙ୍ଗୀତଜ୍ଞ ଓ ମୃଦଙ୍ଗ ବାଦକ ବିପିନ ବିହାରୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨।୧(ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସହରପୁର ଗ୍ରାମନିବାସୀ ସ୍ୱର୍ଗତ ବିପିନ ବିହାରୀ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପରିସରରେ ବରିଷ୍ଠ ଆଡଭୋକେଟ୍ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବରିଷ୍ଠ ବିଜେପି ଗୋଛାୟତ, ଶଶାଙ୍କ ସେଠୀ, ସରୋଜ ନାୟକ, ସୁକାନ୍ତ ଦ୍ୱିବେଦୀ, ସତ୍ୟରଞ୍ଜନ ସାମଲ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡା, ଆଇନଜୀବୀ ନୃସିଂହ ରାଉତ, ନେହେରୁ ସାହୁ, ଶ୍ରୀଧର ଭୋଳ, ଦୁର୍ଯ୍ୟୋଧନ ସାହୁ, ଅଭୟ ନାୟକ, ବାବୁଲି ମହାରଣା, ଆଇନ କଲେଜ ଅଧ୍ୟକ୍ଷ ରବୀନ୍ଦ୍ର ବଳ, ପତଞ୍ଜଳି ଯୋଗ ସମିତି ସଭାପତି ବିଭୁପ୍ରସାଦ ଦାସ ଓ ବିଶିଷ୍ଟ ପ୍ରବଚକ ଜଗଦିଶ ପ୍ରମୁଖ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରି ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ଭାଇ ଉପିନ ରାଉତ, କୈଳାସ ରାଉତ, ନୃସିଂହ ରାଉତ, ପୁତ୍ର ରଞ୍ଜନ ରାଉତ, ରାକେଶ ରାଉତ ଓ ପରିବାରବର୍ଗଙ୍କୁ ଶାନ୍ତ୍ୱନା ପ୍ରଦାନ କରିଥିଲେ । ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ସମ୍ପାଦକ ସରୋଜ କର ଓ ପୂର୍ବତନ ମନ୍ତ୍ରୀ



ନେତା ହରିଶ ଚନ୍ଦ୍ର ଜେନା, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ସୁନାକାର ବେହେରା, ବିଷ୍ଣୁ ଦାସ, ତେଜେଶ୍ୱର ପରିଡା, ଇଂ ଜ୍ଞାନଦେବ ବେଉରା, ଗଗନ ସାହୁ, କନିକା ରାଣୀ ଦୁର୍ଗା ଦେବୀ, ଅଭିମନ୍ୟୁ ଗଣେଶ୍ୱର ବେହେରା, ସମାଜସେବୀ ନିରଞ୍ଜନ ନାୟକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହରପୁରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲା କଳିଙ୍ଗ ଆବାସିକ ବିଦ୍ୟାଳୟ

ଡେରାବିଶ, ୨।୧ (ସମିସ) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ବଦନୀଦେବୀ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ କଳିଙ୍ଗ ଆବାସିକ ବିଦ୍ୟାଳୟ ତରଫରୁ ଅଞ୍ଚଳର ଅସହାୟ ଗରିବ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି । ଗତକାଲି ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ବସପୁର, ମୁକୁନ୍ଦପୁର, ଦାନପୁର, ଚାନ୍ଦୋଳ ଏବଂ କଟକ ଜିଲ୍ଲା କେରିଲୋ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଶୀତବସ୍ତ୍ର, ପିନ୍ଧା ବସ୍ତ୍ର, ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ଗୋମାତା ସେବା, ପ୍ରାକୃତିକ ବିପର୍ଯ୍ୟୟରେ ବିପନ୍ନଙ୍କୁ ସହାୟତା ଭଳି କାର୍ଯ୍ୟ କରି ଅଞ୍ଚଳରେ ଜଣେ ସମାଜସେବୀ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି ।



## ଦାମୋଦର ରାଉତଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ପାରାଦୀପରେ ଖୁସିର ମାହୋଲ



ପାରାଦୀପ, ୨।୧ (ସମିସ): ପୂର୍ବତନ ମନ୍ତ୍ରୀ, ବର୍ଷିଆନ ରାଜନେତା ଡ଼ ଦାମୋଦର ରାଉତଙ୍କ ଉପରୁ ନୂଆବର୍ଷର ଭେଟି ପ୍ରଦାନ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ବିଜୁ ଜନତାଦଳ ତରଫରୁ ଡ଼ ରାଉତଙ୍କ ଉପରେ କରାଯାଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନିଆଯାଇଛି । ଏହି ଖବର ପ୍ରଚାରିତ ହେବାପରେ ଦଳୀୟ କର୍ମୀ, ଶୁଭେଚ୍ଛୁ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ପାରାଦ୍ୱୀପ ବିଜୁ ମେମୋରିଆଲ ଟ୍ରଷ୍ଟରେ ସମସ୍ତ ଦଳୀୟ କର୍ମୀମାନେ ଏକଜୁଟ ହୋଇ ପରସ୍ପର ମଧ୍ୟରେ ମିଠା ଖୁଆଇ ବାଣ ଫୁଟାଇ ଖୁସି ମନାଇଛନ୍ତି । ଡ଼ ରାଉତ ଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାରକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସହିତ ମୋ ଓଡିଶା ନବୀନ ଓଡିଶା ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପକୁ ବିଜୁ ଜନତାଦଳ ଜଗତସିଂହପୁରର ଉପସଭାପତି କୁମର ବର ନାୟକ, ଜିଲ୍ଲା ଯୁବ ଉପସଭାପତି ମାନସ ରଞ୍ଜନ ବିଶ୍ୱାଳ, ଜିଲ୍ଲା ଯୁବ ସମ୍ପାଦକ ଚିତ୍ତ ରଞ୍ଜନ ମଲ୍ଲିକ, ପାରାଦ୍ୱୀପ ବିଧାୟକଙ୍କ ପ୍ରତିନିଧି ରଶ୍ମି ରଞ୍ଜନ ପରିଡା, ପୂର୍ବତନ ପାରିଷଦ ଚିତ୍ତରଞ୍ଜନ ରାଉତରାୟ ଙ୍କ ସହିତ ବିଜୁ ଛାତ୍ର ଜନତାଦଳର ସଭାପତି ଯୁଧିଷ୍ଠିର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଡ଼ ରାଉତଙ୍କ ନିଲମ୍ବନ ପ୍ରତ୍ୟାହାରକୁ ନେଇ ଦଳୀୟ କର୍ମୀ ମାନେ ବେଶ ଉତ୍ସାହିତ ରହିବା ସହିତ ଆଗାମୀ ଦିନରେ ପାରାଦ୍ୱୀପରେ ବିଜେଡି ର ଶକ୍ତି ବୃଦ୍ଧି ପାଇବା ନେଇ କହିଥିଲେ ବିଧାୟକଙ୍କ ପ୍ରତିନିଧି ରଶ୍ମିରଂଜନ ପରିଡା ।

## କ୍ୟାରିୟର୍ ପାଇଁ ମେଣ୍ଟର୍‌ଙ୍କ ଭୂମିକା


**ସମ୍ପ୍ରତି ଯୁବପିଢ଼ିଙ୍କ ପାଖେ କ୍ୟାରିୟରର ଏତେ ବିକଳ୍ପ ରହୁଛି ଯେ , କେଉଁଥିରେ କ୍ୟାରିୟର କଲେ ଭଲ ହେବ, ସେନେଇ ଦ୍ୱନ୍ଦ୍ୱରେ ରହିଥାନ୍ତି । ତେଣୁ ବିଦ୍ୟାର୍ଥୀ ହୁଅନ୍ତୁ ବା ଚାକିରି କରୁଥିବା ଯୁବକଯୁବତୀ କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଜଣେ ଅଭିଜ୍ଞ ବ୍ୟକ୍ତି ତଥା ମେଣ୍ଟରଙ୍କ ପରାମର୍ଶ ନିହାତି ଆବଶ୍ୟକ ହୋଇଥାଏ । ସୁଦକ୍ଷ ମେଣ୍ଟର ହିଁ ସମସ୍ତ ଦ୍ୱନ୍ଦ୍ୱକୁ ଦୂର କରିଥାନ୍ତି । ଏକ ଅଧ୍ୟୟନ ମୁତାବକ, ଯେଉଁମାନେ ମେଣ୍ଟରଙ୍କ ଅଧୀନରେ କାର୍ଯ୍ୟ କରନ୍ତି, ସେମାନେ ଅନ୍ୟମାନଙ୍କ ଠାରୁ ପାଞ୍ଚ ଗୁଣ ଅଧିକ ଦକ୍ଷ ହୋଇଥାନ୍ତି । ତେଣୁ ମେଣ୍ଟରଙ୍କ ପରାମର୍ଶରେ କ୍ୟାରିୟର ଗଢ଼ୁଥିଲେ କିଛି ବିଶେଷ ଦିଗପ୍ରତି ଧ୍ୟାନ ଦିଅନ୍ତୁ ।**



କ୍ୟାରିୟର କିମ୍ବା ବ୍ୟକ୍ତିତ୍ୱ ବିକାଶ ପାଇଁ, ନିଜେ ମେଣ୍ଟର ଚୟନ କରିପାରିବେ । ଏହାଦ୍ୱାରା ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନରେ ଜଣେ ବ୍ୟକ୍ତି ସମନ୍ୱୟ ରଖିପାରନ୍ତି । ମେଣ୍ଟରଙ୍କ ପରାମର୍ଶ ନେବା ଦ୍ୱାରା ଅନ୍ୟମାନଙ୍କ ତୁଳନାରେ ଜଣେ ବ୍ୟକ୍ତି ପ୍ରଦର୍ଶନରେ ଆଗରେ ରୁହନ୍ତି । ଲକ୍ଷ୍ୟ ହାସଲ କରିବାରେ ସମସ୍ୟା ହୁଏନି । ଶିକ୍ଷକ, ଟ୍ୟୁସନ୍ ଶିକ୍ଷକ, ବଡ଼ ଭାଇ – ଭଉଣୀ କିମ୍ବା ଘରର ଗୁରୁଜନଙ୍କୁ ମେଣ୍ଟର ବନାଇପାରିବେ ।

ଏହାଛଡ଼ା ଯେଉଁମାନେ ଶିକ୍ଷା କିମ୍ବା ଶିଳ୍ପ କ୍ଷେତ୍ରରେ ବେଶ୍ ଦକ୍ଷ, ସେହିପରି ବ୍ୟକ୍ତିଙ୍କୁ ନିଜର ମେଣ୍ଟର ବନାଇବା ନିହାତି ଆବଶ୍ୟକ । କାରଣ ଅଭିଜ୍ଞ ବ୍ୟକ୍ତି ଯେଉଁ କ୍ଷେତ୍ରରେ କ୍ୟାରିୟର କରି ସଫଳତା ପାଇଥିବେ ସେ ବିଷୟରେ ତାଙ୍କ ଜ୍ଞାନ ସେତେ ଅଧିକ ରହିଥାଏ । ତେଣୁ ସେ ବିଷୟରେ ଆପଣଙ୍କୁ ଭଲ ଜ୍ଞାନ ଦେଇପାରିବେ । ଜଣେ ମେଣ୍ଟର ଭଲ ଶିକ୍ଷକ, ପରାମର୍ଶଦାତା ବନିପାରନ୍ତି । ମେଣ୍ଟରଙ୍କୁ ନିଜ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଜଣାନ୍ତୁ । କେବଳ ସେତିକି ନୁହେଁ, ଏଲିଭେଟର ପିଚ୍‌ରେ ନିଜସ୍ୱ ବିଷୟରେ ୩୦ରୁ ୪୦ ସେକେଣ୍ଡର ଏକ ପରିଚୟ ଥାଏ । ଏଥିରେ ନିଜର ଲକ୍ଷ୍ୟ, ଭବିଷ୍ୟତ ଏବଂ ଚିନ୍ତାଧାରାକୁ ସେୟାର କରନ୍ତୁ । ଏହାଦ୍ୱାରା କ୍ୟାରିୟରରେ ସଫଳତା ପାଇବାକୁ ସହାୟକ ହୁଏ ।

## କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**

8. probability of an event (A), given that another (B) has already happened
10. a probability distribution of a statistic obtained through a large number of samples
11. a thing that happens
12. a predicted value of a variable
13. a numerical forming one of a set that defines a system
14. can only take a countable number of values

**Down**

1. event A does not affect event B
2. when independant that, in most situations, when independant random variables are added
3. mathematical representation of a random phenomenon
4. a piece of data from a study of a large quantity of numerical data
5. sampling distribution of that statistic can be shown to be equal to the paremeter being estimated
6. the range of values of a random variable
7. probability of both events happening is 0
9. measure

## ଫିଜିକାଲ୍ ଏଜୁକେଶନ୍

ବୃତ୍ତିଗତ ଶିକ୍ଷା





**ଫିଜିକାଲ ଏଜୁକେଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁସ୍ଥ ଶରୀର ଓ ସୁସ୍ଥ ମାନସିକତା । ଏହା ଏପରି ଏକ କ୍ଷେତ୍ର, ଯେଉଁଠି ଶାରୀରିକ ଶିକ୍ଷା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରାଯାଏ । ଶିକ୍ଷା ଗ୍ରହଣ କରିବା ପରେ ଜଣେ ବ୍ୟକ୍ତି ଫିଟନେଶ୍ ଇନ୍‌ଷ୍ଟ୍ରକଟର୍ କିମ୍ବା କ୍ରୀଡ଼ା ଶିକ୍ଷକ ଭାବେ ଉଭୟ ସରକାରୀ ଏବଂ ବେସରକାରୀ ଚାକିରି କରିପାରିବେ । ସାଧାରଣଭାବେ ଏକ୍ଷେତ୍ରରେ ଅଧ୍ୟୟନ କରିବା ଦ୍ୱାରା ବ୍ୟାୟାମ, ଯୋଗ, ସ୍ୱଚ୍ଛତା, ଜିମନାଷ୍ଟିକ୍ ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଉଭୟ ଶରୀର ଓ ମାନସିକକୁ ସନ୍ତୁଳନ ରଖିବାରେ ସହାୟକ ହୋଇଥାଏ । ତେଣୁ ସମ୍ପ୍ରତି ଶିକ୍ଷାବ୍ୟବସ୍ଥାରେ ଫିଜିକାଲ ଏଜୁକେଶନ ଏକ ପ୍ରମୁଖ ଅଂଶ ପାଲଟିଛି । ଯଦିଓ ପୂର୍ବରୁ ଫିଜିକାଲ ଏଜୁକେଶନରେ ଯୁବକଙ୍କ ରୁଚି ରହିଥିଲା, ଏବେ କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା କାରଣରୁ ଫିଜିକାଲ ଏଜୁକେଶନକୁ କ୍ୟାରିୟର ଭାବେ ବାଛୁଛନ୍ତି ।**

### ବୃତ୍ତିଗତ ଶିକ୍ଷା

ଫିଜିକାଲ ଏଜୁକେଶନରେ ଡିପ୍ଲୋମା, ବ୍ୟାଚେଲର ଏବଂ ମାଷ୍ଟରଡିଗ୍ରୀ କୋର୍ସ ଉପଲବ୍ଧ ରହିଛି । କୋର୍ସରେ କାର୍ଡିଓଭାସ୍କୁଲାର ଏକ୍ସରସାଇଜ୍, ସାଇକୋଲୋଜି, ଫିଜିକାଲ ଏଜୁକେଶନ ଏବଂ ଏନାଟୋମି ବିଷୟରେ ଶିକ୍ଷା ଦିଆଯାଏ । ବ୍ୟାଚଲର ଇନ୍ ଫିଜିକାଲ ଏଜୁକେଶନ ଚାରିବର୍ଷିଆ ପାଠ୍ୟକ୍ରମ । ବିଦ୍ୟାର୍ଥୀଙ୍କୁ ପ୍ରାକ୍ଟିକାଲ ଟ୍ରେନିଂ ମଧ୍ୟ ଦିଆଯାଇଥାଏ । ଫିଜିକାଲ ଏଜୁକେଶନର ସବୁଠୁ ମୁଖ୍ୟ କୋର୍ସ ମଧ୍ୟରେ ସାର୍ଟିଫିକେଟ୍ ଇନ୍ ଫିଜିକାଲ ଏଜୁକେଶନ (ସି.ପି.ଇଡି),ଡିପ୍ଲୋମା ଇନ୍ ଫିଜିକାଲ ଏଜୁକେଶନ (ଡି.ପି.ଇଡି), ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ (ବି.ପିଇଡି), ମାଷ୍ଟର ଅଫ୍ ଫିଜିକାଲ ଏଜୁକେଶନ (ଏମ୍.ପି.ଇଡି) ଇତ୍ୟାଦି ।

### ଯୋଗ୍ୟତା

ଏକ୍ଷେତ୍ରରେ କ୍ୟାରିୟର କରିବାକୁ ହେଲେ, ଦ୍ୱାଦଶ ପାସ୍ ନିହାତି ଆବଶ୍ୟକ । କଳା, ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀ ଫିଜିକାଲ ଏଜୁକେଶନ କୋର୍ସ କରିପାରିବେ । ପିଇଟିରେ ସ୍ନାତକ କିମ୍ବା ସ୍ନାତକୋତ୍ତର କରିପାରିବେ ।

### କ'ଣ କାମ

କୋର୍ସ କରିବା ପରେ ସରକାରୀ ଏବଂ ବେସରକାରୀ ସଂସ୍ଥାନରେ କାର୍ଯ୍ୟ କରିବାକୁ ସୁଯୋଗ ମିଳେ । ଡିପ୍ଲୋମା ଏବଂ ସ୍ନାତକ ପରେ ସ୍କୁଲ, ଜିମ୍ କିମ୍ବା ଫିଟ୍‌ନେସ୍ ସେଣ୍ଟରରେ ରୋଜଗାରର ସୁଯୋଗ ରହିଛି । ସ୍ନାତକୋତ୍ତର କରିଥିଲେ ସେକେଣ୍ଡାରୀ ସ୍କୁଲ, କଲେଜ୍, ପୁଲିସ ବିଭାଗ, ସ୍ପୋର୍ଟସ ଟିମ୍‌ର କୋଚ୍, ସ୍ପୋର୍ଟସ ମ୍ୟାନେଜର ଭାବେ କାର୍ଯ୍ୟ କରିବାକୁ ହୁଏ । ଏକ୍ଷେତ୍ରରେ ଅଧିକ ଅଭିଜ୍ଞତା ପରେ ଜଣେ ବ୍ୟକ୍ତି ଫିଜିକାଲ ଫିଟ୍‌ନେସ୍ ଡାଇରେକ୍ଟର, ସ୍ପୋର୍ଟସ ପ୍ରୋଗ୍ରାମ୍ ଏଡମିନିଷ୍ଟ୍ରେଟର ଆଦି ପଦରେ କାମ କରିପାରନ୍ତି ।

### ଦରମା

ଫିଜିକାଲ ଏଜୁକେଶନ ଶିକ୍ଷକ କିମ୍ବା ଟ୍ରେନ୍‌ର ୨୫,୦୦୦ରୁ ୩୦,୦୦୦ ଟଙ୍କା ମଧ୍ୟରେ ବେତନ ପାଆନ୍ତି । ଅଭିଜ୍ଞତା ଅନୁସାରେ ଏକ୍ଷେତ୍ରରେ ଭଲ ଦରମା ମିଳିଥାଏ ।

### ପ୍ରମୁଖ ସଂସ୍ଥାନ

- ଗଭର୍ଣ୍ଣମେଣ୍ଟ କଲେଜ୍ ଅଫ୍ ଫିଜିକାଲ ଏଜୁକେଶନ, ଡମାଣ୍ଡୋ, ଭୁବନେଶ୍ୱର
- ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟସ ସାଇନ୍ସ, ନୂଆଦିଲ୍ଲୀ
- ଫିଜିକାଲ ଏଜୁକେଶନ କଲେଜ୍, ପୁଣେ
- ସି.ଭି ରମନ ୟୁନିଭର୍ସିଟି, ବିଳାସପୁର
- ବନାରସ ହିନ୍ଦୁ ୟୁନିଭର୍ସିଟି, ବାରାଣସୀ

## ଘରେ 'ଅଫିସ୍ ଚିନ୍ତା' ନେତୃତ୍ୱ ପାଇଁ ଶୁଭଙ୍କର ନୁହେଁ



ସମ୍ପ୍ରତି କାମର ଚାପ ଏପରି ରହୁଛି, ଲୋକେ ଅଫିସରୁ ଘରକୁ ଆସିବା ପରେ ବି ଶାନ୍ତିରେ ଶୋଇପାରନ୍ତି ନାହିଁ । ସାରାରାତି ସେମାନଙ୍କ ମସ୍ତିଷ୍କରେ ଏହା ଚାଲିଥାଏ ଯେ, ଯେଉଁ ରିପୋର୍ଟଟି ବନାଇଥିଲି ସେଥିରେ ସମସ୍ତ ପଏଣ୍ଟ ଥିଲା ନା ନାହିଁ । କାହା ମେଲ୍‌ର ଉତ୍ତର ଦେବାକୁ ଭୁଲି ଯାଇନି ତ ? କିନ୍ତୁ ବାସ୍ତବରେ ଯେଉଁ କାମ କରନ୍ତି, ତାହା ବିଷୟରେ କିଛି ସମୟ ଭାବିବା ଯଦିଓ ଭଲ ଅଭ୍ୟାସ, କିନ୍ତୁ ସମାନ କଥାକୁ ବାରମ୍ବାର ଚିନ୍ତା କରିବା ଏକ ପ୍ରକାର ମାନସିକ ସମସ୍ୟା । ଏପରି ସମସ୍ୟା ଅଧିକାଂଶ ନୂଆ କରି ଯୋଗଦେଇଥିବା ମ୍ୟାନେଜରଙ୍କ ପାଇଁ ହୋଇଥାଏ ବୋଲି ନିକଟରେ ଫ୍ଲୋରିଡା ଷ୍ଟେଟ୍ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ପ୍ରକାଶ । ଏହି ଅଧ୍ୟୟନ ଅନୁସାରେ ଅଫିସର ମୁଖ୍ୟ କର୍ମଚାରୀ ଅଫିସ୍ ସମୟ ସରିବା ପରେ ଉକ୍ତ କାମ ବିଷୟରେ ଘରେ କମ୍ ଚିନ୍ତା କରିବା ଦ୍ୱାରା ପରଦିନରେ ସେମାନଙ୍କୁ କମ୍ ଥକ୍କା ଅନୁଭବର ଆଶଙ୍କା ଥାଏ । ସେମାନଙ୍କର କାର୍ଯ୍ୟ ବା ଭୂମିକାକୁ ସେମାନେ ସକାରାତ୍ମକ ଭାବେ ନିଭାଇ ପାରନ୍ତି । ପ୍ରଫେସର ରେମି ଜେନିଂସ ଏହି ଅଧ୍ୟୟନ ପାଇଁ ଦୁଇ ସପ୍ତାହ ଯାଏଁ ବଡ଼ ବଡ଼ କମ୍ପାନୀର ପ୍ରାୟ ୭୩ଜଣ ମ୍ୟାନେଜରଙ୍କ କାମ କରିବାର ଶୈଳୀ ଉପରେ ନଜର ରଖିଥିଲେ । ସର୍ଭେରେ ସାମିଲ ଥିବା ଲିଡର ପୂର୍ବ କାମର ବିଚାର ଠାରୁ ନିଜକୁ କେତେ ମାତ୍ରାରେ ଦୂରେଇ ରଖିଥିଲେ ସେ ବିଷୟରେ ଜଣାପଡ଼ିଥିଲା । କେହି କେହି ଲକ୍ଷ୍ୟହୀନ ତଥା ଥକ୍କାପଣ ଅନୁଭବ କରୁଥିବା ବେଳେ ଆଉ କେହି ଅଫିସ ବିଷୟରେ ଚିନ୍ତା ନ କରିବା ଦ୍ୱାରା ସେମାନେ ଚିନ୍ତାମୁକ୍ତ ଥିବା ଜଣାପଡ଼ିଥିଲା । ଏହାଦ୍ୱାରା ମ୍ୟାନେଜରଙ୍କ ଦକ୍ଷତା ଓ କାର୍ଯ୍ୟରେ କେତେ ପ୍ରଭାବ ପକାଇବ ତାହାକୁ ତର୍ଜମା କରାଯାଇଥିଲା । ଜେନିଙ୍ଗ୍‌ସଙ୍କ କହିବାନୁସାରେ, ମ୍ୟାନେଜର କାମର ଚାପ ଭିତରୁ ନିଜକୁ ଦୂରେଇ ରଖିବା ନିହାତି ଆବଶ୍ୟକ । କାମ ପରେ ନିଜ ପାଇଁ ସମୟ କାଢ଼ିବାର ମଧ୍ୟ ଆବଶ୍ୟକତା ରହିଛି । ତେଣୁ ମ୍ୟାନେଜରମାନଙ୍କୁ କାମ ଏବଂ ଘର ମଧ୍ୟରେ ସୀମା ରଖିବା ଜରୁରି ।

## ଗଣିତର ସର୍ଟକଟ୍ କୌଶଳ ଆପଣାଉଥିଲେ..

**ସମ୍ପ୍ରତି ଅଧିକାଂଶ ପିଲା ପାଠ ପଢ଼ା ପରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ପରୀକ୍ଷାରେ ବିଭିନ୍ନ ବିଷୟବସ୍ତୁ ପରି ଗଣିତକୁ ଅଧିକ ଧ୍ୟାନ ଦେବାକୁ ହୁଏ । ଯେହେତୁ ପରୀକ୍ଷାରେ ଖୁବ୍ କମ୍ ସମୟ ମଧ୍ୟରେ ଗଣିତ ସମାଧାନ କରିବାକୁ ହୁଏ, ତେଣୁ ଅଧିକାଂଶ ଛାତ୍ରଛାତ୍ରୀ ଗଣିତ ବିଷୟକୁ ବୁଝିବାକୁ ନାନା ସମସ୍ୟା ହୋଇଥାଏ । ତେଣୁ ଏ କ୍ଷେତ୍ରରେ ଗଣିତର ସମାଧାନ ପାଇଁ ସର୍ଟକଟ୍ କୌଶଳ ଆପଣାଇବା ନିହାତି ଜରୁରି ।**

- ଗଣିତର ମୂଳ ସୂତ୍ର ହେଉଛି ନିୟମିତ ଅଭ୍ୟାସ । ସୂତ୍ରକୁ ଯେତେ ପ୍ରୟୋଗ କରିବ, ଗଣିତ କରିବାରେ ସେତେ ସହଜ ହୋଇଥାଏ । ଗଣିତରେ ସର୍ଟକଟ୍ କୌଶଳକୁ ଆପଣାଇବା ଦ୍ୱାରା ମିଶାଣ, ଫେଡାଣ, ହରଣ, ଗୁଣନ ଆଦି କାଲ୍‌କୁଲେସନ କରିବାରେ ସହଜ ହୋଇଥାଏ । ଏପରି ଅନେକ ସର୍ଟକଟ୍ କୌଶଳ ରହିଛି, ଯାହା ଗଣିତର ସମାଧାନକୁ ଅତି ସରଳ କରିଥାଏ । ଏହାଦ୍ୱାରା ପରୀକ୍ଷାରେ କମ୍ ସମୟ ମଧ୍ୟରେ ଗଣିତ ସମାଧାନ ହୁଏ ।
- ଫର୍ମୁଲା କେମିତି କାମ କରୁଛି ସେଇଟା ବୁଝିବା ଦରକାର । ଏହାଦ୍ୱାରା ଫର୍ମୁଲାକୁ ମନେ ରଖିବାରେ କୌଣସି ଅସୁବିଧା ହୁଏନାହିଁ । ସେହିପରି ଗଣିତ ସୂତ୍ର ଗୁଡ଼ିକୁ ଉଦାହରଣ ସହିତ ସଂଯୋଗ କରିବା ଦରକାର । ନିୟମିତ ଗଣିତକୁ ଅଭ୍ୟାସ କରିବା ଦ୍ୱାରା ଜଣେ ନିଜର କୌଶଳ ପ୍ରୟୋଗ କରି ସର୍ଟକଟ୍ ଟ୍ରିକ୍ ସମାଧାନ ପାଇଁ ବାହାର କରିପାରିବେ । ତା'ଛଡ଼ା ପରୀକ୍ଷା ପୂର୍ବରୁ ପୂର୍ବବର୍ଷର ଗଣିତ ପ୍ରଶ୍ନୋତ୍ତରରେ ସୂତ୍ର ଆପଣାଇ ସମାଧାନ କରିବାକୁ ଚେଷ୍ଟା କରନ୍ତୁ ।
- ସାଧାରଣତଃ ଜଣେ ଯଦି ନିଜେ ଶିଖିବା ପରେ ଆଉ ଜଣକୁ ଶିଖାଏ କିମ୍ବା ସାଙ୍ଗସାଥୀ ହୋଇ ଗଣିତ ସର୍ଟକଟ୍ ବିଷୟରେ ଆଲୋଚନା କଲେ, ତାହା ସହଜରେ ମନେ ରହିଥାଏ ।
- ପ୍ରତିଦିନ ପୂର୍ବପାଠର ସୂତ୍ରକୁ ଦେଖାଯାଏ, ଏହାକୁ ଭୁଲିବା ଅନୁଚିତ ।
- ଗଣିତ ବିଷୟ ପ୍ରତି ଆଗ୍ରହ ରଖିବା ନିହାତି ଆବଶ୍ୟକ । ସର୍ବଦା ସୂତ୍ର ସହିତ ଗଣିତକୁ ଅଭ୍ୟାସ କରିବା ଜରୁରି ।
- ଗୋଟିଏ ସମୟ ଭିତରେ ସମସ୍ତ ଗଣିତ ସୂତ୍ରକୁ ଶିଖିବାକୁ ତତ୍ପର ନ ହୋଇ ପ୍ରତି ବିଷୟ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରନ୍ତୁ ।
- ଗଣିତର ସର୍ଟକଟ୍ କୌଶଳକୁ ମନେ ରଖିବା ପାଇଁ ପେପରରେ ଲେଖି ଏହାକୁ ପଢ଼ୁଥିବା କାନ୍ଥରେ ମାରି ପାରିବେ ।



## ବିନା ତାଲିମରେ ସୁଦକ୍ଷ ଚିତ୍ରକର

# ଗବେଷଣାକୁ ପ୍ରୋତ୍ସାହିତ କରୁଛି ଚିତ୍ର

ଯୁବ ପ୍ରତିଭା

**ସେ ଜଣେ ମେଧାବୀ ଛାତ୍ର । ବୈଷୟିକ ଶିକ୍ଷା କ୍ଷେତ୍ରରେ ସେ ତାଙ୍କର ପାରଦର୍ଶିତା ଦେଖାଇ ଚାଲିଛନ୍ତି । କିନ୍ତୁ ଚିତ୍ରକଳା ପ୍ରତି ତାଙ୍କର ରହିଛି ଅହେତୁକ ଦୁର୍ବଳତା । ଯାହାକୁ ସେ ପିଲାଟି ଦିନରୁ ଜାରି ରଖିଛନ୍ତି । ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି ସେ କଳାପ୍ରେମୀଙ୍କ ଚିତ୍ତହରଣ କରନ୍ତି । ସେହି ପ୍ରତିଭାଧାରୀ ଯୁବକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଧାମନଗରର କୈବଲ୍ୟ ଲେଙ୍କା (୨୬) । ବର୍ତ୍ତମାନ ସେ ଆଇଆଇଟି, ମାଡ୍ରାସରେ ସିଭିଲ ଇଞ୍ଜିନିୟରିଂରେ ଗବେଷଣାରତ । କିନ୍ତୁ ଚିତ୍ରକଳା ଦେଇଛି ତାଙ୍କୁ ସ୍ୱତନ୍ତ୍ର ପରିଚୟ । ଏଥିପାଇଁ ଅବଶ୍ୟ ସେ କୌଣସି ବିଧିବଦ୍ଧ ତାଲିମ ନେଇନାହାନ୍ତି । ଗୋଟିଏ ଶବ୍ଦରେ କହିବାକୁ ଗଲେ, ତାଙ୍କ ଗବେଷଣାକୁ ପ୍ରୋତ୍ସାହିତ କରୁଛି ଚିତ୍ର ।**









କୈଳାସ ଚନ୍ଦ୍ର ଲେଙ୍କା ଓ କ୍ରିଷ୍ଣା ଲେଙ୍କାଙ୍କ ପୁତ୍ର କୈବଲ୍ୟ ସ୍କୁଲ ସମୟରୁ ଭଲ ପଢ଼ିବା ସହିତ ସେ ବିଭିନ୍ନ ଥିମ୍ ଅନୁଯାୟୀ ଚିତ୍ର ଆଙ୍କି ବ୍ଲକ୍ ଓ ଜିଲାସ୍ତରରେ ପୁରସ୍କୃତ ହେଉଥିଲେ । ଚିତ୍ର ଆଙ୍କିବା ତାଙ୍କର ଅନ୍ତର୍ନିହିତ ପ୍ରତିଭା । ପିତାମାତାଙ୍କ ପ୍ରେରଣାରେ ସେ ବିନା ତାଲିମରେ ଭଳିକି ଭଳିକି ଚିତ୍ର ଆଙ୍କି ଦିଅନ୍ତି, ତେଣୁ ପଢ଼ା ସହିତ ଚିତ୍ର ଆଙ୍କିବାରେ ତାଙ୍କର ରୁଚି ବଢ଼ିଥିଲା । ଯେହେତୁ ସେ ଜଣେ ମେଧାବୀ ଛାତ୍ର ତେଣୁ ପଢ଼ା ପାଇଁ କିଛି ଦିନ ଚିତ୍ର ଆଙ୍କିବାରୁ ଦୂରେଇ ରହିଥିଲେ । ହେଲେ ଚିତ୍ର ଆଙ୍କିବାର ଦୁର୍ବଳତା କେଉଁଠି ନା କେଉଁଠି ତାଙ୍କ ମନରେ ରହିଥିଲା । ତେଣୁ ଗବେଷଣା ଓ ଚିତ୍ରକଳା ମଧ୍ୟରେ ସମନ୍ୱୟ ରଖି ସେ ବାଟ ଚାଲୁଛନ୍ତି ।

### ଆଙ୍କନ୍ତି ଅବିକଳ ଚିତ୍ର

ଅଧିକାଂଶ ଚିତ୍ରରେ ସେ ନିଜ ମନର ଭାବନାକୁ ପରିପ୍ରକାଶ କରିଥାନ୍ତି । ତାରକା କିମ୍ବା କୌଣସି ବ୍ୟକ୍ତିଙ୍କ ଅବିକଳ ଚିତ୍ର ଆଙ୍କିବାରେ ସେ ସିଦ୍ଧହସ୍ତ । ଏହି ଧାରା ଏମିତି ଜାରି ରହିଲା ଯେ, ନିକଟରେ ଜଣେ ଦକ୍ଷିଣ ଅଭିନେତ୍ରୀଙ୍କ ପୋଟ୍ରେଟ୍ କରି ସେ ଚର୍ଚ୍ଚାରେ ରହିଥିଲେ । ସେ କେବଳ ବ୍ୟକ୍ତିଙ୍କ ଚେହେରାକୁ ଅବିକଳ ଚିତ୍ରର ରୂପ ଦିଅନ୍ତି ତାହା ନୁହେଁ, ବରଂ ଦେବଦେବୀଙ୍କ ଚିତ୍ର, ପ୍ରାକୃତିକ ପରିବେଶ, ବିଭିନ୍ନ ଘଟଣା ସହ ପୋଟ୍ରେଟ୍ ଡ୍ରଇଂ କରିଥାନ୍ତି ।

### ଜଗନ୍ନାଥ ସଂସ୍କୃତିକୁ ଅଧିକ ଗୁରୁତ୍ୱ

ରଥଯାତ୍ରା ହେଉ କି ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ପର୍ବପର୍ବାଣିକୁ ନେଇ ସେ ସୁନ୍ଦର ଆକର୍ଷଣୀୟ ଚିତ୍ର ଆଙ୍କିଦିଅନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ୧୨ ମାସର ୧୩ ପର୍ବରେ ପ୍ରଭୁଙ୍କ ପ୍ରତ୍ୟେକ ବେଶଭୂଷାକୁ ସେ ଚିତ୍ର ଜରିଆରେ ପ୍ରସ୍ଫୁଟିତ କରନ୍ତି । ତେବେ ପିଲାଟି ଦିନରୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଥିବା ଭକ୍ତି ଓ ଶ୍ରଦ୍ଧା ମନୋଭାବରୁ ତାଙ୍କ ଚିତ୍ର ମଧ୍ୟ ବେଶ୍ ସୁନ୍ଦର ହୋଇଥାଏ । ତେଣୁ କରୋନା ମହାମାରୀ ସମୟରେ ଖାଲି ସମୟ ପାଇ ସେ ଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଏକ ସ୍ୱତନ୍ତ୍ର ଚିତ୍ର ଆଙ୍କିବାକୁ ଭାବିଥିଲେ । ଗତ ରଥ ଯାତ୍ରାରେ ତାଙ୍କର ଏହି ସ୍ୱପ୍ନ ପୂରା ହୋଇଥିଲା । ପ୍ରାୟ ୧୦ରୁ ୧୨ ଘଣ୍ଟାର ପରିଶ୍ରମରେ ସେ ଏକ ଚିତ୍ରରେ ସମଗ୍ର ପୃଥିବୀ, ଜଗନ୍ନାଥଙ୍କ ଆଖିରେ ସୂର୍ଯ୍ୟ, ତାରା, ଚନ୍ଦ୍ର, ସୌରଗ୍ରହ, ଶନିଦେବଙ୍କୁ ନେଇ ସୁନ୍ଦର ଚିତ୍ର ଆଙ୍କିଥିଲେ । ଏହି ଚିତ୍ରର ବେଶ୍ ଆଦର ରହିଛି । ଦିନକୁ ଘଣ୍ଟେ କି ଦୁଇଘଣ୍ଟା ସମୟ ଦେଇ ସେ ଅଧିକାଂଶ ଚିତ୍ର କରନ୍ତି । ଚିତ୍ର ତାଙ୍କ ଗବେଷଣାକୁ ପ୍ରୋତ୍ସାହିତ କରୁଛି । ଇଚ୍ଛା ଓ ଭଲପାଇବା ଥିଲେ ସବୁ ସମ୍ଭବ ବୋଲି ସେ କୁହନ୍ତି ।

### ଚିତ୍ରରେ ଭାବନାର ପରିପ୍ରକାଶ

ସେ ପ୍ରାୟତଃ ଚିତ୍ରରେ ନିଜର ଅନୁଭବ ଓ ଭାବନାକୁ ପରିପ୍ରକାଶ କରନ୍ତି । ପେଣ୍ଟିଂ ୱାଟର କଲର, ପେନ୍‌ସିଲ କଲର ଆଦି ବ୍ୟବହାର କରି ଚିତ୍ର ଆଙ୍କନ୍ତି । ପୋଟ୍ରେଟ୍ ବନାଇ ସେ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର କରନ୍ତି । ସାମାଜିକ ଗଣମାଧ୍ୟମରେ ଅଧିକ ପୋଟ୍ରେଟ୍ ଚିତ୍ର ଦେଖି ସେମାନେ ନିଜ ଫଟୋ ପଠାଇଥାନ୍ତି । ବର୍ତ୍ତମାନ ତାଙ୍କ ଇନ୍‌ଷ୍ଟାଗ୍ରାମ ଆଇଡି କୈବଲ୍ୟ-୦୭୦୮-ଆର୍ଟରୁ ଡିଏମ୍ କରି ଲୋକେ ତାଙ୍କ ହାତତିଆରି ଚିତ୍ର କିଣିବାକୁ ମନ ବଳାଉଛନ୍ତି । କୈବଲ୍ୟ ଚିତ୍ର ଆଙ୍କି ସେମାନଙ୍କ ଠିକଣାରେ ପଠାଇଥାନ୍ତି । ପ୍ରୋଟ୍ରେଟ୍ ଏବଂ ପେନ୍‌ସିଲ୍ କଲର ଚିତ୍ର ପାଇଁ ଲୋକେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଏଥିରୁ ଯେଉଁ ପାରିଶ୍ରମିକ ମିଳିଥାଏ, ସେଥିରେ ଭିନ୍ନ ଖୁସି ମିଳିଥାଏ ବୋଲି କୁହନ୍ତି କୈବଲ୍ୟ । ଏବେ କୈବଲ୍ୟ ନିଜ ଖୁସି ପାଇଁ ଗିଟାର ମଧ୍ୟ ଶିଖୁଛନ୍ତି । ପିଏଚ୍‌ଡି ପରେ ପ୍ରଫେସର ହେବାକୁ ଇଚ୍ଛା ରହିଥିବାବେଳେ ଚିତ୍ର ଆଙ୍କିବା ମଧ୍ୟ ସେ ଜାରି ରଖିବେ । କିନ୍ତୁ ତାଙ୍କ ଚିତ୍ର ଆଙ୍କିବା ଗୁଣ ଈଶ୍ୱରପ୍ରଦତ୍ତ ହୋଇଥିବାରୁ ସେ ଭବିଷ୍ୟତରେ କାହା ଠାରୁ ଚିତ୍ର ଆଙ୍କିବା ସମ୍ପର୍କରେ ତାଲିମ ନେବାକୁ ଚାହୁଁନାହାଁନ୍ତି, ବୋଲି କୁହନ୍ତି କୈବଲ୍ୟ ।

■ ଆଜି ମହାପ୍ରଭୁଙ୍କ ବନକଲାଗି

# ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ, ୨।୧(ସମିସ):** ପୌଷ କୃଷ୍ଣ ସପ୍ତମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ଣ ୪ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ନୂଆପଡ଼ା, ୨।୧(ସମିସ):** ମଙ୍ଗଳବାର ନୂଆପଡ଼ାରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ସ୍ଥାନୀୟ ଧରମବନ୍ଧା ଥାନା କର୍ଚୁଲ ଗାଁର ଭଗତରାମ ଶବର (୩୦) ଏବଂ ଗୁପ୍ତେଶ୍ୱର ଶବର(୨୫) । ଅନ୍ୟ ଜଣେ କୋମନା ଥାନା ଅନ୍ତର୍ଗତ କାଣ୍ଡେତରା ଗାଁର କବି ଶବର(୨୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି।

ମଙ୍ଗଳବାର ରାତି ପ୍ରାୟ ୭ଟାରେ ଖରିଆରରୋଡ୍ ବସ୍ତି ମୁଣ୍ଡରେ ଜାତୀୟ ରାଜପଥ ୩୫୩ରେ ଥିବା ଏକ ଫର୍ଣ୍ଣିଚର୍ ଦୋକାନ ସାମ୍ନାରେ ଗୋଟିଏ ପିକ୍ଅପ୍ ଭ୍ୟାନଟିଏ ଅଟକି ରହିଥିଲା। ଖରିଆରରୋଡ୍ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଭ୍ୟାନ୍କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ରେ ବସିଥିବା ଦୁଇଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଥିଲେ। ଖରିଆରରୋଡ ଜୋଙ୍କ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

■ ମଞ୍ଚ କଳାକାରଙ୍କୁ ମାଡ଼ ଘଟଣା

# ମାନବାଧିକାର କମିସନ୍‌ରେ ମାମଲା

**କଟକ, ୨।୧(ସମିସ):** ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ଅନ୍ତର୍ଗତ ତେଲନଟି ଗ୍ରାମର ମଞ୍ଚ କଳାକାର ଗୋପୀନାଥ ନାୟକଙ୍କୁ ବିନା କାରଣରେ ପୁଲିସର ମାଡ଼ ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିସନରେ ଆଇନଜୀବୀ ଶିବଶଙ୍କର ମହାନ୍ତି ଏକ ମାମଲା ରୁଜୁ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଏହି ଘଟଣା ପରେ ଦୁଇଜଣଙ୍କୁ ନିଲମ୍ବିତ କରାଯାଇଛି। ସମସ୍ତ ଚାରିଜଣଙ୍କୁ ଭଦ୍ରକ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମାନବିକ ଅଧିକାର ଉଲ୍ଲଂଘନ ପାଇଁ ଏଏସଆଇ ମହେନ୍ଦ୍ର ଗିରି, କନଷ୍ଟେବଲ ଚିନ୍ମୟ କୁମାର ଦେହୁରୀ ଓ ଦୁଇ ଗୃହରକ୍ଷୀଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ପୀଡ଼ିତ ଶ୍ରୀ ନାୟକଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଉଲ୍ଲେଖ ରହିଛି। କ୍ଷତିପୂରଣ ବାବଦ ରାଶି ଦୋଷୀ ପୁଲିସଙ୍କ ନିକଟରୁ ଆଦାୟ କରାଯିବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି ଆବେଦନରେ ଦର୍ଶାଇଛନ୍ତି। ମାମଲାରେ ପୁଲିସ ଡିଜି, ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାରୁ ପ୍ରକାଶ ଯେ ଗତ ଶନିବାର ରାତିରେ ଶ୍ରୀ ନାୟକ ଏକ କାର୍ଯ୍ୟକ୍ରମ ସାରି କାର୍‌ରେ ଫେରୁଥିବା ବେଳେ ଆଗରପଡ଼ା ନିକଟରେ ଗାଡ଼ି ଯାଞ୍ଚ କରୁଥିବା ପୁଲିସ ଅଧିକାରୀ ଓ କର୍ମଚାରୀ ତାଙ୍କ କାର୍‌କୁ ଅଟକାଇଥିଲେ। ଗାଡ଼ି କାଗଜପତ୍ର ଦେଖାଇବା ପରେ ମଧ୍ୟ ବିନା କାରଣରେ ତାଙ୍କୁ ଗାଡ଼ିରୁ ଟାଣି ଆଣି ଉପରୋକ୍ତ ପୁଲିସ କର୍ମଚାରୀ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତରେ ଶ୍ରୀ ନାୟକଙ୍କ ପତ୍ନୀ ଥାନାରେ ଏତଲା ଦେଇଥିଲେ।

● ସୁଶାନ୍ତ ଧଳସାମନ୍ତର ଚିକିତ୍ସା ପ୍ରସଙ୍ଗ

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

**କଟକ, ୨।୧(ସମିସ):** କୁଖ୍ୟାତ ଗ୍ୟାଙ୍ଗଷ୍ଟର୍ ସୁଶାନ୍ତ କୁମାର ଧଳସାମନ୍ତର ଚିକିତ୍ସାରେ ଅବହେଳା କରାଯାଉଥିବା ନେଇ ସୁଶାନ୍ତର ପିତା ସରୋଜ କୁମାର ଧଳସାମନ୍ତଙ୍କ ପକ୍ଷରୁ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସୁଶାନ୍ତକୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉପଯୁକ୍ତ ଚିକିତ୍ସା ପରେ ତାକୁ ଏଠାରୁ ଡିସଚାର୍ଜ କରାଯାଇଛି। ଏଣୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ତେବେ ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ପ୍ରତ୍ୟାହାର କରିନିଆଯିବାରୁ ଅଦାଲତ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ପ୍ରକାଶ ଯେ ଆଖି ସମସ୍ୟା ଥିବା ବେଳେ ସୁଶାନ୍ତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲା। ସୁଶାନ୍ତକୁ ଭୀମ ଭୋଇ ମେଡିକାଲ କଲେଜକୁ ନିଆଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାକୁ ଭିମସାରକୁ ରେଫର୍ କରାଯାଇଥିଲା। ଏହାପରେ ସୁଶାନ୍ତର ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାକୁ କଟକ ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସୁଶାନ୍ତକୁ ଉପଯୁକ୍ତ ଚିକିତ୍ସା ମିଳୁନଥିବା ତା'ର ପିତା ଅଭିଯୋଗ କରିଥିଲେ। ଆବେଦନକାରୀ ନିଜ ଖର୍ଚ୍ଚରେ ସୁଶାନ୍ତର ତୁରନ୍ତ ଚିକିତ୍ସା ସୁପରସ୍ପେଶାଲିଟି ହସ୍ପିଟାଲ ଭୁବନେଶ୍ୱରର ଆପୋଲୋ, ଆମ୍ରି, କିମ୍ବା କଳିଙ୍ଗ ହସ୍ପିଟାଲରେ କରିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ପ୍ରକାଶଥାଉକି ୨୦୧୬, ଜାନୁଆରି ୨୯ରୁ ସୁଶାନ୍ତ ବିଚାରାଧୀନ ବନ୍ଦୀ ଭାବେ ବଲାଙ୍ଗୀର ଜେଲରେ ଅଛି।

■ ୨୦୨୩ ସିସିଟିଏନ୍‌ଏସ ପ୍ରଗତି ଡ୍ୟାସ୍‌ବୋର୍ଡ ରିପୋର୍ଟ

# ଶୀର୍ଷ ୪ ଏସ୍‌ଡିପିଓ ଗଞ୍ଜାମର

**ବ୍ରହ୍ମପୁର, ୨।୧(ସମିସ):** କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ସିଷ୍ଟମ୍ସ (ସିସିଟିଏନଏସ)ରେ ଜନସାଧାରଣଙ୍କୁ ହାତପାଆନ୍ତାରେ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସେବା ଯୋଗାଇବା, ଅନଲାଇନ୍‌ରେ ମାମଲା ପଞ୍ଜୀକରଣ ଓ ସେଗୁଡିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନେଇ ରାଜ୍ୟସ୍ତରୀୟ ରିପୋର୍ଟ ପ୍ରକାଶ ପାଇଛି। ସିସିଟିଏନଏସ ପ୍ରଗତି ଡ୍ୟାସ୍‌ବୋର୍ଡରେ ଜିଲ୍ଲା, ଥାନା, ଏସଡିପିଓ ଓ ଥାନା ଅଧିକାରୀଙ୍କ ବର୍ଗରେ ପ୍ରକାଶିତ ଏହି ରିପୋର୍ଟରେ ୨୦୨୩ ବର୍ଷ ପାଇଁ ଗଞ୍ଜାମ ପୁଲିସ ଜିଲ୍ଲାକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଶ୍ରେଷ୍ଠ ଜିଲ୍ଲା ଭାବେ ଗଞ୍ଜାମ ଜିଲ୍ଲା ଶୀର୍ଷରେ ଥିବା ବେଳେ ଶ୍ରେଷ୍ଠ ଥାନା ଭାବେ ବ୍ରହ୍ମପୁରର ଟାଉନ ଥାନା ଓ ଶ୍ରେଷ୍ଠ ଥାନା ଅଧିକାରୀ ତାଲିକାରେ କୋଦଳା ଥାନା ଅଧିକାରୀ ଉମାକାନ୍ତ ସାହୁଙ୍କ ନାମ ରହିଛି। ସେହିଭଳି ରାଜ୍ୟରେ ଥିବା ମୋଟ ୧୧୯ଜଣ ଏସଡିପିଓ ରାଙ୍କ୍... ଅଧିକାରୀଙ୍କ ମଧ୍ୟରେ ଶ୍ରେଷ୍ଠ ଏସଡିପିଓ ବର୍ଗରେ ମଧ୍ୟ ଗଞ୍ଜାମ ପୁଲିସ ଜିଲ୍ଲାକୁ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଜିଲ୍ଲାର ସମସ୍ତ ୪ଜଣ ଏସଡିପିଓ ତାଲିକାର ଶୀର୍ଷରେ ଯଥାକ୍ରମେ ପ୍ରଥମରୁ ଚତୁର୍ଥ ପର୍ଯ୍ୟନ୍ତ କ୍ରମାଗତ ରହିଛନ୍ତି। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ୯୨.୪ ୫ପଏଣ୍ଟ ସହ ତାଲିକାର ଶୀର୍ଷରେ ରହି ରାଜ୍ୟର ଶ୍ରେଷ୍ଠ ଏସଡିପିଓ ହେବାର ସୁନାମ ଅର୍ଜନ କରିଛନ୍ତି। ସେହିଭଳି ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ୯୧.୫୫ ପଏଣ୍ଟ ସହ ତାଲିକାର ଦ୍ୱିତୀୟରେ, ଭଞ୍ଜନଗର ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ୮୭.୦୭ ପଏଣ୍ଟ ସହ ତୃତୀୟରେ ଏବଂ ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ ୮୬.୮୫ପଏଣ୍ଟ ସହ ଚତୁର୍ଥରେ ରହିଛନ୍ତି। ଗଞ୍ଜାମ ଜିଲ୍ଲାର ସମସ୍ତ କୃତୀ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ସତ୍ୟବ୍ରତ ଭୋଇ, ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଓ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି।

**ପ୍ରଥମରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ**

# ବେସରକାରୀ ସ୍କୁଲ ପିଲା ବି ପାଇବେ ମାଗଣା ବହି



**ମାର୍ଚ୍ଚ ସୁଦ୍ଧା ୨.୫ କୋଟି ପାଠ୍ୟପୁସ୍ତକ ଓ ୫ କୋଟି କାର୍ଯ୍ୟପୁସ୍ତିକା ବିତରଣ ଲକ୍ଷ୍ୟ**

**ଭୁବନେଶ୍ୱର,୨।୧(ସମିସ):** ୨୦୨୪-୨୫ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏହା ବଣ୍ଟନ କରାଯିବ। ଚଳିତ ବର୍ଷ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହା ମାଗଣାରେ ପ୍ରଦାନ କରାଯିବ। ପ୍ରାଥମିକ ଭାବେ ପୁରୀ, କେଉଁଝର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ପୁସ୍ତକ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତ ଜିଲ୍ଲାକୁ ପୁସ୍ତକ ପ୍ରଦାନ କରାଯିବ। ପ୍ରତି ଜିଲ୍ଲାକୁ ୨୮ହଜାର ଲେଖାଏଁ ବହି ପ୍ରଦାନ କରାଯିବ। ଚଳିତ ବର୍ଷ ମୋଟ ୨.୫କୋଟି ପାଠ୍ୟପୁସ୍ତକ ଓ ୫କୋଟି କାର୍ଯ୍ୟପୁସ୍ତିକା ମାର୍ଚ୍ଚ ସୁଦ୍ଧା ବିତରଣ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ବିଭାଗ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଅନୁଯାୟୀ ସମସ୍ତ ବିଷୟର ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି।

ଭୁବନେଶ୍ୱରସ୍ଥିତ ଜାତୀୟକରଣ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟଠାରେ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ମଙ୍ଗଳବାର ଆରମ୍ଭ କରିଛନ୍ତି। ବିଭାଗୀୟ ସଚିବ ଅଶ୍ୱଥୀ.ଏସ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ରାଜ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ପ୍ରମୁଖ ଉପସ୍ଥିତ ଥିଲେ। ପରୀକ୍ଷା ପରେପରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଯେମିତି କୌଣସି ବ୍ୟାଘାତ ନ ହେବ, ସେନେଇ ବିଭାଗ ପଦକ୍ଷେପ ନେଇଛି।

■ ଡିପିସି ନିଷ୍ପତ୍ତି ସତ୍ତ୍ୱେ ପଦୋନ୍ନତିରୁ ବଞ୍ଚିତ ପ୍ରସଙ୍ଗ

# ଅବସରପ୍ରାପ୍ତ ପୁଲିସ ଅଧିକାରୀଙ୍କୁ ହାଇକୋର୍ଟରୁ ମିଳିଲା ନ୍ୟାୟ


**କଟକ,୨।୧(ସମିସ):** ବିଭାଗୀୟ ପଦୋନ୍ନତି କମିଟି (ଡିପିସି)ର ସୁପାରିସ୍‌କ୍ରମେ ଡିଏସ୍‌ପି ପାହ୍ୟାର ଜଣେ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବା ପରେ ତାଙ୍କୁ ଓପିଏସ୍‌ସିର ପରାମର୍ଶ ଆଦେଶକ୍ରମେ ପୁଣି ପୂର୍ବ ପାହ୍ୟାକୁ ଖସାଯିବା ପ୍ରସଙ୍ଗରେ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀଙ୍କୁ ଗତ ୨୦୦୪ ମେ' ୧୩ରୁ ଅବସର ଗ୍ରହଣ ସମୟ ୨୦୦୭ ଜାନୁଆରୀ ୩୧ ପର୍ଯ୍ୟନ୍ତ ଅତିରିକ୍ତ ଏସ୍‌ପି ଭାବେ ସବୁ ସୁବିଧା ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅବସର ନେଇସାରିଥିବାରୁ ଅତିରିକ୍ତ ଏସ୍‌ପି ଭାବେ ତାଙ୍କର ବକେୟା ରାଶି ଓ ସଂଶୋଧିତ ପେନସନ୍ ପ୍ରଦାନ ପାଇଁ କହିଛନ୍ତି ହାଇକୋର୍ଟ। ଏଥିସହ ୨୦୦୪ ମେ' ୧୩ର ପଦାବନତ ଆଦେଶକୁ ରଦ୍ଦ କରିଦେଇଛନ୍ତି। ନୀଳମଣି ତ୍ରିପାଠୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ବିରଜାପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ନବରଙ୍ଗପୁର ଜିଲ୍ଲାରେ ଡିଏସ୍‌ପି ଭାବେ କାମ କରୁଥିବା ବେଳେ ୨୦୦୨ ଅଗଷ୍ଟ ୨୯ରେ ବିଭାଗୀୟ ପଦୋନ୍ନତି କମିଟି ବସି ତାଙ୍କୁ ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯିବା ସଂକ୍ରାନ୍ତରେ ଗତ ୨୦୦୨ ଅକ୍ଟୋବର ୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସେ ପଦୋନ୍ନତି ଅନୁସାରେ କାର୍ଯ୍ୟ କରୁଥିବା ବେଳେ ଓପିଏସ୍‌ସିର ଏକ ଚିଠି ଆଧାରରେ ପୁଣି ୨୦୦୪ ମେ' ୧୩ରେ ତାଙ୍କୁ ପୂର୍ବ ଡିଏସ୍‌ପି ପାହ୍ୟାକୁ ଫେରାଇ ନିଆଯାଇଥିବା ନେଇ ଆଦେଶ ପ୍ରକାଶ ପାଇଥିଲା। ଏହା ବିରୋଧରେ ସେ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲ ମଧ୍ୟ ଓପିଏସ୍‌ସିକୁ ପୁନଃବିଚାର କରିବାକୁ ଆଦେଶ ଦେଇଥିଲେ। କିନ୍ତୁ ଡିପିସି ସଠିକ୍ ପ୍ରାର୍ଥୀଙ୍କୁ ପଦୋନ୍ନତି ପାଇଁ ସୁପାରିସ୍ କରିନଥିବା ଦର୍ଶାଇ ଓପିଏସ୍‌ସି ଗତ ୨୦୧୨ରେ ପୂର୍ବ ନିଷ୍ପତ୍ତି କାଏମ ରଖିଥିଲା। ଯାହା ବିରୋଧରେ ଆବେଦନକାରୀ ପୁଣି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- MATHEMATICS

**SECTION-A (1 Mark)**


1. The quadratic polynomial, the sum of whose zeroes is -5 and their product is 6, is
(a) $x^2+5x+6$ (b) $x^2-5x+6$ (c) $x^2-5x-6$ (d) $-x^2+5x+6$
2. If the point $P(k,0)$ divides the line segment joining the points $A(2,-2)$ and $B(-7,4)$ in the ratio 1:2, then the value of $k$ is
(a) 1 (b)2 (c)-2 (d)-1
3. In a number of two digits, unit's digit is twice the tens digit. If 36 be added to the number, the digits are reversed.
The number is
(a) 36 (b)63 (c)48 (d)84
4. In the given figure, $x$ is



(a) $\frac{ab}{a+b}$ (b) $\frac{ac}{b+c}$ (c) $\frac{bc}{b+c}$ (d) $\frac{ac}{a+c}$
5. $x$ and $y$ are 2 different digits. If the sum of the two digit numbers formed by using both the digits is a perfect square, then value of $x+y$ is
(a) 10 (b) 11 (c) 12 (d)13
6. If ½ is a root of the equation $x^2+kx-\frac{5}{4}=0$, then
(a) 2 (b)-2 (c) $\frac{1}{4}$ (d) $\frac{1}{2}$
7. If $\alpha$ and $\beta$ are the zeroes of the polynomial $x^2+2x+1$, then $\frac{1}{\alpha}+\frac{1}{\beta}$ is equal to
(a) -2 (b)2 (c) 0 (d)1
8. The real roots of the equation $x^{\frac{2}{3}}+x^{\frac{1}{3}}-2=0$ are
(a) 1,8 (b)-1,-8 (c) -1,8 (d) 1,-8
9. Which term of an AP, 21,42,63,84,... is 210 ?
(a) 9th (b)10th (c) 11th (d)12th
10. If the height and length of the shadow of a man are equal, then the angle of elevation of the sun is,
(a) $45^0$ (b)$60^0$ (c) $90^0$ (d)$120^0$
11. The area of a circular ring formed by two concentric circles whose radii are 5.7cm and 4.3cm respectively is (Take $\pi$ =3.1416)
(a) 44sq.cm. (b)66sq.cm. (c) 22sq.cm. (d)33sq.cm.
12. A sphere is melted and half of the melted liquid is used to form 11 identical cubes, where as the remaining half is used to form 7 identical smaller spheres. The ratio of the side of the cube to the radius of the new small sphere is
(a) $\left(\frac{4}{3}\right)^{\frac{1}{3}}$ (b) $\left(\frac{8}{3}\right)^{\frac{1}{3}}$ (c) $3^{\frac{1}{3}}$ (d) 2
13. The $P(A)$ denotes the probability of an event $A$, then
(a) $P(A) < 0$ (b) $P(A) > 1$ (c) $0 \le P(A) \le 1$ (d) $-1 \le P(A) \le 1$
14. If $\sin\theta=\frac{a}{b}$ then $\cos\theta$ is equal to
(a) $\frac{b}{\sqrt{b^2-a^2}}$ (b) $\frac{b}{a}$ (c) $\frac{\sqrt{b^2-a^2}}{b}$ (d) $\frac{a}{\sqrt{b^2-a^2}}$
15. If radii of two concentric circles are cm4 and cm5 , then the length of each of one circle which is tangent to the other circle, is
(a) 3cm (b) 6cm (c) 9cm (d) 1cm
16. The cumulative frequency table is useful in determining
(a) Mean (b)Median (c) Mode (d)All of these
17. The ratio in which the point $(2,y)$ divides the join of(-4,3) and (6,3), hence the value of $y$ is
(a) $2:3, y=3$ (b) $3:2, y=4$ (c) $3:2, y=3$ (d) $3:2, y=2$
18. If the points $A(4,3)$ and $B(x,5)$ are on the circle with centre $O(2,3)$,then the value of $x$ is
(a) 0 (b)1 (c) 2 (d)3
19. Assertion: 34.12345 is a terminating decimal fraction.
Reason: Denominator of 34.12345, when expressed in the form of $\frac{p}{q}, q \neq 0$ is of the form of $2^m \times 5^n$ where m and n are non-negative integers.
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.
20. Assertion: Common difference of the AP-5,-1,3,7........ is 4
Reason: Common difference of the AP a, a+d, a+2d,...... is given by $d=a_2-a_1$
(a) Both assertion(A) and reason(R) are true and reason(R)is the correct explanation of assertion(A).
(b) Both assertion(A) and reason(R) are true but reason(R) is not the correct explanation of assertion (A).
(c) Assertion(A)is true but reason(R)is false.
(d) Assertion(A) is false but reason(R)is true.

**SECTION-B (2 Marks)**

21. In the given figure, from a point $P$, two tangents $PT$ and $PS$ are drawn to a circle with centre $O$ such that $\angle SPT=120°$,Prove that $OP=2\,PS$.



22. Evaluate
$$\frac{3\tan^2 30^\circ+\tan^2 60^\circ+\operatorname{cosec} 30^\circ-\tan 45^\circ}{\cot^2 45^\circ}$$
23. The mode of the following frequency distribution is 36. Find the missing frequency $f$.

| Class | 0-10 | 10-20 | 20-30 | 30-40 | 40-50 | 50-60 | 60-70 |
|---|---|---|---|---|---|---|---|
| Frequency | 8 | 10 | $f$ | 16 | 12 | 6 | 7 |

**SECTION-C (3 Marks)**

24. The sum of the first 7 terms of an AP is 63 and that of its next 7 terms is 161. Find t
25. In the given figure, $AOB$ is a sector of angle 60c of a circle with centre $O$ and radius 17cm. If $AP \perp OB$ $AP$ =15cm, find the area of the shaded region.




26. If the point $C(-1,2)$ divides internally the line segment joining $A(2,5)$ and $B(x,y)$ in the ratio 3:4 find the coordinates of $B$.
27. Given that $\sqrt{2}$ is irrational, prove that$(5+3\sqrt{2})$is an irrational number.


**SECTION-D (5 Marks)**

28. Solve for $x$ and $y$:
$2x-y+3=0$
$3x-5y+1=0$
29. Prove that tangent drawn at any point of a circle perpendicular to the radius through the point contact.
30. The weight of two spheres of same metal are 1 kg and 7 kg. The radius of the smaller sphere is 3 cm. The two spheres are melted to form a single big sphere. Find the diameter of the new sphere.
31. Amit, standing on a horizontal plane, find a bird flying at a distance of 200 m from him at an elevation of $30^\circ$. Deepak standing on the roof of a 50m high building, find the angle of elevation of the same bird to be $45^\circ$. Amit and Deepak are on opposite sides of the bird. Find the distance of the bird from Deepak.


**SECTION-E (4 Marks)**

32. **Read the text carefully and answer the questions:**
The law of reflection states that when a ray of light reflects off a surface, the angle of incidence is equal to the angle of reflection. Ramesh places a mirror on level ground to determine the height of a pole (with traffic light fired on it). He stands at a certain distance so that he can see the top of the pole reflected from the mirror. Ramesh's eye level is 1.5 m above the ground. The distance of Ramesh and the pole from the mirror are 1.8m and 6m respectively.






(i) Which criterion of similarity is applicable to similar triangles?
(ii) What is the height of the pole?
(iii) If angle of incidence is i, find tan i.
33. **Read the text carefully and answer the questions:**
Eight Ball: This is a game played on a pool table with 15 balls numbered 1 through 15 and a cue ball that is solid white. Of the 15 numbered balls, 8 are a solid (non white) color and numbered 1 through 8 ,and seven are striped balls numbered 9 through 15. The fifteen numbered pool balls (no cue ball) are placed in a large bowl and mixed, then one is drawn out.



(i) What is the probability of drawing the eight ball?
(ii) What is the probability of drawing a number greater than fifteen?
(iii) What is the probability of drawing an even number?
(iv) What is the probability of drawing a multiple of three?

*****

*All the Best...*

**ANSWER KEY**

1. (a) 2. (d) 3. (c) 4. (b) 5. (b) 6. (a) 7. (a) 8. (d) 9. (b) 10. (a)
11. (a) 12. (b) 13. (c) 14.(c) 15. (b) 16. (b) 17. (a) 18. (c) 19. (a) 20. (a)

| | | | |
|---|---|---|---|
| ePaper : | sakalaepaper.com | Twitter : | SakalaNews |
| News Portal : | thesakala.in | Instagram : | sakalanews |
| Facebook : | SakalaNews | Youtube : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଚାକିରି ଛାଡ଼ି କ୍ରିକେଟ ନିଶା

# ସ୍ପିନ ବୋଲିଂର ନୂଆ ସମ୍ଭାବନା 'ସୁମିତ'

କଟକ,୨।୧(ସମିସ)

ଆସନ୍ତା ୫ରୁ ଆରମ୍ଭ ହେବ ରଣଜୀ ଟ୍ରଫି। ପ୍ରଥମ ଦୁଇଟି ମ୍ୟାଚ୍ ନିମନ୍ତେ ଘୋଷିତ ଓଡ଼ିଶା ଦଳରେ ନୂଆ ମୁହଁ ଭାବେ ସାମିଲ ହୋଇଛନ୍ତି କଟକର ସୁମିତ ଶର୍ମା। ମଙ୍ଗଳବାର ସେ ଦଳ ସହ ବରୋଦା ଯାତ୍ରା କରିଛନ୍ତି। ବାମହାତୀ ଅର୍ଥୋଡକ୍ସ ସୁମିତ କ୍ରିକେଟ ଜଗତରେ ଜଣେ ପରିଚିତ ଚେହେରା। କିଛି ବର୍ଷ କ୍ରିକେଟ ଠାରୁ ଦୂରେଇ ରହି ଉଚ୍ଚଶିକ୍ଷା ଲାଭ ସହ ଦିଲ୍ଲୀର ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରୁଥିଲେ। କୋଭିଡ ସମୟରେ ସେ ଓଡ଼ିଶା ଫେରିଥିଲେ। ପୁର୍ନବାର କ୍ରିକେଟ ଅଭ୍ୟାସ ଆରମ୍ଭ କରି ନିରନ୍ତର ଉଦ୍ୟମ ବଳରେ ପୁର୍ନବାର ସେ ରାଜ୍ୟ ବରିଷ୍ଠ ଦଳରେ ନିଜ ପାଇଁ ଜାଗା ସୃଷ୍ଟି କରି ପାରିଛନ୍ତି। ସ୍ପିନ ବୋଲିଂ କ୍ଷେତ୍ରରେ ରାଜ୍ୟ କ୍ରିକେଟ ପାଇଁ ସୁମିତ ଏକ ନୂତନ ସମ୍ଭାବନା ବୋଲି କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ।

ଜୁଭେନାଇଲ କ୍ଲବରେ ଭର୍ତ୍ତି କରିଥିଲେ। ୨୦୧୪-୧୫ ମସିହାରେ ସୁମିତଙ୍କୁ ରାଜ୍ୟ ୧୯ ବର୍ଷରୁ କମ୍ ଦଳରେ ସୁଯୋଗ ମିଳିଥିଲା। ଏହା ପର ସିଜନରେ ମଧ ସେ ରାଜ୍ୟ ଦଳରେ ସ୍ଥାନ ବଜାୟ ରଖିଥିଲେ। ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରାୟ ସେ ରାଜ୍ୟ କ୍ରିକେଟରେ ସକ୍ରିୟ ଥିଲେ। ମାତ୍ର ପରିବାର ଲୋକଙ୍କ

■ ଓଡ଼ିଶା ରଣଜୀ ଦଳ ସହ ସୁମିତଙ୍କ ବରୋଦା ଯାତ୍ରା



ପରାମର୍ଶ ଅନୁସାରେ ୨୦୧୮ରେ ସେ ଉଚ୍ଚଶିକ୍ଷା ପାଇଁ ପୁଣେ ଚାଲି ଯାଇଥିଲେ। ଫଳସ୍ୱରୂପ ତାଙ୍କୁ କ୍ରିକେଟ ଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ସେଠାରେ ଦୁଇବର୍ଷ ଏମବିଏ ପଢ଼ିବା ପରେ ଦିଲ୍ଲୀର ଏକ ନାମିଦାମୀ କମ୍ପାନୀରେ ତାଙ୍କୁ ଚାକିରି ମିଳିଥିଲା। ସେ ଚାକିରି କରୁଥିବା ବେଳେ କୋଭିଡ ମହାମାରୀ ଯୋଗୁଁ ତାଙ୍କୁ ଓଡ଼ିଶା ଫେରିବାକୁ ପଡ଼ିଥିଲା। ହେଲେ କଟକ ଫେରିବା ପରେ ସେ ପୁର୍ନବାର କ୍ରିକେଟ ଖେଳ ଆରମ୍ଭ କରିଥିଲେ। ଜୁଭେନାଇଲ କ୍ଲବରେ ଅଭ୍ୟାସ



କନିକାଛକ ଅଞ୍ଚଳର ମାଞ୍ଜିଲାଲ ଶର୍ମା ଓ ବିଷ୍ଣୁକାନ୍ତା ଶର୍ମାଙ୍କ ଏକମାତ୍ର ପୁଅ ସୁମିତ। ପିଲାଟି ବେଳୁ କ୍ରିକେଟ ଖେଳ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା। କିଲ୍ଲା ପଡ଼ିଆରେ କ୍ରିକେଟ ଖେଳ ଆରମ୍ଭ କରିଥିବା ସୁମିତଙ୍କୁ ପରିବାର ଲୋକେ ଚଳାଇଥିଲେ। କମ୍ପାନୀରୁ ଡାକରା ଆସିଥିଲା। ହେଲେ ଚାକିରି ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ ସୁମିତ। କଳାହାଣ୍ଡି କପ୍‌ର ଗତ ସଂସ୍କରଣରେ କଟକ-ଏ ପକ୍ଷରୁ ଖେଳୁଥିବା ସୁମିତ ୫ଟି ମ୍ୟାଚ୍‌ରୁ ୯ଟି ୱିକେଟ ଅକ୍ତିଆର କରିଥିଲେ। ପୂର୍ବତଟ ରେଳବାଇ ଓ ସମ୍ବଲପୁର ବିପକ୍ଷରେ ୪ଟି ଲେଖାଏ ୱିକେଟ ଦଖଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚଳିତ ରଣଜୀ ସିଜନରେ ଅଭିଜ୍ଞ ସ୍ପିନର ଜୟନ୍ତ ବେହେରାଙ୍କ ସହ ସୁମିତଙ୍କୁ ସ୍ପିନ ଆଟାକ୍‌ରେ ଦେଖିବାକୁ ମିଳିବ। ନବାଗତ

## ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା

# ସମ୍ଭାବ୍ୟ ଭାରତୀୟ ଦଳରେ ୪ ଓଡ଼ିଆ

ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଚଳିତ ମାସ ଶେଷ ଭାଗରେ ଦକ୍ଷିଣ ଆଫ୍ରିକାରେ ଚତୁଃରାଷ୍ଟ୍ରୀୟ ପୁରୁଷ ହକି ପ୍ରତିଯୋଗିତା ଆୟୋଜିତ ହେବ। ଆୟୋଜକ ଦକ୍ଷିଣ ଆଫ୍ରିକା ସମେତ ଭାରତ, ନେଦରଲାଣ୍ଡସ ଓ ଫ୍ରାନ୍ସ ଏଥିରେ ଅଂଶଗ୍ରହଣ କରିବେ। ଏଥିଲାଗି ଗୁରୁବାରଠାରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) କେନ୍ଦ୍ରରେ ଭାରତୀୟ ହକି ଦଳର ୧୧ ଦିନିଆ ଶିବିର ଆରମ୍ଭ ହେବ। ଏହି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ୩୯ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରକ୍ଷଣଭାଗରେ ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ ଏବଂ ଅଗ୍ରଭାଗରେ ଶିଳାନନ୍ଦ ଲାକ୍ରା।

ଆସନ୍ତା ଫେବ୍ରୁଆରୀରେ ଓଡ଼ିଶାରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳାଯିବ। ଏହାପରେ ବର୍ଷର ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଅଲିମ୍ପିକ ରହିଛି। ଏହି ଦୁଇ ପ୍ରତିଯୋଗିତା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ଚତୁଃରାଷ୍ଟ୍ରୀୟ ହକି ପ୍ରତିଯୋଗିତା ଭାରତୀୟ ଦଳ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ଘୋଷିତ ୩୯ ଜଣିଆ ଦଳରେ ଅଭିଜ୍ଞ ପିଆର୍ ଶ୍ରୀଜେଶଙ୍କ ସମେତ କ୍ରିଷ୍ଣା ବାହାଦୂର ପାଠକ, ସୂରଜ କେରକେରା, ପବନ ମଲିକ ଓ ପ୍ରଶାନ୍ତ କୁମାର ଚୌହାନ ଗୋଲ୍‌ରକ୍ଷକ ଭାବେ ସ୍ଥାନ ପାଇଛନ୍ତି। ବର୍ଷର ଏହି ପ୍ରଥମ ପ୍ରତିଯୋଗିତା ଚତୁଃରାଷ୍ଟ୍ରୀୟ ହକିରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିବା ନେଇ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଆଶାବାଦୀ ରହିଛନ୍ତି।



ଅମିତ ରୋହିଦାସ
ଶିଳାନନ୍ଦ ଲାକ୍ରା
ନୀଲମ ସଞ୍ଜୀପ ଖେସ
ଦୀପସାନ ତିର୍କି

# ଓଡ଼ିଶା ମହିଳା ଲିଗ୍: କିଟ୍-କିସ୍, ଓଜିପି ବିଜୟୀ

କଟକ, ୨।୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ମହିଳା ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କିଟ୍-କିସ୍ ଏବଂ ଓଡ଼ିଶା ସରକାରୀ ପ୍ରେସ (ଓଜିପି) ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ କୁନ୍ତି ଭୂମିଆଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କିଟ୍-କିସ୍ ୭-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ସୀମାରାଣୀ ଦେହୁରୀ ୨ଟି ଏବଂ ଅଙ୍କିତା ନାୟକ ଓ କୁନି ମୁଣ୍ଡା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଦିବସର ଅନ୍ୟ ଏକ ମ୍ୟାଚରେ ଓଜିପି ୩-୦ ଗୋଲରେ ଆର୍‌ଡୋର୍ ଫୁଟ୍‌ବଲ୍ ଏକାଡେମୀକୁ ମାତ୍ ଦେଇଛି। ଓଜିପିର ସିଲା ସିଂ, ସୋନାଲି ଶବର ଓ ସୁନିତା ସ୍ୱାଇଁ ଗୋଟିଏ ଲେଖାଏ ସ୍କୋର୍ କରିଥିଲେ।



● ବ୍ରିସ୍‌ବେନ୍ ଅନ୍ତର୍ଜାତୀୟ ଟେନିସ

# ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ନାଦାଲ ବିଜୟୀ

ବ୍ରିସ୍‌ବେନ୍,୨।୧(ଏଜେନ୍ସି): ପାଖାପାଖି ଗୋଟିଏ ବର୍ଷ ପରେ ଟେନିସ୍ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରିଥିବା ସ୍ପେନ୍ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ବିଜୟୀ ହୋଇଛନ୍ତି। ଏଠାରେ ଚାଲିଥିବା ବ୍ରିସ୍‌ବେନ ଅନ୍ତର୍ଜାତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଦାଲ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ପୁରୁଷ ଏକକ ପ୍ରତିଯୋଗିତାରେ



ମଙ୍ଗଳବାର ପୂର୍ବତନ ୟୁଏସ୍ ଓପନ୍ ଚାମ୍ପିଅନ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ୭-୫, ୬-୧ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏହି ବିଜୟ ନାଦାଲଙ୍କ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ୩୭ ବର୍ଷୀୟ ନାଦାଲ ଗତବର୍ଷ ଅଷ୍ଟ୍ରେଲିଆନ ଓପନ୍ ଦ୍ୱିତୀୟ ରାଉଣ୍ଡ ପରାଜୟ ପରଠାରୁ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ଏକକ ମ୍ୟାଚ୍ ଖେଳି ନଥିଲେ। ଗୋଇଠିରେ ଆଘାତ ସମସ୍ୟା କାରଣରୁ ସେ ଟେନିସରୁ ଦୂରେଇ ରହିଥିଲେ। ଆସନ୍ତା ୧୪ ତାରିଖରୁ ବର୍ଷ ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବାକୁ ଯାଉଥିବାରୁ ନାଦାଲ ଏହି ବିଜୟରେ ଖୁସି ଜାହିର କରିଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ରୁଷିଆର ଅସଲାନ କାରାସେଭ ଆହତ ହୋଇ ଓହରିଯିବା ଫଳରେ ଅଷ୍ଟ୍ରେଲିଆର ଜାସନ କୁବ୍‌ଲର ଅଗ୍ରଗତି କରିଥିଲେ। ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ଜୋର୍ଡାନ ଥମ୍ପସନ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍‌ରେ ୬-୩, ୬-୨ ସେଟ୍‌ରେ ଆଲେକଜାଣ୍ଡର ଭୁକିକ୍‌ଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

**ତୃତୀୟ ରାଉଣ୍ଡରେ ଆଜାରେଙ୍କା:** ମହିଳା ଏକକ ପ୍ରତିଯୋଗିତାରେ ପୂର୍ବତନ ୧ ନଂ ଖେଳାଳି ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦୁଇଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିବା ୩୪ ବର୍ଷୀୟା ଆଜାରେଙ୍କା ଦ୍ୱିତୀୟ ରାଉଣ୍ଡରେ ୬-୧, ୭-୬ ସେଟ୍‌ରେ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଅଷ୍ଟ୍ରେଲିଆର ଅରିନା ରାଡିଓନୋଭା ୭-୫, ୭-୬ ସେଟ୍‌ରେ ୧୪ତମ ସିଡ୍ ଆମେରିକାର ସୋଫିଆ କେନିନ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଟପ୍ ସିଡ୍ ଅରିନା ସାବାଲେଙ୍କା, ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ୫ମ ସିଡ୍ ରୁଷିଆରେ ଡାରିଆ କାସାତକିନା ତୃତୀୟ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିବେ।

# ଆଣ୍ଟି-ଡୋପିଙ୍ଗ୍ ଟେଷ୍ଟିଂ ପୁଲ୍‌ରେ କିଶୋର, ମନୁ ସାମିଲ

ନୂଆଦିଲ୍ଲୀ, ୨।୧ (ଏଜେନ୍ସି)

ଭାରତର ଦୁଇ ଜାଭେଲିନ୍ ଫିଙ୍ଗାଳୀ ଓଡ଼ିଆ ତାରକା କିଶୋର ଜେନା ଓ ଡିପି ମନୁ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ)ର ପଞ୍ଜିକୃତ ଟେଷ୍ଟିଂ ପୁଲ୍ (ଆର୍‌ଟିପି)ରେ ସାମିଲ ହୋଇଛନ୍ତି। ଏଆଇୟୁ ହେଉଛି ବିଶ୍ୱ ଆଥ୍‌ଲେଟିକ୍ସ ଦ୍ୱାରା ସୃଷ୍ଟି ହୋଇଥିବା ଏକ ସ୍ୱାଧିନ ସଂସ୍ଥା, ଯାହା ଡୋପିଂ ଓ ବୟସ ଠକେଇ ସମେତ ସମସ୍ତ ଅଖଣ୍ଡତା ପରିଚାଳନା କରିଥାଏ। ବର୍ଷର ପ୍ରତି ତ୍ରୈମାସରେ କିଛି ଅନ୍ତର୍ଜାତୀୟ ଆଥ୍‌ଲେଟ୍‌ଙ୍କୁ ଆର୍‌ଟିପିରେ ସାମିଲ କରାଯାଇଥାଏ। ଏହି ଆଥ୍‌ଲେଟ୍‌ମାନେ ସେମାନଙ୍କ କ୍ରୀଡ଼ାରେ ଏଲିଟ୍‌ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପରେ ସେମାନଙ୍କୁ ଆର୍‌ଟିପିରେ ଯୋଡ଼ା ଯାଇଥାଏ। ୨୦୨୪ ପ୍ରଥମ ତ୍ରୈମାସରେ ପାଖାପାଖି ୮୦୦ ଆଥ୍‌ଲେଟ୍ ଆର୍‌ଟିପିରେ ରହିଛନ୍ତି।




ଓଡ଼ିଆ ପୁଅ କିଶୋର ଜେନା ଓ ଡିପି ମନୁ ୨୦୨୩ରେ ବୁଦାପେଷ୍ଟ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଜାଭେଲିନ୍ ଥ୍ରୋ'ରେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ରହିଥିଲେ। କିଶୋର ମଧ ବର୍ଷ ଶେଷ ଭାଗରେ ଅନୁଷ୍ଠିତ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ସଫଳତା ପାଇଥିଲେ। କିଶୋର ଓ ମନୁଙ୍କ ବ୍ୟତୀତ ପୂର୍ବରୁ ତାରକା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା, ଷ୍ଟିପଲଚେଜର୍ ଅବିନାଶ ସାବଲେ, ଅନୁ ରାଣୀ, ମୂରଲୀ ଶ୍ରୀଶଙ୍କର ଓ ଜେସ୍ୱିନ ଆଲଡ୍ରିନ ଏହି ଆର୍‌ଟିପିରେ ସାମିଲ ରହିଛନ୍ତି।

# ୱାର୍ଣ୍ଣରଙ୍କ ବେଗି ଗ୍ରୀନ୍ କ୍ୟାପ୍ ହଜିଲା

ସିଡନୀ,୨।୧(ଏଜେନ୍ସି): ଏଠାରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଅଭିଜ୍ଞ ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ଣ୍ଣର ସନ୍ୟାସ ନେବାକୁ ଘୋଷଣା କରିଛନ୍ତି। ଏହି ବିଦାୟୀ ଟେଷ୍ଟ ପୂର୍ବରୁ ତାଙ୍କ ସହ ଏକ ଅଭାବନୀୟ ଘଟଣା ଘଟିଛି। ୱାର୍ଣ୍ଣଙ୍କ ବେଗି ଗ୍ରୀନ୍ କ୍ୟାପ୍ ଅର୍ଥାତ ଟେଷ୍ଟ ମ୍ୟାଚ୍ ଟୋପି ହଜିଯାଇଛି। ସେ ଏହି ଟୋପିକୁ ଏକ ବ୍ୟାଗର ଭିତରେ ଥିବା ବ୍ୟାକ୍‌ପ୍ୟାକ୍‌ରେ ରଖିଥିଲେ। ଏବେ ସେ ଏହାକୁ ଫେରିପାଇବାକୁ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ସମସ୍ତଙ୍କୁ ଅନୁରୋଧ କରିଛନ୍ତି।



ଗତ ସପ୍ତାହରେ ପାକିସ୍ତାନ ବିପକ୍ଷ ବକ୍ସିଂ ଡେ ଟେଷ୍ଟରେ ଅଷ୍ଟ୍ରେଲିଆର ବିଜୟ ପରେ ସେ ସିଡନୀ ସ୍ଥିତ ନିଜ ଘରକୁ ଫେରିଥିଲେ। ସେ ଏହି ବ୍ୟାକ୍‌ପ୍ୟାକ୍‌କୁ ଗୋଟିଏ ବଡ଼ ବ୍ୟାଗରେ ରଖିଥିଲେ। ଏହାକୁ ଟିମ୍‌ର ବାକି ଜିନିଷପତ୍ର ସହ ଡିସେମ୍ବର ୩୧ରେ ମେଲବୋର୍ଣ୍ଣରୁ ସିଡନୀ ପଠାଯାଇଥିଲା ଓ ଏହି ପ୍ରକ୍ରିୟାରେ ତାଙ୍କ ଟେଷ୍ଟ ଟୋପି ଚୋରି ହୋଇଛି କିମ୍ବା ହଜି ଯାଇଛି ବୋଲି ସେ କହିଛନ୍ତି। ଏହି ଟୋପି ଫେରାଇବାକୁ ଏବେ ସେ ଅନୁରୋଧ କରିଛନ୍ତି। ନୂଆବର୍ଷ ଅର୍ଥାତ ସୋମବାର ଦିନ ସେ ଟେଷ୍ଟ ଓ ଦିନିକିଆ ଫର୍ମାଟରୁ ଅବସର ନେବାକୁ ଘୋଷଣା କରିଥିଲେ। ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ୧୧୦ ଟେଷ୍ଟ, ୧୬୧ ଦିନିକିଆ ଓ ୯୯ଟି ଟି-୨୦ ମ୍ୟାଚ୍ ଖେଳି ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି।

# ନାଭାଲ ଟାଟା ହକିର ବଡ଼ ବିଜୟ

ନୂଆଦିଲ୍ଲୀ, ୨।୧ (ଏଜେନ୍ସି): ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ଉପକନିଷ୍ଠ ବାଳିକା ହକିର ଦ୍ୱିତୀୟ ଦିବସରେ ମଙ୍ଗଳବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି, ସାଇ ଶକ୍ତି ଓ ପ୍ରୀତମ ସ୍ୱିଆଚ୍ ହକି ଏକାଡେମୀ ବିଜୟ ଲାଭ କରିଛନ୍ତି। ଦିବସର ୩ୟ ମ୍ୟାଚରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଓ ଅନନ୍ତପୁର ସ୍ପୋର୍ଟ୍ସ ଏକାଡେମୀ ସାମ୍ନାସାମ୍ନି ହୋଇଥିଲେ। ଏହି ମ୍ୟାଚକୁ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ୬-୦ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସାନିଆ ସୟଦ ଓ ପ୍ରଜ୍ଞା ପଟେଲ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଅଧିନାୟିକା ଡଲି ଭୋଇ ଓ ଶୀତଲ ଯାଦବଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା।

## ମହିଳା ଦିନିକିଆ କ୍ରିକେଟ୍; ଭାରତର ହ୍ୟାଟ୍ରିକ ପରାଜୟ

# ସିରିଜ୍ ମୂଳପୋଛ କଲା ଅଷ୍ଟ୍ରେଲିଆ

ମୁମ୍ବଇ, ୨।୧ (ଏଜେନ୍ସି):

ଭ୍ରମଣକାରୀ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ଭାରତ ୧୯୦ ରନର ବୃହତ୍ ବ୍ୟବଧାନରେ ପରାଜୟବରଣ କରିଛି। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଭାରତୀୟ ମହିଳା କ୍ରିକେଟ୍ ଦଳ ୩୨.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଯଥାକ୍ରମେ ୬ ୱିକେଟ୍ ଓ ୩ ରନରେ ଜିତିଥିବା ଅଷ୍ଟ୍ରେଲିଆ ଏଥିସହ ସିରିଜକୁ ୩-୦ରେ ମୂଳପୋଛ କରିନେଇଛି। ଦୁଇ ଦଳ ମଧ୍ୟରେ ଏହାପରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହେବ।

ମଙ୍ଗଳବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଆଲିସା ହେଲୀ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପାଳି ଆରମ୍ଭ କରିଥିବା ବାମହାତୀ ଓପନର୍ ଫୋଏବ ଲିଚ୍‌ଫିଲ୍ଡଙ୍କ ଆକର୍ଷଣୀୟ ଶତକ




ବଳରେ ଭ୍ରମଣକାରୀ ଦଳ ୫୦ ଓଭରରେ ୭ ୱିକେଟ୍ ବିନିମୟରେ ୩୩୮ ରନର ବିଶାଳ ସ୍କୋର ଠିଆ କରାଯାଇଥିଲା। ସେ ୧୨୫ ବଲରୁ ୧୬ ଚୌକା ଓ ୧ ଛକା ସହାୟତାରେ ୧୧୯ ରନ କରିଥିଲେ। ଅନ୍ୟତମ ଓପନର୍ ତଥା ଅଧିନାୟିକା ହେଲୀ ମଧ ୮୫ ବଲରୁ ୮୨ ରନର ଉପଯୋଗୀ ପାଳି ଖେଳିଥିଲେ। ଓପନିଂ ୱିକେଟ୍‌ରେ ଏହି ଦୁଇ ଖେଳାଳି ୧୮୯ ରନ ଉଠାଇ ଏକ ଦୃଢ଼ ମୂଳଦୁଆ ପକାଇଥିଲେ। ହେଲୀଙ୍କୁ ଆଉଟ୍ କରି ମଧ୍ୟଗତିର ବୋଲର ପୂଜା ବସ୍ତ୍ରାକାର ଭାରତକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ' ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଆଲାନ କିଙ୍ଗ ୨୬*, ଆସଲେ ଗାର୍ଡନର ୩୦, ଏଲିସେ ପେରୀ ୧୬ ରନ କରିଥିଲେ। ଭାରତ ତରଫରୁ ଶ୍ରେୟଙ୍କା ପାଟିଲ ସର୍ବାଧିକ ୩ ଓ ଅମନଜୋତ୍ କୌର ୨ଟି ୱିକେଟ୍ ନେଇଥିଲେ। ଜବାବରେ ଘରୋଇ ଭାରତ ନିୟମିତ ବ୍ୟବଧାନରେ ୱିକେଟ୍‌ମାନ ହରାଇ ୩୨.୪ ଓଭରରେ ୧୪୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ସ୍ମୃତି ମନ୍ଧାନା (୨୯), ଜେମିମା ରୋଡ୍ରିଗ୍ୱେଜ (୨୫), ଦୀପ୍ତି ଶର୍ମା (୨୫*) ଓ ରିଚା ଘୋଷ (୧୯) ଭଲ ଆରମ୍ଭ କରିଥିଲେ ମଧ ବଡ଼ ପାଳି ଖେଳିପାରି ନ ଥିଲେ। ବିଜୟୀ ଜର୍ଜିଆ ୱାରେହାମ ୩ ଏବଂ ମେଗନା ସ୍କଟ୍, ଆଲାନ କିଙ୍ଗ୍ ଓ ଆନାବେଲ୍ ସଦରଲାଣ୍ଡ ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିଲେ।


ସକାଳ
THE SAKALA
www.thesakala.in
We require the following posts for various locations urgently.

1. District Correspondent
For Various District
Qualification: MJMC with 5 yrs. experience.

2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience

3. Layout Designer
For Bhubaneswar
Qualification: Minimum 3 yrs experience in respective field.

4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.

Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ

କେପ୍‌ଟାଉନ୍, ୨।୧ (ଏଜେନ୍ସି)

କେପ୍‌ଟାଉନ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ତଥା ଶେଷ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହେବ। ଏହି ଟେଷ୍ଟକୁ ମୁକାବିଲା କରିବା ଲାଗି ଭାରତୀୟ ଦଳର ମୁଣ୍ଡବିନ୍ଧା ବଢ଼ିଛି। ଏହାର କାରଣ ହେଲା ଏହି ଟେଷ୍ଟ ମ୍ୟାଚ୍‌କୁ କିପରି ଜିତିବ। ଦଳ କେଉଁ ଖେଳାଳିଙ୍କୁ ସାମିଲ କରିବ, କାହାକୁ ଗୁରୁତ୍ୱ ଦିଆଯିବ, ଏହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଦାୟିତ୍ୱ ବଢ଼ିଯାଇଛି। ଅଧିନାୟକ ରୋହିତ ଶର୍ମା ଓ ପ୍ରଶିକ୍ଷକ ରାହୁଲ ଦ୍ରାବିଡ଼ ଚୂଡାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ରୋହିତ ଶର୍ମା ମଧ୍ୟ ଭଲ ଫର୍ମରେ ନାହାନ୍ତି। ଭାରତୀୟ ବ୍ୟାଟରମାନେ ଭଲ ଫର୍ମରେ ନଥିଲାବେଳେ ପେସ୍ ବୋଲରଙ୍କ ଲାଇନ୍ ଲେଙ୍ଗଥ ଠିକ୍ ନାହିଁ। ଏଭଳି ସ୍ଥିତିରେ ଦକ୍ଷିଣ ଆଫ୍ରିକା ଭଳି ଘରୋଇ ମାଟିରେ ଶକ୍ତିଶାଳୀ ଦଳକୁ କିପରି ହରାଇବ ତାହାକୁ ନେଇ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ବିଶେଷ କରି ସେଞ୍ଚୁରିଆନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଦଳର ଶୋଚନୀୟ ପରାଜୟ ରୋହିତ ଓ ରାହୁଲଙ୍କୁ ଅଡୁଆରେ ପକାଇଛି। ଏଣୁ ଏମାନଙ୍କୁ କିଛି କଠିନ ନିଷ୍ପତ୍ତି ନେବାକୁ ହେବ ବୋଲି ଆଶା କରାଯାଉଛି।

ଏଠାରେ ଖେଳାଯିବାକୁ ଥିବା ଟେଷ୍ଟର ପିଚ୍‌ରେ ଘାସ ରହିଛି। କିନ୍ତୁ ଏହା ବ୍ୟାଟରଙ୍କୁ ସୁହାଉଥିବାର ନଜିର ରହିଛି। ଦଳର ୩ଜଣ ଟପ୍ ଅର୍ଡର ବ୍ୟାଟର ଆଦୌ ଭଲ ଫର୍ମରେ ନାହାନ୍ତି। ଦୁଇ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଶୁବମାନ ଗିଲ ପ୍ରତିପକ୍ଷ ଦଳର ଫାଷ୍ଟ ବୋଲରଙ୍କୁ ଭଲ ଭାବେ ମୁକାବିଲା କରିବାରେ ଅସମର୍ଥ ହୋଇଛନ୍ତି। ରୋହିତଙ୍କ ଫର୍ମ ଦଳର ଚିନ୍ତା ବଢ଼ାଇଛି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରାଜୟର ଦୁଃଖକୁ ଏଯାଏ ସେ ଭୂଲି ପାରି ନାହାନ୍ତି। ପ୍ରଥମ ଟେଷ୍ଟରେ ମଧ୍ୟ ତାଙ୍କର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ମ୍ୟାଚ୍‌ରେ ସେ ଉଭୟ ପାଳିରେ ବିଫଳ ହୋଇଥିଲେ। ବ୍ୟାଟିଂ ଫର୍ମ ଓ ରଣନୀତିକୁ ସେ ଠିକ୍ ପରିଚାଳନା କରିପାରିଲେ, ଭାରତ ସପକ୍ଷରେ ଫଳାଫଳ ଆସିବାର ସମ୍ଭାବନା ସୃଷ୍ଟି ହେବ। ଜୟସ୍ୱାଲ ଓ ଗିଲ୍‌ଙ୍କୁ କିଛିଟା ଚମତ୍କାର ବ୍ୟାଟିଂ କରିବାକୁ ହେବ। ଶ୍ରେୟସ ଆୟର ମଧ୍ୟ ପୁଣିଥରେ ସର୍ଟପିଚ୍ ବଲ ଖେଳିବା ନେଇ ଅସୁବିଧାରେ ପଡ଼ିଛନ୍ତି। ତାଙ୍କୁ ମଧ୍ୟ ଏଠାରେ କିଛି ଭଲ ଖେଳ ଦେଖାଇବାକୁ ପଡ଼ିବ। ଦୁଇ ବ୍ୟାଟର ବିରାଟ କୋହଲି ଓ ଲୋକେଶ ରାହୁଲଙ୍କୁ ବାଦ୍‌ଦେଲେ ଅନ୍ୟ କୌଣସି ବ୍ୟାଟର ଭଲ ପ୍ରଦର୍ଶନ କରିପାରି ନାହାନ୍ତି।

ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଫିଟ୍ ହୋଇଯାଇଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କ ସ୍ଥାନରେ ସେ ଏହି ଟେଷ୍ଟ ଖେଳିବା ନିଶ୍ଚିତ। ବ୍ୟାଟିଂରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ। କିନ୍ତୁ ଜାଡେଜା ସାମିଲ ହେଲେ ନିମ୍ନ ମଧ୍ୟଭାଗ ବ୍ୟାଟିଂ ଦୃଢ଼ ହେବ। ଏହାଛଡ଼ା ସେ ମଧ୍ୟ ଭଲ ବୋଲିଂ କରିପାରିବେ। ଏହା ଭାରତ ଲାଗି କେବଳ ଏକମାତ୍ର ଶୁଭ ଖବର। କିନ୍ତୁ ବୋଲିଂକୁ ନେଇ ଭାରତର ସ୍ଥିତି ଆଦୌ ଭଲ ନାହିଁ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ୍ ସିରାଜ ଭଲ ସଫଳତା ପାଇଛନ୍ତି। ଏମାନଙ୍କ ବ୍ୟତୀତ ଟେଷ୍ଟ କ୍ରିକେଟ ଲାଗି ପ୍ରସିଦ୍ଧ କ୍ରିଷ୍ଣାଙ୍କ ନିକଟରେ ଅଭିଜ୍ଞତା ନାହିଁ। ଶାର୍ଦ୍ଦୁଳ ଠାକୁରଙ୍କ ବୋଲିଂରେ ଦକ୍ଷିଣ ଆଫ୍ରିକା ବ୍ୟାଟର ପ୍ରଭାବିତ ହେଉନାହାନ୍ତି। ତାଙ୍କ ବ୍ୟାଟିଂ ମଧ୍ୟ କ୍ଲିକ୍ କରିନାହିଁ। ଏମାନଙ୍କୁ ଦ୍ୱିତୀୟଥର ଲାଗି ସାମିଲ କରାଯିବ କି ନାହିଁ ତାହା ଟସ୍ ପୂର୍ବରୁ ଜଣାପଡ଼ିବ। ସେମାନଙ୍କ ସ୍ଥାନରେ ଭଲ ବୋଲିଂ କରୁଥିବା ମୁକେଶ କୁମାର ଓ ନବାଗତ ଆଭେଷ ଖାନ୍‌ଙ୍କୁ ଯଦି ଦଳରେ ସାମିଲ କରାଯିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିଏ ଖେଳିବେ ବା ନ ଖେଳିବେ ତାହା ଏବେ ବଡ଼ କଥା ନୁହେଁ, ଯେଉଁମାନେ ଦଳରେ ସ୍ଥାନ ପାଇବେ ସେମାନଙ୍କ ପ୍ରଦର୍ଶନ ଉପରେ ଦଳର ହାରଜିତ ନିର୍ଭର କରିବ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଭଲ ସ୍ଥିତିରେ ରହିଛି। ତେମ୍ବା ବଭୂମା ଅନ୍‌ଫିଟ୍ ହେବାରୁ ଡିଏ ଏଲଗାରଙ୍କୁ ଏହି ମ୍ୟାଚ୍ ଲାଗି ନେତୃତ୍ୱ ପ୍ରଦାନ କରାଯାଇଛି। ଏହା ପରେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବେ। ପ୍ରଥମ ଟେଷ୍ଟରେ ଏଲଗାର ଓ ମାର୍କୋ ଜାନସେନ୍‌ଙ୍କ ବ୍ୟାଟିଂ ଭାରତକୁ ହରାଇବାରେ ପ୍ରମୁଖ ଭୂମିକା ନେଇଥିଲା। ଏମାନେ ଦ୍ୱିତୀୟଥର ମଧ୍ୟ ଏହିପରି ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। କିନ୍ତୁ ସମସ୍ତ ବୋଲର ଫିଟ୍ ରହିଛନ୍ତି।




### ଆଜିଠାରୁ ଦ୍ୱିତୀୟ ଟେଷ୍ଟ

**ଖେଳ ଆରମ୍ଭ- ଅପରାହ୍ଣ ୨ଟା**
**ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ, ହଟ୍ ଷ୍ଟାର**

### ଖେଳାଳି ଦଳ

**ଭାରତ**
ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସିରାଜ, ଆଭେଷ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା, ରବିଚନ୍ଦ୍ରନ ଅଶ୍ୱିନ ଓ ଅଭିମନ୍ୟୁ ଈଶ୍ୱରନ।

**ଦକ୍ଷିଣ ଆଫ୍ରିକା**
ଡିନ୍ ଏଲଗାର (ଅଧିନାୟକ), ଆଇଡେନ୍ ମାର୍କରାମ, ଟୋନି ଡି ଜୋର୍ଜି, କିଗାନ ପିଟରସନ, ଡେଭିଡ୍ ବେଡିଙ୍ଗହାମ୍, କାଏଲ ଭେରିନ୍, ମାର୍କୋ ଜାନସେନ, କାଗିସୋ ରାବାଡା, ଲୁଙ୍ଗି ଏନ୍‌ଗିଡି, ନାନ୍ଦ୍ରେ ବର୍ଗର, କେଶବ ମହାରାଜ, ୱିଆନ ମୁଲ୍ଡର, ଜୁବେର ହାମ୍‌ଜା ଓ ଟ୍ରିଷ୍ଟାନ ଷ୍ଟବ୍ସ।

# ରାକେଶଙ୍କୁ ସ୍ୱର୍ଣ୍ଣ, ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୨।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ଅତ୍ୟାଧୁନିକ ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଜାତୀୟ ବରିଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାକୁ ମଙ୍ଗଳବାର କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଆନୁଷ୍ଠାନିକ ଉଦ୍ଘାଟନ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଅନୁଷ୍ଠିତ ପୁରୁଷ ବିଭାଗ ଅଲରାଉଣ୍ଡ ପ୍ରତିଯୋଗିତାରେ ଓଡ଼ିଶାର ରାକେଶ ପାତ୍ର ୨୯୦.୪୦ ପଏଣ୍ଟ ପାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ରେଳବାଇର ସିଦ୍ଧାର୍ଥ ବର୍ମା ଦ୍ୱିତୀୟ ଓ ସର୍ଭିସେସ୍ର ଗୌରବ କୁମାର ତୃତୀୟ ହୋଇଛନ୍ତି। ଦଳଗତ ବିଭାଗରେ ରେଳବାଇ ସର୍ବାଧିକ ୨୯୩ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଛି। ସର୍ଭିସେସ୍ ଦ୍ୱିତୀୟ ଓ ଆୟୋଜକ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ବୁଧବାର ଅଲିମ୍ପିଆନ ଦୀପା କର୍ମକାର ଓ ପ୍ରଣତି ନାୟକ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବେ।



### ଜାତୀୟ ବରିଷ୍ଠ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

# ପୁଣି ପଏଣ୍ଟ ବାଣ୍ଟିଲେ ଜଗରନଟ୍ସ-କୁଇକ ଗନ୍ସ




### ଅଲ୍ଟିମେଟ ଖୋ ଖୋ-୨

କଟକ,୨।୧(ସମିସ)

ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାର ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ ଗନ୍ସ ମଧ୍ୟରେ ଖେଳାଯାଇଥିବା ଅଲ୍ଟିମେଟ ଖୋ ଖୋ-୨'ର ମୁକାବିଲା ଟାଇରେ ସମାପ୍ତ ହୋଇଛି। ଏହି ମ୍ୟାଚ୍ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୩୦-୩୦ ପଏଣ୍ଟରେ ଶେଷ ହୋଇଥିଲା। ଫଳରେ ଚଳିତ ଦ୍ୱିତୀୟ ସଂସ୍କରଣରେ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଏହି ଦ୍ୱିତୀୟ ରାଉଣ୍ଡ-ରବିନ ଲିଗ୍ ମ୍ୟାଚ୍ ମଧ୍ୟ ବିନା ହାର୍‌ଜିତ୍‌ରେ ଶେଷ ହୋଇଛି। ଏଥିପୂର୍ବରୁ ଗତ ୨୬ ତାରିଖରେ ଜଗରନଟ୍ସ ଓ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୩୪-୩୪ ପଏଣ୍ଟରେ ସରିଥିଲା। ଉଭୟ ଦଳ ପୁଣିଥରେ ପଏଣ୍ଟ ଭାଗ ବାଣ୍ଟି ନେଇଛନ୍ତି। ଏହି ଟାଇ ସହ ଚେନ୍ନାଇ ୬ ମ୍ୟାଚରୁ ୧୬ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷକୁ ଉଠିଛି।

**ଖିଲାଡିସ୍-୨୬; ଜାଏଣ୍ଟ୍ସ- ୨୬**

ସେହିଭଳି ରାତିରେ ମୁମ୍ବାଇ ଖିଲାଡିସ୍ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଖେଳାଯାଇଥିବା ଆଉ ଏକ ମ୍ୟାଚ୍ ମଧ୍ୟ ଟାଇ ରହିଥିଲା। ଏଥିରେ ଉଭୟ ଦଳ ୨୬ ପଏଣ୍ଟ ଲେଖାଏ କରିଥିଲେ। ଗୁଜରାଟ ୧୩ ପଏଣ୍ଟ ପାଇ ୨ୟ ଓ ଖିଲାଡିସ୍ ୬ ପଏଣ୍ଟ ପାଇ ୫ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର